



ପୃଷ୍ଠା ୬

# ସଂଚାର

THE SANCHAR


ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 307 | ଭାଗ ୩୨ | ସଂଖ୍ୟା ୩୦୭ Bhubaneswar | Friday 31 January 2025 | Page 8 Rs. 4.00 ଭୁବନେଶ୍ୱର ଶୁକ୍ରବାର ୩୧ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଆଜିଠୁ ବଜେଟ୍ ଅଧିବେଶନ

- ଶନିବାର ବଜେଟ୍, ଆସିପାରେ ସଂଶୋଧିତ ୱାକଫ୍ ବିଲ୍
- ସର୍ବଦଳୀୟ ବୈଠକରେ ସହଯୋଗ ଲୋଡ଼ିଲେ ସରକାର



ନୂଆଦିଲ୍ଲୀ, ୩୦।୧: ଆସନ୍ତାକାଲିଠାରୁ ସଂସଦର ବଜେଟ୍ ଅଧିବେଶନ ଆରମ୍ଭ ହେବ। ଏଥିସହ ଦିନକ ପରେ ଅର୍ଥାତ୍ ଆସନ୍ତା ଶନିବାର କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଉପସ୍ଥାପନ କରିବେ। ବଜେଟ୍ ଅଧିବେଶନ ପୂର୍ବରୁ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଅଧିବେଶନକୁ ସୁରୁଖୁରୁରେ ଚଳାଇବା ସକାଶେ କେନ୍ଦ୍ର ସରକାର ସବୁ ଦଳର ସହଯୋଗ ଲୋଡ଼ିଛନ୍ତି। ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱାସ୍ଥ୍ୟମନ୍ତ୍ରୀ ଜେ. ପି ନଡ୍ଡାଙ୍କ ସମେତ ସବୁ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ। ଆଗାମୀ ବଜେଟ୍ ଅଧିବେଶନରେ ବିରୋଧୀ ଦଳଗୁଡ଼ିକ ଅତ୍ୟାବାଶ୍ୟକ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ଓ ନିଯୁକ୍ତି ଆଦିକୁ ମୁଖ୍ୟ ପ୍ରସଙ୍ଗ କରି କେନ୍ଦ୍ର ସରକାରଙ୍କୁ ପୃଷ୍ଠା-୬

### 'ବିକଶିତ ଗାଁ, ବିକଶିତ ଓଡ଼ିଶା' ପାଇଁ ମାର୍ଗଦର୍ଶିକା

# ଗ୍ରାମସଭାରୁ ଗାଁ ବିକାଶର ନକ୍ସା

## ହଜାରେ କୋଟିର ବଜେଟ୍, ଆଦିବାସୀ ଅଞ୍ଚଳକୁ ଗୁରୁତ୍ୱ

- ଆଇଟିଡିଏ ବ୍ଲକ୍ ପାଇଁ ସର୍ବାଧିକ ୪୦%
- ସୁଧୁରିବ ଗାଁ ରାସ୍ତା, ଖର୍ଚ୍ଚ ହେବ ୩୫%
- ପ୍ରତି ବ୍ଲକ୍‌ରେ ପଠନ ଗୃହ ବ୍ୟବସ୍ଥା
- ପର୍ଯ୍ୟଟନସ୍ଥଳୀର ବିକାଶ ହେବ
- ୧୪ ସୁଦ୍ଧା ପ୍ରକଳ୍ପ ତାଲିକା ଚୟନ ନିର୍ଦ୍ଦେଶ

ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ): 'ବିକଶିତ ଗାଁ, ବିକଶିତ ଓଡ଼ିଶା' ପାଇଁ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି। ଜିଲ୍ଲାପାଳ ଓ ବିଡିଓଙ୍କୁ ଏହି ମାର୍ଗଦର୍ଶିକା ପଠାଯାଇଛି। ଆସନ୍ତା ୧୫ ତାରିଖ ସୁଦ୍ଧା ପ୍ରତି ଗାଁ ସେହି ଅନୁସାରେ ୫ବର୍ଷିଆ ଯୋଜନା ତାଲିକା ପ୍ରସ୍ତୁତ କରି ପଠାଇବାକୁ କୁହାଯାଇଛି। ୨୦୨୪-୨୫ରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ପାଇଁ ସରକାର ବଜେଟ୍‌ରେ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ ରଖିଛନ୍ତି। ନୂଆ ମାର୍ଗଦର୍ଶିକା ମୁତାବକ ଏହି ଟଙ୍କାକୁ ପ୍ରତି ପଞ୍ଚାୟତରେ ଆବଣ୍ଟନ କରାଯିବ। ନୂଆ ବ୍ୟବସ୍ଥା ଅନୁସାରେ, ପଛୁଆ ବା ଆଦିବାସୀ ବହୁଳ ଅଞ୍ଚଳକୁ ଏହି ଯୋଜନାରେ ସର୍ବାଧିକ ପ୍ରାଥମିକତା ଦିଆଯିବ। ଏଥିପାଇଁ ମୋଟ ପାଣ୍ଠିର ୪୦ ପ୍ରତିଶତ ବା ୪୦୦ କୋଟି କେବଳ ଆଇଟିଡିଏ (ଇଣ୍ଟିଗ୍ରେଟେଡ୍ ଟ୍ରାଇବାଲ ଡେଭଲପମେଣ୍ଟ ଏଜେନ୍ସି) ଅଧୀନରେ ଥିବା ବ୍ଲକ୍‌ରେ ଖର୍ଚ୍ଚ ହେବ।

ରାଜ୍ୟର ମୋଟ ୩୧୪ ବ୍ଲକ୍ ମଧ୍ୟରୁ ୧୨୧ଟି ବ୍ଲକ୍ ଆଇଟିଡିଏ ଅଧୀନରେ ଆସୁଛି। ଏହିସବୁ ଅଞ୍ଚଳର ବିକାଶକୁ ସରକାର ଅଧିକ ଗୁରୁତ୍ୱ ଦେବେ। ବାକି ୧୯୩ଟି ବ୍ଲକରେ ଥିବା ପଞ୍ଚାୟତକୁ ୬୦୦ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ ହେବ। ପ୍ରତି ଗାଁରେ ଭଲ ରାସ୍ତା ନିର୍ମାଣ ପାଇଁ ଟଙ୍କା ଦିଆଯିବ। ଗାଁରେ ବ୍ଲକ ଟପ୍ ରୋଡ୍, କଂକ୍ରିଟ୍ ରୋଡ୍ ଓ ପେଭର ବ୍ଲକ ରାସ୍ତା ତିଆରି ହେବ। ଆବଶ୍ୟକ ସ୍ଥାନରେ ଡ୍ରେନ୍ ବି ନିର୍ମାଣ ହେବ। ତେବେ ପଞ୍ଚାୟତକୁ ମିଳିଥିବା ମୋଟ ପାଣ୍ଠିର ୩୫ ପ୍ରତିଶତ କେବଳ ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ ହେବ। ଏହାଠାରୁ ଅଧିକ ଟଙ୍କା ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ କରିହେବନାହିଁ। ସଂରକ୍ଷିତ ଜଙ୍ଗଲ ଓ ଜଙ୍ଗଲ ଅଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ମଧ ମେଟାଲିଂ ମାନର ରାସ୍ତା ନିର୍ମାଣ କରାଯିବ। ପୂର୍ବରୁ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ଜଙ୍ଗଲ ଅଞ୍ଚଳରେ ରାସ୍ତା ତିଆରି ଉପରେ କଟକଣା ଥିଲା। ଏଣିକି ଏହି ଯୋଜନା ଅଧୀନରେ ପ୍ରତି ବ୍ଲକରେ ରିଡିଂ ରୁମ୍ ବା ପଠନ ଗୃହ ବ୍ୟବସ୍ଥା କରାଯିବ। ଏଠାରେ ପଢ଼ା ବହି ସାଙ୍ଗକୁ ଇଣ୍ଟରନେଟ୍ ସୁବିଧା ମିଳିବ। ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ ଏହା ଖୋଲା ରହିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନେ ଏଠାରେ ସ୍ୱଳ୍ପ ଦେୟ ଦେଇ ପୃଷ୍ଠା-୬





### ମହାକୁମ୍ଭ ପିଛା ଛାଡୁନି ଅଘଟଣ

## ପୁଣି ଅଗ୍ନିକାଣ୍ଡ: ୧୫ ଟେଣ୍ଟ୍ ପାଉଁଶ

ପ୍ରୟାଗରାଜ,୩୦।୧: ଏଠାରେ ଚାଲିଥିବା ବିଶ୍ୱପ୍ରସିଦ୍ଧ ମହାକୁମ୍ଭମେଳାରେ ଆଜି ପୁଣି ଭୟାବହ ଅଗ୍ନିକାଣ୍ଡ ଘଟିଛି, ଯେଉଁଥିରେ ୧୫ଟି ଟେଣ୍ଟ୍ ଜଳିପୋଡ଼ି ପାଉଁଶ ହୋଇଯାଇଛି। ମହାକୁମ୍ଭର ସେକ୍ଟର-୨୨ରେ ଏହି ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ତେବେ ଅଗ୍ନିଶମ ବାହିନୀ ସଠିକ୍ ସମୟରେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି। ଏହି ଘଟଣାରେ କେହି ମୃତାହତ ହୋଇଥିବା ନେଇ କୌଣସି ଖବର ମିଳିନାହିଁ। ତେବେ ଅଗ୍ନିକାଣ୍ଡର ଠୋସ୍ କାରଣ ମଧ ଜଣାପଡ଼ିନାହିଁ। ଏହି ଅଗ୍ନିକାଣ୍ଡ ଘଟଣା ପରେ ମେଳା ଅଧିକାରୀମାନେ ଶ୍ରଦ୍ଧାଳୁଙ୍କୁ ଶାନ୍ତି ବଜାୟ ରଖିବା ନିମନ୍ତେ ନିବେଦନ କରିବା ସହ ଘଟଣାର ଯାଞ୍ଚ ଆରମ୍ଭ କରିଛନ୍ତି। ଅଗ୍ନିକାଣ୍ଡ ଘଟିବା ପରେ ତୁରନ୍ତ ଅଗ୍ନିଶମ ବାହିନୀଙ୍କୁ ଖବର ଦିଆଯାଇଥିଲା। ତେବେ ଘଟଣାସ୍ଥଳରେ ପହଞ୍ଚିବାକୁ ଅଗ୍ନିଶମ ବାହିନୀ କର୍ମଚାରୀମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। କାରଣ ଅଗ୍ନିକାଣ୍ଡ ସ୍ଥଳରେ ପହଞ୍ଚିବା ସକାଶେ ରାସ୍ତା ନ ଥିଲା। କିନ୍ତୁ କୌଣସି ପ୍ରକାରେ ସେମାନେ ଅଗ୍ନିକାଣ୍ଡ ଲାଗିଥିବା ସେକ୍ଟରରେ ପହଞ୍ଚି ନିଆଁକୁ କାବୁ କରିଥିଲେ। ଫଳସ୍ୱରୂପ ଏକ ବଡ଼ ଧରଣର ଅଘଟଣକୁ ଏଡ଼ାଇ ଦିଆଯାଇପାରିଥିଲା। ସୂଚନାଯୋଗ୍ୟ ଯେ ଦିନକ ତଳେ ମୌନୀ ସ୍ନାନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ପରିପ୍ରେକ୍ଷୀରେ ଦଳାଚକଟା ଘଟିବା ଫଳରେ ୩୦ ଜଣ ମୃତ୍ୟୁବରଣ କରିଥିବା ବେଳେ ୯୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।

## ଖାଲିପଡ଼ିଛି ୯୪ ହଜାରରୁ ଅଧିକ ପଦବୀ

### ତାଲିକା ପ୍ରକାଶ କଲା ସାଧାରଣ ପ୍ରଶାସନ ବିଭାଗ

### ସ୍ୱାସ୍ଥ୍ୟ ଓ ଗଣଶିକ୍ଷା ବିଭାଗରେ ସର୍ବାଧିକ ପଦବୀ ଖାଲି

ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ): ସରକାରୀ ସ୍ତରରେ ଖାଲି ଥିବା ପ୍ରାୟ ଦେଢ଼ ଲକ୍ଷ ପଦବୀ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ସରକାର ପୂରଣ କରିବେ। ସେଥିମଧ୍ୟରୁ ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ କରାଯିବ। ରାଜ୍ୟ ସରକାରଙ୍କ ଏହି ପ୍ରତିଶ୍ରୁତି ପାଳନ କରିବାକୁ ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ସବୁ ପଦବୀର ତାଲିକା ପ୍ରକାଶ ପାଇଛି। ସରକାରୀ ସ୍ତରରେ ମଞ୍ଜୁରୀପ୍ରାପ୍ତ ୩ ଲକ୍ଷ ୮୭ ହଜାର ୫୩୭ ପଦବୀରୁ ବେସ ଲେଭୁଲରେ ଅର୍ଥାତ ତଳ ସ୍ତରରେ ୯୪ ହଜାର ୮୧୯ଟି ପଦବୀ ଖାଲି ପଡିଛି। ଖାଲିପଡିଥିବା ୯୪ ହଜାରରୁ ଅଧିକ ପଦବୀ ମଧ୍ୟରୁ କ୍ଷମତାପନ୍ନ କମିଟି ୪୦ ହଜାର ୩୨୪ ପଦବୀ ପୂରଣ କରିବାକୁ ଅନୁମତି ଦେଇଥିବା ବେଳେ ୩୩ ହଜାର ୪୨୦ ପଦବୀ ପୂରଣ କରିବାକୁ ବିଭିନ୍ନ ନିଯୁକ୍ତି ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ବେସ ଲେଭୁଲରେ ସ୍ୱାସ୍ଥ୍ୟ ବିଭାଗରେ ସର୍ବାଧିକ ୨୨ ହଜାର ୭୧୧ ପୃଷ୍ଠା-୬

### ଆମେରିକାରେ ଭୟଙ୍କର ବିମାନ ଦୁର୍ଘଟଣା

## ୬୭ ଯାତ୍ରୀଙ୍କ ମୃତ୍ୟୁ ଆଶଙ୍କା



ୱାଶିଂଟନ,୩୦।୧: ଆମେରିକାର ୱାଶିଂଟନ ଡିସି ନିକଟରେ ଗତକାଲି ରାତିରେ ରୋନାଲ୍ଡ ରେଗାନ ନ୍ୟାସନାଲ ଏୟାରପୋର୍ଟ ନିକଟରେ ଅବତରଣ ପୂର୍ବରୁ ଏକ ଯାତ୍ରୀବାହୀ ବିମାନ ଆର୍ମି ହେଲିକପ୍ଟରକୁ ଧକ୍କା ଦେଇଛି। ଦୁର୍ଘଟଣା ପରେ ବିମାନଟି ନିକଟସ୍ଥ ପୋଟମାକ୍ ନଦୀରେ ଖସିପଡ଼ିବା ଫଳରେ ସେଥିରେ ଥିବା ୬୭ ଜଣଯାକ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ୱାଶିଂଟନ୍ ଫାୟାର୍ ବିଭାଗର ମୁଖ୍ୟ କହିଛନ୍ତି। ଏହି ଘଟଣା ପରେ ଏୟାରପୋର୍ଟର ସମସ୍ତ ଉଡ଼ାଣକୁ ରଦ୍ଦ କରାଯାଇଛି। ଏହି ଦୁର୍ଘଟଣା ହ୍ୱାଇଟ୍ ହାଉସ୍‌ରୁ ମାତ୍ର ୫ କିମି ଦୂରରେ ଘଟିଛି। ଆମେରିକା ଏୟାରଲାଇନ୍ସର ପୃଷ୍ଠା-୬

## ପ୍ରକଳ୍ପ ଅଧିକାରୀଙ୍କ ପୁଳା ପୁଳା ପ୍ଲଟ୍

### ୯ ପ୍ଲଟ୍ ଠାବ, ୪ ଲକ୍ଷ ନଗଦ ଜବତ



ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଇଟିଡିଏ ପ୍ରକଳ୍ପ ପ୍ରଶାସକ (ପିଏ)। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବଣାଇ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ବିଶ୍ୱଦର୍ଶୀ ସାହୁଙ୍କ ଘର ଓ କାର୍ଯ୍ୟାଳୟରେ ଏକକାଳୀନ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଏକକାଳୀନ ୭ଟି ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ଗୋଟିଏ ବହୁତଳ ପ୍ରାସାଦ ଓ ୨ଟି ଫ୍ଲାଟ୍ ଠାବ କରାଯାଇଛି। ଏହାଛଡ଼ା ପୁରୀ ଓ ଭୁବନେଶ୍ୱରର ୯ଟି ସ୍ଥାନରେ ପ୍ଲଟ୍ ଓ ୬୧ ଲକ୍ଷ ୪୨ ହଜାର ଟଙ୍କାର ବ୍ୟାଙ୍କ୍ ଜମାରାଶି ସହ ଗୋଟିଏ ଟାଟା ଟିଆଗୋ ଓ ୪ଟି ଦୁଇଚକିଆ ଯାନ ଥିବା ଜଣାପଡ଼ିଛି। ତାଙ୍କ ଘରୁ ୧୫୦ ଗ୍ରାମ ଓଜନର ସୁନା, ନଗଦ ୪ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଛି। ଭୁବନେଶ୍ୱର, ବାଲେଶ୍ୱର, ଯାଜପୁର ଓ ସୁନ୍ଦରଗଡ଼ରେ ଭିଜିଲାନ୍ସ ଚଢ଼ାଉ କରିଥିବା ପୃଷ୍ଠା-୬

## ଅସମ୍ଭାଳ ପୁଲିସ ଅସମ୍ଭବ ତଦନ୍ତ

ଆପଣଙ୍କ ପାଖରେ ଯଦି ପୁଳା ପୁଳା ଟଙ୍କା ଅଛି କିମ୍ବା ଆପଣ ବେଶ୍ ପ୍ରଭାବଶାଳୀ ନଚେତ୍ ଆପଣ ପ୍ରଭାବଶାଳୀଙ୍କ ପାଖ ଲୋକ, ତା'ହେଲେ କୌଣସି କେସରେ ଆପଣଙ୍କୁ ଥାନାକୁ ଯିବାକୁ ପଡ଼ିବନି। ବରଂ ଥାନା ଆପଣଙ୍କ ପାଖକୁ ଆସିବ। ଏମିତି ଷ୍ଟୋରି ସାଧାରଣତଃ ଆପଣ ସାଉଥ ଫିଲ୍ମରେ ଦେଖିଥିବେ। କିନ୍ତୁ ଏବେ ଏଭଳି କାହାଣୀର ସ୍କ୍ରିନପ୍ଲେ ଦେଖିବାକୁ ମିଳିଛି ଖୋଦ୍ ରାଜଧାନୀରେ। ଆମେ କହୁଛୁ ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ହୋଇଥିବା ଚୋରି କଥା। ଜାନୁଆରୀ ୨୫ ତାରିଖ ବିଳମ୍ବିତ ରାତିରେ ନିରଞ୍ଜନଙ୍କ ଘରୁ ବାହୁବଳୀ ଚୋର ପଶି ୫୦ ଲକ୍ଷର ଅଳଙ୍କାର, ନଗଦ ଅଢେଇ ଲକ୍ଷ ଟଙ୍କା ନେଇଗଲା। ପରଦିନ ସାଧାରଣତନ୍ତ୍ର ଦିବସ ଥିବା ବେଳେ କଡା ଚେକିଂ ସତ୍ତ୍ୱେ ରାଜଧାନୀର ହାଇ ପ୍ରୋଫାଇଲ ଏରିଆରୁ ଚୋରି ଏକ ସମ୍ବେଦନଶୀଳ ପ୍ରସଙ୍ଗ ନିଶ୍ଚୟ। କିନ୍ତୁ ପ୍ରଶ୍ନ ଉଠୁଛି, ରାଜଧାନୀରେ କ'ଣ ଏହା ପ୍ରଥମ ଲୁଟ୍ ? ପୂର୍ବରୁ କ'ଣ ଏପରି ଲୁଟ୍ ଘଟିନାହିଁ? ନା ଏହି କେସଠାରୁ ଆଉ ବଡ଼ ଧରଣର ଲୁଟ୍ ବି କେବେ ହୋଇନାହିଁ? କିଛି ମାସ ତଳେ ଇନ୍‌ଫୋସିଟି ପୃଷ୍ଠା-୬



### ରାସନ କାର୍ଡଧାରୀଙ୍କ ପାଇଁ ଖୁସି ଖବର

## ୧୫ ଯାଏଁ ବଢ଼ିଲା ଇ-କେୱାଇସି ଅପଡେଟ୍ ଅବଧି

ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ): ଆଜି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାସନକାର୍ଡ ହିତାଧିକାରୀଙ୍କୁ ଏକ ଖୁସିର ଖବର ଦେଇଥିଲେ। ଯେଉଁମାନେ ନିଜ ନିଜର ଇ-କେୱାଇସି କରିପାରିନାହାନ୍ତି, ସେମାନେ ଆସନ୍ତା ୧୫ ତାରିଖ ମଧ୍ୟରେ ଏହା କରାଇନେବାର ସୁଯୋଗ ପାଇଛନ୍ତି। କାରଣ ଇ-କେୱାଇସି ଅବଧିକୁ ପୁଣିଥରେ ବଢ଼ାଯାଇ ଫେବୃଆରୀ ୧୫ ତାରିଖ ରଖାଯାଇଛି। ଅର୍ଥାତ୍ ରାସନ୍ କାର୍ଡଧାରୀମାନେ ଆସନ୍ତା ୧୫ ତାରିଖ ମଧ୍ୟରେ ସେମାନଙ୍କ ଇ-କେୱାଇସି ଅପଡେଟ୍ କରିବାର ସୁଯୋଗ ପାଇବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ପୃଷ୍ଠା-୬

## ଲୋକସମ୍ପର୍କ ବିଭାଗରେ ମାତିଛନ୍ତି ଗ୍ୟାଙ୍ଗ୍ ଅଫ୍ ଫୋର୍

### ପାସ୍‌ଠାରୁ ବିଜ୍ଞାପନ ଯାଏ ସବୁଥିରେ କେଳେଙ୍କାରୀ

### ଆଶୀର୍ବାଦ ମୁଦ୍ରାରେ ଗଡ୍‌ଫାଦର୍

ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ): ସୂଚନା ଓ ଲୋକସମ୍ପର୍କ ବିଭାଗରେ ମାତିଛନ୍ତି ଗ୍ୟାଙ୍ଗ୍ ଅଫ୍ ଫୋର୍। ଏହି ଚାରିଜଣିଆ ଟିମ୍ ମନଇଚ୍ଛା କାରବାର ଚଳାଇଥିଲେ ମଧ ଏମାନଙ୍କ ଦେହରେ କେହି ହାତ ମାରିପାରୁନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କ ହାତରେ ବିଭାଗ ଥିଲେ ମଧ ଏହି ଗ୍ୟାଙ୍ଗ୍‌ର ଡର ବି ସେଥିପ୍ରତି ନାହିଁ। ଗଡଫାଦର୍ ଆଶୀର୍ବାଦ ମୁଦ୍ରାରେ ଥିବାରୁ ଏମାନେ ଉତ୍ପାତ ଚଳାଇଥିବା ଆଲୋଚନା ହେଉଛି।

ଗ୍ୟାଙ୍ଗ୍‌ର ଜଣେ କରିତକର୍ମା ରହିଛନ୍ତି ପାସ୍ ଦାୟିତ୍ୱରେ। ପୂର୍ବରୁ ରାଜଧାନୀ ବାହାରେ ଥିଲେ। ରାଜଧାନୀର ସାମ୍ବାଦିକମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମର ପାସ୍ ପ୍ରଦାନ ଦାୟିତ୍ୱରେ ଥିବା ଏହି ବାବୁ ଏବେ ସାମ୍ବାଦିକଙ୍କ ନିକଟରେ ନିମନ୍ତ୍ରଣପତ୍ରଟିଏ ପହଞ୍ଚାଇବା ବଦଳରେ ସେମାନଙ୍କୁ ଦପ୍ତରକୁ ଡାକୁଛନ୍ତି। ଏପରିକି ଏଡିଟରମାନଙ୍କୁ ଆସି ପାସ୍ ପାଇଁ ଦରଖାସ୍ତ ଦେବାକୁ ବି କହୁଛନ୍ତି। ବାବୁଙ୍କ ଏଭଳି ଆଚରଣ ଯୋଗୁଁ ବହୁ ବରିଷ୍ଠ ସାମ୍ବାଦିକ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରୁ ନିଜକୁ ଧିରେ ଧିରେ ଦୂରେଇ ନେବାରେ ଲାଗିଛନ୍ତି। ନିଜ ସମ୍ମାନ ଜଗି ସେମାନେ ଏଭଳି ପଦକ୍ଷେପ ନେଇଥିବା ସୂଚନା ମିଳିଛି। ବିଜେଡି ସରକାର ସମୟରେ ଯେଭଳି ଭାବେ ଏହି ଗ୍ୟାଙ୍ଗ୍ ସାମ୍ବାଦିକଙ୍କୁ ସରକାରୀ କାର୍ଯ୍ୟକ୍ରମରୁ ଦୂରରେ ରଖୁଥିଲେ ଏବେ ଠିକ୍ ସେହିଭଳି ଭାବେ କାର୍ଯ୍ୟ କରୁଛନ୍ତି। ଏପରିକି ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନେ ଯେଭଳି ଆଉ ସଚିବାଳୟ ଯାଇ ନ ପାରିବେ, ସେଥିପାଇଁ ଆଉ ଗୋଟିଏ ପାସ୍ ପାଇଁ ଆବେଦନ ଲାଗି ଚିଠି କରିଦେଇଛନ୍ତି। ଏହି ଗ୍ୟାଙ୍ଗ୍‌ର ଆଉ ଜଣେ ବାବୁ ହେଉଛନ୍ତି ବିଜ୍ଞାପନ ବିଭାଗର ହର୍ତ୍ତାକର୍ତ୍ତା। କେଉଁ ଗଣମାଧ୍ୟମକୁ କେଉଁ ବିଜ୍ଞାପନ ଦିଆଯିବ, ତାହା ସ୍ଥିର କରୁଛନ୍ତି। ଠିକ୍ ପୂର୍ବ ସରକାର ସମୟରେ ଯେଭଳି କରୁଥିଲେ ଏବେ ତାହା ଜାରି ରଖିଛନ୍ତି। ଇଚ୍ଛା ହେଲେ ବିଜ୍ଞାପନ ଦେଉଛନ୍ତି ନହେଲେ ନାହିଁ। ଗଣମାଧ୍ୟମ ସଂସ୍ଥାର ମାର୍କେଟିଂ ଅଧିକାରୀଙ୍କୁ ଦପ୍ତର ଆସିବାକୁ ପୃଷ୍ଠା-୬







### କାନ ଡେରିଥା

ଧାନକୁ ପ୍ରଥମେ ବରଷା ଖାଇଲା
ଏବେ ଖାଇଲାଣି ମଣ୍ଡି
ଚାଷୀ କୁଳ ଏବେ ହତାଶ
ହେଲେଣି
କେତେବେଳେ ଯାଏ ଗଣ୍ଡି
ପ୍ରଶାସନ ମୁହେଁ ତୁଣ୍ଡି...
ମିଲର ଏଇଠି ମନମାନୀ କଲା
ଚାଷୀ ଯେ ହେଲେଣି ଧନ୍ଦୀ।

■ ଦେବାଶିଷ

## ଶକ୍ତି ବିଭାଗରେ ଅଟକିଛି ଓପିଜିସି ଏମ୍‌ଡି ନିଯୁକ୍ତି

- ଗତ ଅକ୍ଟୋବରରେ ହୋଇଥିଲା ପରୀକ୍ଷା
- କେଦାର ରଞ୍ଜନ ପାଣ୍ଡୁଙ୍କ ନାମରେ ମୋହର



ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ): ଓଡିଶା ତାପଜ ବିଦ୍ୟୁତ୍ ନିଗମ (ଓପିଜିସି)ର ନୂଆ ପରିଚାଳନା ନିର୍ଦ୍ଦେଶକ ଭାବେ କେଦାର ରଞ୍ଜନ ପାଣ୍ଡୁଙ୍କ ନାମ ଚୂଡାନ୍ତ ହୋଇଥିବାବେଳେ ଶକ୍ତି ବିଭାଗ କିନ୍ତୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରୁନାହିଁ। ପ୍ରାୟ ସପ୍ତାହେ ତଳୁ ନୂଆ ଏମ୍‌ଡିଙ୍କ ନାମ ଚୂଡାନ୍ତ ସଂକ୍ରାନ୍ତରେ ସାଧାରଣ ଉଦ୍ୟୋଗର ନିଯୁକ୍ତି ବୋର୍ଡ ଶକ୍ତି ବିଭାଗକୁ ଅବଗତ କରିଥିଲେ ମଧ କୌଣସି ଅକୁହା କାରଣ ଯୋଗୁଁ ଏହା ଘୋଷଣା ହୋଇପାରୁନାହିଁ।

ଉଲ୍ଲେଖନୀୟ ଯେ ଓପିଜିସିର ଏମ୍‌ଡି ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀଟି ବର୍ଷେରୁ ଅଧିକ ସମୟ ଧରି ଠିକାରେ ଚାଲିବା ପରେ ଗତ ଅକ୍ଟୋବରରେ ଏଥିପାଇଁ ଚୟନ ପରୀକ୍ଷା ହୋଇଥିଲା। ପରୀକ୍ଷାରେ ୭ ଜଣ ଅଂଶଗ୍ରହଣ କରିଥିବାବେଳେ ଏହାର ଫଳାଫଳ ନେଇ ସପ୍ତାହେ ତଳେ ସାଧାରଣ ଉଦ୍ୟୋଗ ବିଭାଗ ଶକ୍ତି ବିଭାଗକୁ ଅବଗତ କରିଛି। ଏନ୍‌ଟିପିସିର ବରିଷ୍ଠ ଅଧିକାରୀ କେଦାର ରଞ୍ଜନ ପାଣ୍ଡୁଙ୍କ ନାମ ଚୂଡାନ୍ତ ହେବା ସଂକ୍ରାନ୍ତରେ ସାଧାରଣ ଉଦ୍ୟୋଗ ବିଭାଗର ଚୟନ ବୋର୍ଡ ଜଣାଇ ଦେଇଛି।

ଶକ୍ତି ବିଭାଗର ଏହି ସୂଚନା ହସ୍ତଗତ ହେବା ପରେ ତୁରନ୍ତ ବିଜ୍ଞପ୍ତି ଆକାରରେ ଏହା ପ୍ରକାଶ ପାଇବା କଥା। ହେଲେ ତାହା ବିଳମ୍ବ ହେଉଥିବାରୁ ଓପିଜିସି କର୍ମଚାରୀ ମହଲରେ ଆଲୋଚନାର ବିଷୟ ପାଲଟିଛି। ପାଉଁଶ ପରିବହନରେ ଚାଲିଥିବା ଭିତିରି କାରବାରରେ ଚୂଡାନ୍ତ ମୋହର ମାରିବା ପାଇଁ ଏଭଳି ବିଳମ୍ବ ହେଉଥିବା ନେଇ କିଛି କର୍ମଚାରୀ ଆଲୋଚନା ଚଳାଇଥିବାବେଳେ ଆଉ କିଛି କର୍ମଚାରୀ ଠିକା ଏମ୍‌ଡିଙ୍କ ଲବି କାମ ଦେଉଥିବା କହୁଛନ୍ତି। ଉଲ୍ଲେଖନୀୟ ଯେ ଓପିଜିସିର ଠିକା ଏମ୍‌ଡି ବାର୍ଷିକ ୭୭ ଲକ୍ଷ ଟଙ୍କା ବେତନରେ ବର୍ଷେରୁ ଅଧିକ ସମୟ ଧରି କାର୍ଯ୍ୟ କରୁଥିବାବେଳେ ତାଙ୍କର କାର୍ଯ୍ୟକାଳ ବାରମ୍ବାର ବୃଦ୍ଧି କରାଯାଇଛି। ଶକ୍ତି ବିଭାଗର ଅନେକ ହାକିମଙ୍କର ସିଏ ଗେହ୍ଲାପୁଅ ସାଜିଥିବାରୁ ବିଜ୍ଞପ୍ତି ପ୍ରକାଶ ପାଇପାରୁନଥିବା କୁହାଯାଉଛି। ସେହିଭଳି ଗତ ସେପ୍ଟେମ୍ବରରୁ ଓପିଜିସିର ଡାଇରେକ୍ଟର (ଅପରେସନ) ପଦବୀ ପାଇଁ ନିଯୁକ୍ତି ପରୀକ୍ଷା ହୋଇଥିଲେ ମଧ ତାହାର ଫଳ ପ୍ରକାଶ ପାଇପାରୁନାହିଁ। ଏହି ପଦବୀଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ତାହା ମଧ ଠିକାରେ ଚଳାଯାଉଛି। ସୂଚନା ଅନୁଯାୟୀ ୨୦୧୧ରୁ ଓପିଜିସିରେ ମାର୍କେଟ ବେସ୍‌ଡ ସାଲାରି (ଏମ୍‌ବିଏସ୍) ଲାଗୁ ପରେ ଅଫିସରମାନଙ୍କର ଦରମା ବହୁଗୁଣିତ ହୋଇଛି। ତେଣୁ ସେବେଠାରୁ ଅନେକ ବଡ଼ ପଦପଦବୀରେ ଠିକାରେ କର୍ମଚାରୀ ନିଯୁକ୍ତ ହେଉଛନ୍ତି। ଯିଏ ଧରାଧରି କରି ଏଠାରେ ନିଯୁକ୍ତି ପାଉଛି, ସିଏ ଆଉ ଅବସର ନେବାର ନାଁ ଧରୁନି। କାରଣ ଶକ୍ତି ବିଭାଗର ଅନ୍ୟ ସ୍ଥାନରେ ବର୍ଷକୁ ୨୦/୨୫ ଲକ୍ଷ ବେତନ ପାଉଥିବା ଅଫିସର ଏଠାକୁ ଆସିଲେ ସେମାନଙ୍କ ବାର୍ଷିକ ଦରମା ୫୦ରୁ ୭୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇଯାଉଛି।

ଓପିଜିସି ସ୍ୱାର୍ଥର ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ନୂତନ ଏମଡିଙ୍କ ନିଯୁକ୍ତି ସଂକ୍ରାନ୍ତୀୟ ବିଜ୍ଞପ୍ତି ପ୍ରକାଶ ସହିତ ଡାଇରେକ୍ଟର (ଅପରେସନ) ପାଇଁ ହୋଇଥିବା ପରୀକ୍ଷାଫଳ ପ୍ରକାଶ ପାଇଁ ଦାବି ବଢ଼ିବାରେ ଲାଗିଛି। ଏଥିରେ ବିଳମ୍ବ ହେଲେ ପ୍ରସଙ୍ଗକୁ ଆଗାମୀ ବିଧାନସଭା ଅଧିବେଶନରେ ଉଠାଇବା ପାଇଁ କିଛି କର୍ମଚାରୀ ଲାଗିପଡ଼ିଥିବା ସୂଚନା ମିଳିଛି।

ସଂଚାର SANCHAR

### ବଡ଼ପଡା ପଞ୍ଚାୟତ ସରପଞ୍ଚ ଉପନିର୍ବାଚନ ଫଳାଫଳ

## ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟୀ



**ପଟ୍ଟାମୁଣ୍ଡାଇ, ୩୦ା୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡା ପଂଚାୟତ ସରପଞ୍ଚ ପଦବୀ ପାଇଁ ଗତକାଲି ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଆଜି ପଟ୍ଟାମୁଣ୍ଡାଇ ବ୍ଲକ ପରିସରରେ କଡା ସୁରକ୍ଷା ମଧ୍ୟରେ ଭୋଟ ଗଣତି କରାଯାଇଥିଲା। ୧୩ଟି ୱାର୍ଡକୁ ନେଇ ଗଠିତ ବଡପଡା ପଂଚାୟତର ଭୋଟର ସଂଖ୍ୟା ୪,୬୦୩ ହୋଇଥିବା ବେଳେ ପ୍ରାୟ ୩୦୦୯ ଜଣ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଥିଲେ । ଭୋଟ ଗଣତି ପରେ ସରକାରୀ ଭାବେ ଘୋଷିତ ଫଳାଫଳ ଅନୁଯାୟୀ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀନୀ ଅନନ୍ୟା ଶୁଭସ୍ମିତା ସେଠୀ ୧୮୨୯ଖଣ୍ଡ ଭୋଟ ପାଇଥିବାବେଳେ ବିଜେପି ସମର୍ଥିତ ସରପଞ୍ଚ ପ୍ରାର୍ଥୀନୀ ଲିଲା ମଲିକ ୧୦୪୫ଖଣ୍ଡ ଭୋଟ ପାଇଛନ୍ତି। ଏହାଛଡା କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥୀନୀ ଜ୍ୟୋସ୍ନାରାଣୀ ସେଠୀ ୬୬ଖଣ୍ଡ ଭୋଟ ପାଇଥିବା ବେଳେ ୬୯ ଖଣ୍ଡ ଭୋଟ ନାକଚ ହୋଇଯାଇଛି । ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀନୀ ଅନନ୍ୟା ଶୁଭସ୍ମିତା ସେଠୀ ୭୮୪ ଖଣ୍ଡ ଭୋଟ ବ୍ୟବଧାନରେ ବିଜେପି ସମର୍ଥିତ ସରପଞ୍ଚ ପ୍ରାର୍ଥୀନୀ ଲିଲା ମଲିକଙ୍କୁ ପରାସ୍ତ କରି ବଡପଡା ପଂଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ପଟ୍ଟାମୁଣ୍ଡାଇ ବ୍ଲକ ନିର୍ବାଚନ ଅଧିକାରୀ ଶୁଭ୍ରାଂଶୁ ସାହୁ ଘୋଷଣା କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକରେ କଡା ସୁରକ୍ଷା ମଧ୍ୟରେ ଅନୁଷ୍ଠିତ ଭୋଟ ଗଣତି ବେଳେ ପଟ୍ଟାମୁଣ୍ଡାଇ ବ୍ଲକ ନିର୍ବାଚନ ଅଧିକାରୀ ବିଡ଼ିଓ ଶୁଭ୍ରାଂଶୁ ସାହୁ,ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ରାଜନଗର ତହସିଲଦାର ଅଜୟ ମହାନ୍ତି, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ,ଅତିରିକ୍ତ ବିଡ଼ିଓ ସନ୍ତୋଷ କୁମାର ମନ୍ତ୍ରୀ, ପଟ୍ଟାମୁଣ୍ଡାଇ ଏସ ଡି ପି ଓ କ୍ଷମା ସାଗର ପଣ୍ଡା,ଆଦର୍ଶ ଥାନା ଆଇ ଆଇ ସି ସୁଶାନ୍ତ ସାହୁ ଗ୍ରାମାଞ୍ଚଳ ଥାନା ଆଇ ଆଇ ସି ନରେଶ ସାହୁ, ଜି ପି ଡି ଓ ପିତାମ୍ବର ଜେନା, ସେକ୍ଟର ଅଫିସର ଇଂ ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ନବନିର୍ବାଚିତ ବଡପଡା ସରପଞ୍ଚ ଅନନ୍ୟା ଶୁଭସ୍ମିତା ସେଠୀଙ୍କୁ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା ଓ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ପ୍ରମୁଖ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

### କୋର୍ଟ ପରିସରରେ ମଂଚସ୍ଥ ହେଲା

## 'ବିଚାର କରିବ ଉପରବାଲା'



**କେନ୍ଦ୍ରାପଡା, ୩୦ା୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସର ରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟ ରେ ମଂଚସ୍ଥ ନାଟକ "ବିଚାର କରିବ ଉପରବାଲା" ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ଜିଲ୍ଲା ଓ ଦୌରାଜଜ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତିଙ୍କ ତତ୍ତ୍ୱବଧାନ ରେ ଆୟୋଜିତ ଏହି ମଂଚସ୍ଥ ନାଟକରେ ଜିଲ୍ଲା ଓକିଲ ସଂଘ ଓ ପାରାଲିଗାଲ ସ୍ୱେଚ୍ଛାସେବୀ ମାନେ ଅଭିନୟ କରିଛନ୍ତି । ଜନ ସାଧାରଣଙ୍କୁ ସଚେତନ କରିବା ପାଇଁ କଳୁଷିତ ହୋଇଥିବା ଅନ୍ୟାୟ ବିରୋଧରେ କିପରି ଜଣେ ସାଧାରଣ ନାଗରିକ ନ୍ୟାୟ ଓ ଅନ୍ୟାୟର ମୁକାବିଲା କରି ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ନ୍ୟାୟ ପାଇପାରିବ ଏହି ନାଟକରେ ସଚେତନ କରାଯାଇ ଥିଲା । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶ୍ରୀମତୀ ସୁମିତ୍ରା ସାହୁ ଏହାକୁ ପରିଚାଳନା କରିଥିବା ବେଳେ ଜିଲ୍ଲା ଓକିଲ ସଂଘର ସମସ୍ତ ଓକିଲ, କୋର୍ଟର ମାନ୍ୟବର ବିଚାରପତି ଓ ପାରାଲିଗାଲ ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ । ଏହି ନାଟକରେ ପ୍ରଭାତ କୁମାର ପ୍ରଧାନ, ସ୍ମୃତି ରଞ୍ଜନ ସିଂହ, ଶାଶ୍ୱତ ନିର୍ମଳ ଦାସ, ପ୍ରଦିପ ଗୋଛାୟତ, ସୁଭଦ୍ରା ରାୟ ପ୍ରମୁଖ ଅଭିନୟ କରିଥିଲେ ।

### ଜାତୀୟ ରାଜପଥରେ ଟ୍ରକ ଡ୍ରାଇଭରଙ୍କୁ ମାଡ ମରାଯିବା ଘଟଣା

# କୁଆଡ଼େ ଗଲେ ଆକ୍ରମଣକାରୀ

**କେନ୍ଦ୍ରାପଡା/ମାର୍ଶାଘାଇ, ୩୦ା୧ (ସଂଚାର ବ୍ୟୁରୋ):** ଜାତୀୟ ରାଜପଥରେ ଲୁହାପଥର ବୋଝେଇ ଟ୍ରକ ଡ୍ରାଇଭର କେନ୍ଦ୍ରାପଡା ସଦର ଥାନା ଅର୍ତମୂଳ ଗ୍ରାମର ମନୋଜ ମଲ୍ଲିକଙ୍କୁ ଅମାନୁଷିକ ଭାବେ ମାଡ ମରାଯିବା ଘଟଣାରେ ପୁଲିସର ନିଷ୍କ୍ରିୟତା କାହିଁକି? ଗତ ୨୧ ତାରିଖରେ ରାଜପଥରେ ଏହି ଡ୍ରାଇଭର ଜଣଙ୍କ ଉପରେ ଦିନ ଦିପ୍ରହରରେ ସମସ୍ତଙ୍କ ସାମ୍ନାରେ ସଂଘ ବଦ୍ଧ ଆକ୍ରମଣ ହୋଇଥିଲା । ଏହି ଘଟଣାକୁ ଏବେ ୮ ଦିନ ବିତି ସାରିଲାଣୀ । ଆକ୍ରମଣକାରୀଙ୍କ ବିରୋଧରେ କିନ୍ତୁ ପୁଲିସର କାର୍ଯ୍ୟାନୁଷ୍ଠାନ ଶୁନ। ସମୟ ଯେତେ ଗଡୁଛି ମାର୍ଶାଘାଇ ପୁଲିସର ଭୂମୀକାକୁ ନେଇ ସେତିକି ସନ୍ଦେହ ସାଧାରଣରେ ବଢ଼ିବାରେ ଲାଗିଛି। ଡ୍ରାଭରଙ୍କୁ ଅମାନବୀୟ ଭାବେ ଅଣ୍ଟାରେ ଗାମୁଛା ବାନ୍ଧି ଜଣେ ବ୍ୟକ୍ତି ରାଜରାସ୍ତାରେ ଘୋଷାଡୁଥିଲେ । ଅନ୍ୟଜଣେ ଡ୍ରାଇଭରଙ୍କ ମୁହଁକୁ ବିଧା ମାରିବା ସହିତ ତାଙ୍କୁ ତଳେ ପକାଇ ତଣ୍ଟି ଉପରେ ଚଢ଼ି ଯାଉଥିବା ଦୃଶ୍ୟ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଥିଲା ।

ତେବେ ଟ୍ରକ ଡ୍ରାଭରଙ୍କ ଏତଲା ଆଧାରରେ ମାର୍ଶାଘାଇ ପୁଲିସ ବିଏନ୍ଏସର ବିଭିନ୍ନ ଧାରାରେ ଏକ ମାମଲା ରୁଜୁ କରିଛି । କିନ୍ତୁ ଆଜି ଯାଏ ଆକ୍ରମଣକାରୀଙ୍କୁ ଧରିବାରେ ସଫଳ ହୋଇପାରୁନି ମାର୍ଶାଘାଇ ପୁଲିସ । ପୂର୍ବରୁ ମାର୍ଶାଘାଇ ଥାନା ଆଇଆଇସି ସଂଚାରକୁ ସୂଚନା ଦେଇ କହିଥିଲେ ଏହି ଅମାନବୀୟ ଘଟଣାକୁ ପୁଲିସ ଅତ୍ୟନ୍ତ ଗୁରୁତ୍ୱର ସହିତ ନେଇ ତଦନ୍ତ କରୁଛି । ଭାଇରାଲ ଭିଡିଓରୁ ୨ ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଅନ୍ୟମାନଙ୍କ ସଂପର୍କରେ ତଦନ୍ତ କରାଯାଉଥିବା ନେଇ ସୂଚନା ଦେଇଥିଲେ ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ । ତେବେ ଡ୍ରାଇଭରଙ୍କୁ ମାଡ ମରାଯିବା ବେଳର ଭିଡିଓରୁ ପୁଲିସ ଯେଉଁ ଦୁଇ ଜଣଙ୍କ ସଂପର୍କରେ ସୂଚନା ଦେଇଥିଲା ସେମାନଙ୍କ ମଧ୍ୟରେ ଜଣେ ହେଲେ କଳାଗଡ ଗ୍ରାମର ସରଜୁ ନାୟକଙ୍କ ପୁଅ ରୁଦ୍ର ନାୟକ । ଅନ୍ୟ ଜଣେ ବ୍ୟକ୍ତି ଯଦୁପୁର ଗ୍ରାମର ବାବାଜି ବେହେରାଙ୍କ ପୁଅ ଅଶୋକ ବେହେରା। ପ୍ରାଥମିକ ପର୍ଯ୍ୟାୟରେ ପୁଲିସ ତଦନ୍ତରୁ ଏହି ଦୁଇ ଜଣଙ୍କ ସଂପର୍କରେ ଜାଣିବାକୁ ପାଇଥିବା ଆଇଆଇସି ଶ୍ରୀ ପଟ୍ଟାୟତ ସୂଚନା ଦେଇଥିଲେ । ଖୁବ୍‌ଶୀଘ୍ର ଆକ୍ରମଣକାରୀଙ୍କୁ ପୁଲିସ ଧରିବ ବୋଲି କହିଥିଲା ପୁଲିସ । ଏହି ଘଟଣାକୁ ଇତି ମଧ୍ୟରେ ୮ ଦିନ ବିତାଲାଣି । କିନ୍ତୁ ଆକ୍ରମଣକାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ପୁଲିସ କାର୍ଯ୍ୟଧାରାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନ ଉଠିଲାଣି ।

ସାଧାରଣରେ ପ୍ରଶ୍ନ ଉଠିଲାଣି ପୁଲିସ ଆଉ କେତେ ଦିନ ଖୋଜିବ ଆକ୍ରମଣକାରୀଙ୍କୁ । ବାସ୍ତବରେ କୁଆଡେ ଗଲେ ପୁଲିସ ଚିହ୍ନିଥିବା ୨ ଜଣ ଆକ୍ରମଣକାରୀ ? ସେମାନେ କ'ଣ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି କି? ପୁଲିସ ଏନେଇ ବି କୌଣସି ସ୍ପଷ୍ଟ ଉତ୍ତର ରଖିନାହିଁ । ପୁଲିସ ଚିହ୍ନଟ କରିଥିବା ୨ ଆକ୍ରମଣକାରୀଙ୍କୁ ପାଉନି ନା ଧରିବାକୁ ଚାହୁଁନି ତାହା ସବୁଠୁ ବଡ ପ୍ରଶ୍ନ ହୋଇଛି କେନ୍ଦ୍ରାପଡା ପୁଲିସ ବିଭାଗ ପାଇଁ । ଯାହାଙ୍କୁ ମାର୍ଶାଘାଇ ପୁଲିସ ଚିହ୍ନଟ କରିଛି ବୋଲି କହିଥିଲା ସେମାନେ ଖୋଲାଖୋଲି ବୁଲୁଥିବା

**ପୁଲିସ ପାଉନି ନା ଧରିବାକୁ ଚାହୁଁନି?**

କୁହାଯାଉଛି । ଡ୍ରାଭରଙ୍କୁ ମାଡ ମରାଯିବାର ଭିଡିଓଟି ଭାଇରାଲ ହେବା ପରେ ବହୁ ଲୋକ ସାମାଜୀକ ଗଣମାଧ୍ୟମରେ କେନ୍ଦ୍ରାପଡା ଜିଲ୍ଲା ଏସପିଙ୍କ ଆଡକୁ ଆକ୍ଷେପ କରି ବହୁ କଟୁ ସମାଲୋଚନା ବି କରିଥିଲେ। ପୁଲିସ ନିଜ ଆଡୁ ମାମଲା କରି ତଦନ୍ତ କରୁ ବୋଲି ଦାବି ବି ଉଠିଥିଲା । ତେବେ ନିଜେ ପୀଡିତ ଡ୍ରାଇଭର ୨୨ ତାରିଖ ଦିନ ଏତଲା ଦେବା ପରେ ଏହି ଅମାନବୀୟ ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ନ ଧରି ମାର୍ଶାଘାଇ ପୁଲିସ ଖସାଇ ଦେବା ଉଦେଶ୍ୟରେ କାର୍ଯ୍ୟକରୁ ଥିବା ଅଭିଯୋଗ ଉଠିଛି। ରାତିବେଳା ଆକ୍ରମଣ ଯକାରୀଙ୍କୁ ମାର୍ଶାଘାଇ ପୁଲିସ ଥାନାକୁ ଡାକି କୋହଳ ଦଫାରେ ଥାନାରେ ବେଲ୍ ଦେଇ ଛାଡିବାକୁ ସମୟ ଗଡାଉ ଥିବା ଚର୍ଚ୍ଚା ବି ଜୋର ଧରିଛି । କେନ୍ଦ୍ରାପଡା ଏସପି ଏହି ମାମଲାର ତଦନ୍ତ ଦାୟୀତ୍ୱ ମାର୍ଶାଘାଇ ଥାନା ଅଧିକାରୀଙ୍କ ପରିବର୍ତ୍ତେ ଜିଲ୍ଲା ପୁଲିସର ଜଣେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଇବାକୁ ବି ସାଧାରଣରେ ଦାବି ଉଠିଲାଣି ।



## ପଟ୍ଟାମୁଣ୍ଡାଇ କୋର୍ଟରେ ଆଇନ ସଚେତନତା ଶିବିର

**ପଟ୍ଟାମୁଣ୍ଡାଇ, ୩୦ା୧ (ସଂଚାର ବ୍ୟୁରୋ):** ଭାରତର ମାନ୍ୟବର ସୁପ୍ରିମ କୋର୍ଟର ରାୟକୁ ଇଂରାଜୀ ଭାଷା ବଦଳରେ ଆଞ୍ଚଳିକ ଭାଷାରେ ଅନୁବାଦ କରିବା ସମ୍ପର୍କ ରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ଏକ ସଚେତନତା ଶିବିର ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରହିତ୍ୟ ଓ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ସବଜଜ ସୁଶ୍ରୀ ସଂଗୀତା ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ସଚେତନତା ଶିବିର ରେ ପଟ୍ଟାମୁଣ୍ଡାଇ ସିଭିଲକୋର୍ଟର ବିଚାରପତି ତଥା ଜେ.ଏମ.ଏଫ.ସି. ଡ଼ି. କେ. ବାଲକ୍ରୀଷନ ଆଞ୍ଚଳିକ ଭାଷାରେ ସୁପ୍ରିମକୋର୍ଟ ଠାରୁ ଆରମ୍ଭ କରି ବିଭିନ୍ନ କୋର୍ଟ ରାୟ ବାହାରିଲେ ବିଭିନ୍ନ ଭାଷାଭାଷୀ ଲୋକମାନେ ରାୟକୁ ପଢ଼ି ବୁଝି ପାରିବେ ।ଯାହାଫଳରେ ସମାଜର ଅଶେଷ ମଙ୍ଗଳ ହୋଇପାରିବ ବୋଲି ମତ ପ୍ରକାଶ କରିହା ସହିତ ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ପଟ୍ଟାମୁଣ୍ଡାଇ ଓକିଲ ସଂଘ କୋଷାଧକ୍ଷ ଧୀରେନ୍ଦ୍ରନାଥ ସାହୁ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଶିବିର ରେ ବରିଷ୍ଠ ଆଇନଜୀବି ଭବାନୀ ଶଙ୍କର ପଣ୍ଡା , ଶରତ କୁମାର ମଲ୍ଲିକ ସିଭିଲ କୋର୍ଟର କର୍ମକର୍ତା ମୁରଲୀଧରସିଂହ ବିକ୍ରମ କୁମାର ସାମଲ, ବକୁଳ ଚନ୍ଦ୍ର ନାୟକ, ନିତ୍ୟାନନ୍ଦ ସେଠୀ, ସଞ୍ଜୟ କୁମାର ଧଳ, ବିମଳ କାନ୍ତ ପ୍ରଧାନ, ଜନ କୁମାର ହାଁସଡା, ବିଶ୍ୱଜିତ ସାହାଣୀ, ଅରବିନ୍ଦ ରାଉତରାୟ, ମଧୁସ୍ମିତା ରାମ, ପ୍ରିୟମ୍ବଦା ବେହେରା,ଚନ୍ଦ୍ର ଶେଖର ଲେଙ୍କା, ସୌମ୍ୟ ଶୁଭକାନ୍ତ ଷଡ଼ଙ୍ଗୀ, ସୁନିତା ବେହୁରା,ଗଣନାଥ ତ୍ରିପାଠୀ, ସୌମ୍ୟ ରଞ୍ଜନ ପଣ୍ଡା, ରାଜେନ୍ଦ୍ର ମୁର୍ମୁ,ଅନିଲ କୁମାର ବାରିକ,ମନୋଜ କୁମାର ମାଝୀ ଦୀପକ କୁମାର ସାମଲ, ବିଭୁତି ଭୂଷଣ ବେହେରା, ମାନସ ରଞ୍ଜନ ସ୍ୱାଇଁ, ସୁଧାଂଶୁ ଲେଙ୍କା ,ଲିଗାଲ ଏଡ଼ କର୍ମକର୍ତା ଅପର୍ଣା ସାମଲ, ମୋହନ ଦାଶ, ଅମରେନ୍ଦ୍ର ରାଉତ,ଅରବିନ୍ଦ ପଣ୍ଡା,ସମସ୍ତ ପି ଏଲ ଭି ସଭ୍ୟ ଓ ସଭ୍ୟା ଯୋଗ ଦେଇଥିଲେ । ଶେଷରେ ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ସୁରେଶ କୁମାର ନରେନ୍ଦ୍ର ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ଇଜତମା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

**କେନ୍ଦ୍ରାପଡା, ୩୦ା୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଚଉଦକୁଲାଟ ଠାରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଇଜତମା ଆସନ୍ତା ଫେବୃଆରୀ ୭ରୁ ୯ ତିନି ଦିନ ଧରି ଅନୁଷ୍ଠିତ ହେବ । ଏନେଇ ଇଜତମା କମିଟି ପକ୍ଷରୁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଁଚିଛି । ଗୁରୁବାର ମାନ୍ୟବର ବିଧାୟକ ଗଣେଶ୍ୱର ବେହେରା, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ, ତହସିଲଦାର ତାପସ କୁମାର ଦେହୁରି, ଗ୍ରାମୀଣ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ସ୍ଥାନୀୟ ସରପଂଚ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଥିଲେ ।



ଏହି ଧର୍ମ ସମ୍ମିଳନୀକୁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହଜାର ହଜାର ଭକ୍ତ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ସେଠାରେ ଅସ୍ଥାୟୀ ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍, ଭକ୍ତଙ୍କ ରହଣୀ ସ୍ଥାନ, ଖାଦ୍ୟପେୟ ଓ ପାର୍କିଂ ଏବଂ ଟ୍ରାଫିକ ସମସ୍ୟା ପ୍ରଭୃତି ବିଧାୟକ ଶ୍ରୀ ବେହେରା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ସମୀକ୍ଷା କରିଥିଲେ। ଭକ୍ତମାନେ ଯେଭଳି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବା ପାଇଁ ମାନ୍ୟବର ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

ବିଧାୟକ ଶ୍ରୀ ବେହେରା ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର, କେନ୍ଦ୍ରାପଡା ବିଡିଓ, ପାନୀୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଏବଂ ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ସେମାନଙ୍କର ସମସ୍ତ ପ୍ରକାର କାର୍ଯ୍ୟକୁ ତୁରନ୍ତ ସଂପାଦନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଆଜିର ଏହି ବୈଠକରେ ଇଜତମା କମିଟିର ସଭାପତି ମହମ୍ମଦ ଆବତାବ ଆଲାମଙ୍କ ସହିତ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କୁ ଓଡିଶା ଜୀବିକା ମିଶନ ଇସି ସଂଘର ଦାବିପତ୍ର

**କେନ୍ଦ୍ରାପଡା, ୩୦ା୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟରତ ଥିବା ଓଡିଶା ଜୀବିକା ମିଶନ ଇସି ସଂଘର ସଦସ୍ୟ ମାନଙ୍କ ପକ୍ଷରୁ ଗ୍ରାମ ପଂଚାୟତ ସ୍ତରୀୟ ମହାସଂଘ, ସିଏଲଏଫ, ଜିପିଏଲଏଫ କାର୍ଯ୍ୟ ନିର୍ବାହୀ କମିଟିର ନିର୍ବାଚନ ମାଧ୍ୟମରେ ପୁନଗଠନ ନିର୍ଦ୍ଦେଶନାମା କୁ ବନ୍ଦ ରଖିବା ପାଇଁ ଦାବି କରିଛନ୍ତି । ଗୁରୁବାର ଓଡିଶା ଜୀବିକା ମିଶନ ଶକ୍ତିର ସଦସ୍ୟ ମାନେ ଜିଲ୍ଲା କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଏକ ୫ଦଫା ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି ।



ଏହି ଦାବିପତ୍ରରେ ପୂର୍ବରୁ କରିଥିବା ଅଭିଯୋଗ ଅନୁସାରେ ଡିପିଏମ/ ଡିପିସି ଏବଂ ବିପିଏମ ଏବଂ ବିପିସି ସ୍ତରରେ ହୋଇଥିବା ଶହ ଶହ କୋଟି ଟଙ୍କା ଦୁର୍ନିତିର ତଦନ୍ତ, ଦୁର୍ନିତି କରିଥିବା ଦୋଷୀ ମାନଙ୍କ ବିରୋଧ ରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ମିଶନ ଶକ୍ତି ଅଧିନସ୍ଥ ଓଡିଶା ଜୀବିକା ମିଶନର କାର୍ଯ୍ୟ ନିର୍ବାହୀ ମହିଳା ମାନଙ୍କୁ ସିଏଲଏପ, ଜିପିଏଲଏଫ, ଇସି ଭାବେ କାର୍ଯ୍ୟ କରିବାରୁ ସମୟସୀମା ନୂତନ ନିୟମାବଳୀ ନାମାରେ ବୃଦ୍ଧି କରିବା ସହ ପୁନଃଗଠନ ପ୍ରକ୍ରିୟାକୁ ବନ୍ଦ କରାଯାଉ । ଜିଲ୍ଲାର ସମସ୍ତ ଜିପିଏଲଏପ କୁ ମାତ୍ର ୧୮ଜଣ ଇସି ସଦସ୍ୟ ମାନଙ୍କ ଗସ୍ତ ଖର୍ଚ୍ଚ ଆସୁଅଛି ମାତ୍ର ସେ ଅର୍ଥକୁ ପଂଚାୟତରେ ଥିବା ୩୦/୪୦ ଇସି ସଦସ୍ୟ ମାନେ ଭାଗକରି ନେଉଛନ୍ତି । ସମସ୍ତ ଇସି ସଦସ୍ୟ ମାନଙ୍କ ପାଇଁ ଗସ୍ତ ଖର୍ଚ୍ଚ ବ୍ୟବସ୍ଥା କରାଯିବା ଆଦି ଦାବି ଗୁଡିକ ରହିଛି । ଏହି ଦାବିପତ୍ର ସହକାରୀ ଜିଲ୍ଲାପାଳ କୁଇନ ଜେନାଙ୍କୁ ପ୍ରଦାନ ସମୟରେ ତୁଳସି କ୍ଷେତ୍ରର ଇସି ମହାସଂଘର ସଭାନେତ୍ରୀ ବନିତା ବାରିକ, ସଂପାଦିକା ଉର୍ମିଳା ମହାନ୍ତି, ମମତା ମହାରଣା, ଅର୍ଚ୍ଚନା ନାୟକ, ମମତା ପ୍ରିୟଦର୍ଶିନୀ, ରେଣୁକା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

## ଥାନାରେ ମିଥ୍ୟା ଅଭିଯୋଗ କରି ଯୁବକ ହଟହଟା

**କେନ୍ଦ୍ରାପଡା, ୩୦ା୧ (ସଂଚାର ବ୍ୟୁରୋ):** ପାଟକୁରା ଥାନା ଅଂଚଳର ଜଣେ ଯୁବକ ଚତୁରତା କରି କିଛି ବ୍ୟକ୍ତିଙ୍କ ନାମରେ ମିଥ୍ୟା ଅଭିଯୋଗ କରି ନିଜେ ଶେଷରେ ହଟହଟା ହୋଇଥିବା ଦେଖିବାକୁ ମିଳିଛି। ଉକ୍ତ ଯୁବକ ଜଣଙ୍କ ଚାଲାଖିଆ ପଣ ଏଭଳି ଯେ ଭିନ୍ନ ଭିନ୍ନ ସମୟରେ ଥାନାରେ ଅଭିଯୋଗ କରି ନିର୍ଦ୍ଦୋଷୀ ମାନଙ୍କୁ କିଭଳି ଦୋଷୀ ସାବ୍ୟସ୍ତ କରାଯିବ ସେନେଇ ବିଭିନ୍ନ ଉପାୟ ଅପଣାଉଥିବା ଜଣାପଡିଛି। ଏଭଳି ଘଟଣା କିଛିଦିନ ହେବ ପାଟକୁରା ଥାନାରେ ଦେଖିବାକୁ ମିଳୁଛି ।

ଉକ୍ତ ଥାନା ଅଧୀନରେ ଥିବା ପଦ୍ମପୁର ପଞ୍ଚାୟତ କିଣିଲୋ ଗ୍ରାମର ଭଞ୍ଜ କିଶୋର ସ୍ୱାଇଁ ନାମକ ଜଣେ ଯୁବକ କିଛି ସପ୍ତାହ ହେବ ସେହି ଗ୍ରାମର କିଛି ବ୍ୟକ୍ତିଙ୍କ ନାମରେ ଭିନ୍ନ ଭିନ୍ନ ଅଭିଯୋଗ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ପ୍ରଥମେ ଗତ ୨୩ ଡିସେମ୍ବର ୨୦୨୪ ରେ ଜମିରେ ଧାନ କଟାଇ ଦେଉନଥିବା ଗ୍ରାମର ୭ ଜଣ ବେକ୍ତିଙ୍କ ନାମ ନେଇ ଥାନାରେ ଅଭିଯୋଗ କରିଥିଲେ ଭଞ୍ଜ । କିନ୍ତୁ ଗ୍ରାମର ସମସ୍ତ ଧାନ ଫସଲ ଅମଳ ପାଇଁ ଗୋଟିଏ ମାତ୍ର ଧାନ କଟା ମେସିନ୍ ଆସିଥିଲା। ଭଞ୍ଜଙ୍କ ଚାଷ ଜମି ପାଖକୁ ଲାଗିଥିବା ଅନ୍ୟମାନଙ୍କ ଜମିରେ ସେହି ସମୟରେ ଧାନ ଅମଳ ହୋଇନଥିବା ବେଳେ ଧାନ କଟାଇ ଦେଉନଥିବା ଅଭିଯୋଗ କରିଥିଲେ। ଉକ୍ତ ଘଟଣାକୁ ପାଟକୁରା ପୋଲିସ ତଦନ୍ତ ପରେ ଘଟଣା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଜାଣିବା ପରେ ଉଭୟଙ୍କ ମଧ୍ୟରେ ଆପୋଷ ବୁଝାମଣା କରିବାକୁ ଭଞ୍ଜ ନିଜେ ନିଷ୍ପତି ନେଇଥିଲା । କିନ୍ତୁ ଏହାର କିଛିଦିନ ପରେ ପୋଲିସ ଉପସ୍ଥିତିରେ ଭଞ୍ଜ କରିଥିବା ନିଷ୍ପତିରୁ ଓହରି ଯାଇଥିଲା । କିନ୍ତୁ ଏହି ଘଟଣାର କିଛିଦିନ ପରେ ପୁନର୍ବାର ଆଉ ଏକ ଅଭିଯୋଗ କରିଥିଲେ। ଅଭିଯୋଗରେ ଦର୍ଶାଇଥିଲେ ନିଜର ଥିବା ୮୫ ଡେସିମିଲ ଜମିରେ ଥିବା ବିରି ଫସଲକୁ ଗ୍ରାମର କିଛି ଲୋକ ନିଆଁ ଲଗାଇ ପୋଡ଼ିଦେଇଛନ୍ତି ।

**ନଡ଼ାରେ ନିଜେ ନିଆଁ ଲଗାଇଲେ**

**ଗ୍ରାମର କିଛି ଯୁବକ ବିରି ଫସଲ ପୋଡ଼ିଦେଇଥିବା ଅଭିଯୋଗ କଲେ**

ଏହି ଅଭିଯୋଗ ପାଇବାପରେ ପାଟକୁରା ଥାନା ଅଧକାରୀ ଘଟଣାକୁ ଗୁରୁତର ସହ ନେଇ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଞ୍ଚିଥିଲେ ଏବଂ ଭଞ୍ଜଙ୍କୁ ଘଟଣାସ୍ଥଳକୁ ଯିବାକୁ କହିଥିଲେ କିନ୍ତୁ ସେହି ସମୟରେ ଭଞ୍ଜ ଦୂରେଇ ରହିଥିଲେ । କିନ୍ତୁ ଭଞ୍ଜ କରିଥିବା ଅଭିଯୋଗ ଆଧାରରେ ତଦନ୍ତ କରିବାରୁ ଦେଖିଥିଲେ ଯେଉଁ ଜମିକୁ ବିରି ଫସଲ ବୋଲି ଦର୍ଶାଯାଇଛି ତାହା ବିରି ଜମି ନୁହେଁ ତାହା କିଛିଦିନ ପୂର୍ବେ ଧାନ ଅମଳ ହୋଇଛି । ଧାନ ଫସଲ ଅମଳ କରି କ୍ଷେତରେ ଥିବା ନଡ଼ା କୁ ନିଜେ ନିଆଁ ଲଗାଇ ଚତୁରତାର ସହିତ ବିରି ଫସଲ ନିଆଁ ଲଗାଇ ପୋଡି ଦେଇଥିବା ମିଥ୍ୟା ଅଭିଯୋଗ କରିଥିଲେ । ନିଜେ ଭଞ୍ଜ ଜମିରେ ନିଆଁ ଲଗାଇବା ସମୟରେ କିଣିଲୋ ଗ୍ରାମର କିଛି ବେକ୍ତି ମଧ୍ୟ ଦେଖିଥିଲେ । ଏଭଳି ମିଥ୍ୟା ଅଭିଯୋଗ କରି ଗ୍ରାମବାସୀଙ୍କୁ ବଦନାମ କରୁଥିବା ବେଳେ ଗ୍ରାମବାସୀ ଉଚ୍ଚସ୍ତରୀୟ ତଦନ୍ତ ଦାବିପରେ ଘଟଣାର ସତ୍ୟ ସତ୍ୟ ପଦାକୁ ଆସିଥିଲା ଶେଷରେ ଯୁବକ ଜଣଙ୍କ ମିଥ୍ୟା ଅଭିଯୋଗ ଲାଗି ହଟହଟା ହୋଇଥିବା ଜଣାପଡିଛି । ଉକ୍ତ ଯୁବକ ଜଣକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କିଣିଲୋ ଗ୍ରାମବାସୀ ଦାବି କରିଛନ୍ତି ।

# ଅନାସ୍ଥା ସପକ୍ଷରେ ଭୋଟ୍‌କୁ ବିରୋଧ, ବିଷ ପିଇଲେ ପୁଅ

**ରାଜନଗର, ୩୦ା୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତର ସରପଞ୍ଚ କୈଳାସ ଚନ୍ଦ୍ର ପରିଡା ଆସ୍ଥା ଭୋଟରେ ପରାଜୟ ବରଣ କରିବା ସହ ପଦ ହରାଇଛନ୍ତି। ଆଜି ଅନାସ୍ଥା ପାଇଁ ଭୋଟ ପଡ଼ିଥିଲା। ଅନାସ୍ଥା ସପକ୍ଷରେ ୮ଜଣ ୱାର୍ଡ ସଭ୍ୟ ସଭ୍ୟା ଭୋଟ ଦେଇଥିବା ବେଳେ ଅନାସ୍ଥା ବିପକ୍ଷରେ କେବଳ ସରପଞ୍ଚ ନିଜେ ଖଣ୍ଡିଏ ଭୋଟ ଦେଇଥିଲେ।

ଆଜି ତହସିଲଦାର ତଥା ଅନାସ୍ଥା ଭୋଟର ନିର୍ବାଚନ ଅଧିକାରୀ ଅଜୟ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତର ୧୧ଜଣ ୱାର୍ଡ ସଭ୍ୟ ସଭ୍ୟାଙ୍କ ମଧ୍ୟରୁ ୩ଜଣ ୱାର୍ଡ ସଭ୍ୟ ସଭ୍ୟା ଅନୁପସ୍ଥିତ ଥିଲେ। ୮ଜଣ ୱାର୍ଡ ସଭ୍ୟା ସଭ୍ୟ ଓ ସରପଞ୍ଚ ଉପସ୍ଥିତ ଥିବାରୁ କୋରମ ହେବାରୁ ବୈଠକ ହୋଇଥିଲା। ଏହି ବୈଠକ କାହିଁକି ଡକାଯାଇଛି ସେ ନେଇ ତହସିଲଦାର କହିବା ପରେ ସଭ୍ୟ ସଭ୍ୟାମାନେ ଏ ସମ୍ପର୍କରେ ମତ ରଖିଥିଲେ। ବୈଠକର ନିଷ୍ପତି ଅନୁଯାୟୀ ଭୋଟ ପକ୍ରିୟା ଆରମ୍ଭ ହୋଇଥିଲା। ଦିନ ୧୨ଟା୩୦ରେ ଭୋଟ ଗ୍ରହଣ ଓ ୧୨ଟା ୪୦ରେ ଗଣତି ଆରମ୍ଭ ହୋଇ ଦିନ ୧ଟାରେ ପକ୍ରିୟା ଶେଷ ହୋଇଥିଲା। ଭୋଟ ପକ୍ରିୟା ସରିବା ପରେ ରେଜ୍ୟୁଲେସନ କରାଯାଇଥିଲା। ରେଜ୍ୟୁଲେସନରେ କିଏ କେତେଖଣ୍ଡ ଭୋଟ ପାଇଲା, ସେ ନେଇ ଉଲ୍ଲେଖ କରାଯିବା ସହ ସମସ୍ତଙ୍କ ଦସ୍ତଖତ ନିଆଯାଇଥିଲା। ରେଜ୍ୟୁଲେସନ କପି ଓ ସିଲ ହୋଇଥିବା ବାଲାଟ ପେପେର ଜିଲ୍ଲାପାଳଙ୍କୁ ହସ୍ତାନ୍ତର କରାଯାଇଛି। ଜିଲ୍ଲାପାଳ ଏ ନେଇ ବିଧିବଦ୍ଧ ଭାବେ ଘୋଷଣା କରିବେ। ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତି ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିବା ବେଳେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇଥିଲେ।



**ଅନାସ୍ଥା ଭୋଟରେ ପଦ ହରାଇଲେ ବାଲିସାହିପାଟଣା ସରପଞ୍ଚ**

**ପୁଲିସ ସୁରକ୍ଷାରେ ଭୋଟ ଦେବାକୁ ଆସିଲେ ୱାର୍ଡ ସଭ୍ୟ, ସଭ୍ୟା**

ଆଜିର ଅନାସ୍ଥା ଭୋଟରେ ସରପଞ୍ଚ କୈଳାସ ଚନ୍ଦ୍ର ପରିଡା ଆସ୍ଥା ହରାଇ ଥିବାରୁ ସେ ପଦ ହରାଇଛନ୍ତି। ବିଜେଡି ସମର୍ଥିତ ସରପଞ୍ଚ ପଦ ହରାଇବା ପରେ ବିଜେପି ଶିବିର ଉତ୍ସାହିତ ହୋଇପଡ଼ିଛି। ରାଜନଗର ବ୍ଲକର ଆଗ ଧାଡିର ନେତା ଭାବେ ପରିଚିତ କୈଳାଶ ଅନାସ୍ଥା ଭୋଟରେ ପଦ ହରାଇବା ଘଟଣା ରାଜନଗରରେ ରାଜନୈତିକ ଚର୍ଚା ସୃଷ୍ଟି କରିଛି।

ଅନ୍ୟ ପକ୍ଷରେ ଆଜି ଅନାସ୍ଥା ଭୋଟ୍‌କୁ ନେଇ ପଂଚାୟତ କାର୍ଯ୍ୟଳୟ ସମୁଖରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ରାଜନୀତି କିପରି ପରିବାର ଉଜାଡିପାରେ ତାର ନିଛକ ଚିତ୍ର ଦେଖିବାକୁ ମିଳିଛି। ମଧୁପୁର ଗାଁର ୧୧ନମ୍ବର ୱାର୍ଡ ସଭ୍ୟ ରବୀନ୍ଦ୍ର ଜେନାଙ୍କୁ ବିପକ୍ଷ ଗୋଷ୍ଠୀ ଉଠାଇ ନେଇ ନଜର ବନ୍ଦୀରେ ୧ ମାସ ହେଲା ରଖିଥିଲେ। ଆଜି ରବୀନ୍ଦ୍ରଙ୍କ ସମେତ ୮ଜଣ ୱାର୍ଡ ସଭ୍ୟ ସଭ୍ୟାଙ୍କୁ ପୋଲିସ ସାନବଡ଼ଗୋପାଳପୁର ଠାରୁ ସୁରକ୍ଷା ବଳୟ ମଧ୍ୟରେ ପଂଚାୟତ କାର୍ଯ୍ୟଳୟ ଯାଏଁ ଆଣିଥିଲା। ପଂଚାୟତ କାର୍ଯ୍ୟାଳୟ ଗେଟ ନିକଟରେ ରବୀନ୍ଦ୍ରଙ୍କ ପୁଅ ଅଞ୍ଜନ ଓ ପତ୍ନୀ କନକଲତା ରବୀନ୍ଦ୍ରଙ୍କୁ ଭୋଟ ଦେବାକୁ ନଯିବାକୁ କହିଥିଲେ। ମାତ୍ର ପୋଲିସ ପୁଅକୁ ସେଠାରୁ ବିଦା କରି ଦେଇଥିଲେ।

ରବୀନ୍ଦ୍ର ପୁଅ ଓ ପରିବାର ଲୋକଙ୍କ କଥା ନଶୁଣି ଅନାସ୍ଥା ଭୋଟ ଦେବାକୁ କାର୍ଯ୍ୟାଳୟ ମଧ୍ୟଙ୍କୁ ଯାଇଥିଲେ। ବାପା ପରିବାର ଲୋକଙ୍କ କଥା ନଶୁଣି ଅନାସ୍ଥା ଭୋଟ ଦେବାକୁ ଯିବା ଓ ପୋଲିସ ବାପାଙ୍କ ସହ କଥା ହେବାକୁ ନଦେବାରୁ ପୁଅ ଅଞ୍ଜନ ପଂଚାୟତ ଅଫିସ ଆଗରେ ସମସ୍ତଙ୍କ ସାମ୍ନାରେ ବିଷ ପିଇଥିଲେ। ତାଙ୍କୁ ଗୁରୁତର ଭାବେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଅଞ୍ଜନଙ୍କୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି। ଆଜି ସକାଳେ ବାପା ରବୀନ୍ଦ୍ର ନିଖୋଜ ଥିବା ନେଇ ପୁଅ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ଲାଗି ରହିଥିଲା।

### ନାବାଳିକା ବଳାତ୍କାର ମାମଲା

## ଆସାମୀକୁ ୧୦ ବର୍ଷ ଜେଲ ଦଣ୍ଡ, ୫୦ ହଜାର ଜରିମାନା

**କେନ୍ଦ୍ରାପଡ଼ା, ୩୦ା୧ (ସଂଚାର ବ୍ୟୁରୋ):** ମାର୍ଶାଘାଇ ଥାନା ଅଧୀନରେ ଘଟିଥିବା ଏକ ୧୫ ବର୍ଷର ନାବାଳିକା ବଳାତ୍କାର ମାମଲାର ବିଚାର କରି କେନ୍ଦ୍ରାପଡ଼ା ଫାଷ୍ଟଟ୍ରାକ ପୋକସୋ କୋର୍ଟ ବିଚାରପତି ଆସାମୀ ପ୍ରଦୀପ କିସାନ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ଆସାମୀକୁ ୫୦ ହଜାର ଟଙ୍କା ଜୋରିମାନା ଦଣ୍ଡରେ ମଧ୍ୟ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଆସାମୀ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ପ୍ରଦୀପ କିସାନର ଘର ସମ୍ବଲପୁର ଜିଲା କେସିଙ୍ଗା ଥାନା ଅନ୍ତର୍ଗତ କାଞ୍ଚନପୁର ଗ୍ରାମରେ ହୋଇଥିବା ବେଳେ ସେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଧୀନରେ ଥିବା ଏକ ଇଟା ଭାଟିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ।

## ଖଣି ଅଧିକାରୀଙ୍କ ହାବୁଡ଼ରେ ଚୋରା ବାଲି ମାଫିଆ, ପୋକ୍ଲିନ ସହ ହାଇୱା ଜବତ

**କେନ୍ଦ୍ରାପଡ଼ା, ୩୦ା୧ (ସଂଚାର ବ୍ୟୁରୋ):** ନିକିରାଇ ଥାନା ଅଧୀନସ୍ଥ ବେଣୀପୂର ଅଞ୍ଚଳରେ ଦିନକୁ ଦିନ ବାଲି ମାଫିଆଙ୍କ ଦୌରାତ୍ମ ଅସହ୍ୟ ହୋଇ ପଡିଛି । ଅଞ୍ଚଳରେ ଯାଇଥିବା ବିରୂପା ନଦୀ ବେଣୀପୁର ଘାଟରୁ ଦିନକୁ ଶହ ଶହ ଟ୍ରିପ ବାଲି ଚୋରି କରି ମାଫିଆ ମାଲାମାଲ୍ ହେଉଥିବା ବେଳେ ନଦୀ ଅଞ୍ଚଳରେ ବସ ବାସ କରୁଥିବା ଜନ ସାଧାରଣ ପ୍ରଦୂଷଣ ସହ ରାସ୍ତାରେ ଯିବା ଆସିବା ଅସହ୍ୟ ହେବାରୁ ନୂଆ କରି ଆସିଥିବା ଦବଙ୍ଗ ଖଣି ଅଧିକାରୀ ରଞ୍ଜିତ ବେହେରାଙ୍କୁ ସୂଚନା ଦେଇଥିଲେ । ଗତ ଦୁଇ ଦିନ ଧରି ବିରୂପା ନଦୀ ବେଣୀପୁର ଘାଟରେ ବାଲି ଉତ୍ତୋଳନ କରି ହାଇୱା ସାହାଜ୍ୟରେ ବାଲି ଚୋରା ଚାଲାଣ କରୁଥିବା ବେଳେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଭାରା ପ୍ରାପ୍ତ ଖଣି ଅଧିକାରୀ ରଞ୍ଜିତ ବେହେରା ସ୍ଥାନୀୟ ପୋଲିସଙ୍କ ସହ ମିଶି ଅଚାନକ ଚୋରା ବାଲି ଘାଟରେ ଚଢ଼ାଉ କରିଥିଲେ । ଚଢ଼ାଉ କରି ଗୋଟେ ଟାଟା ପୋକ୍ଲିନ୍ ସହ ଗୋଟେ ଚୋରା ବାଲି ବୋଝେଇ ହାଇୱା ଓ,ଡି ୦୨ ସି,ଜେଡ୍‌୬୩୩୬ କୁ ଜବତ୍ କରି ନିକଟସ୍ଥ ନିକିରାଇ ଥାନାରେ ଜୀମା ଦେଇଛନ୍ତି ।

# ଅଫିସର ମାନୁନାହାନ୍ତି ବଦଳି ନିର୍ଦ୍ଦେଶ

## କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଲେ ସରକାର



ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ): ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଫିସରମାନଙ୍କ ବଦଳି ହେଉଛି ସତ କିନ୍ତୁ ସେହି ବଦଳି ନିର୍ଦ୍ଦେଶକୁ ଅଫିସରମାନେ ମାନୁନାହାନ୍ତି । କେଉଁଠି ସମ୍ପୃକ୍ତ ଅଫିସରଙ୍କୁ ରିଲିଭ୍ କରାଯାଉନି ତ କେଉଁଠି ସେହି ଅଫିସରମାନେ ନିଜ ପଦ ରଖିବା ପାଇଁ ନାନାଦି କସରତ କରୁଛନ୍ତି । ଯେଉଁଥିପାଇଁ ଗତ ୨୦୨୪ ଜୁଲାଇ ୨ତାରିଖରୁ ଚଳିତମାସ ୨୪ତାରିଖ ମଧ୍ୟରେ ମୋଟ ୩୭ଟି ବଦଳି ନିର୍ଦ୍ଦେଶ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରିନି। ଏଭଳି ପ୍ରଶାସନିକ ସଙ୍କଟକୁ ଦେଖି ମୋହନ ମାଝୀଙ୍କ ସରକାର କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି । ଆଉ ବଦଳି ହୋଇଥିବା ଅଫିସରମାନଙ୍କୁ ଚଳିତମାସ ୩୧ତାରିଖ ସୁଦ୍ଧା ରିଲିଭ୍ ନକଲେ ତାକୁ ସରକାରଙ୍କ ନିର୍ଦ୍ଦେଶର ଅବମାନନା ଭାବେ ବିବେଚନା କରାଯାଇ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ସମସ୍ତ ବିଭାଗୀୟ ସଚିବ, ବିଭାଗୀୟ ମୁଖ୍ୟ ଓ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ବଦଳି ନିର୍ଦ୍ଦେଶ ଆଧାରରେ ଓଏଏସ୍ ଅଫିସରମାନଙ୍କୁ ରିଲିଭ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ବାରମ୍ବାର ତାଗିଦ୍ ସତ୍ତ୍ୱେ ବରିଷ୍ଠ ଓଏଏସ୍ ଅଫିସରମାନଙ୍କ ବଦଳିକୁ ସେମାନଙ୍କର ଉପରିସ୍ଥ କର୍ତ୍ତୃପକ୍ଷମାନେ କାର୍ଯ୍ୟକାରୀ କରୁନଥିବା ଦେଖିବାକୁ ମିଳିଛି । ବଦଳି ହୋଇଥିବା ଅଧିକାଂଶ ଅଫିସର ନିଜର ବର୍ତ୍ତମାନ ସ୍ଥାନରୁ ରିଲିଭ୍ ହୋଇନଥିବା ଅବା ନୂଆ ଦାୟିତ୍ୱ ଗ୍ରହଣ କରିନଥିବା ଦେଖିବାକୁ ମିଳିଛି । ଏହି ବଦଳି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାନଯିବା ଦ୍ୱାରା ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର କାର୍ଯ୍ୟକାରିତା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲୋକଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ଗୁରୁତର ପ୍ରଶାସନିକ ସମସ୍ୟା ସୃଷ୍ଟି ହୋଇଛି। ଏହାବ୍ୟତୀତ ବଦଳି ନିର୍ଦ୍ଦେଶ ସତ୍ତ୍ୱେ ଅଫିସରମାନେ ଦୀର୍ଘଦିନ ଧରି ରିଲିଭ୍ ହେଉନଥିବାରୁ ବଦଳିର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁନି । ଏହା ଖୋଲାଖୋଲି ସରକାରୀ ନିର୍ଦ୍ଦେଶର ଅବମାନନା, ଯାହାକି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକ କରୁଛି ବୋଲି ଶ୍ରୀ କୁମାର କହିଛନ୍ତି । ସେ ଜୁଲାଇ ୨ରୁ ଜାନୁୟାରୀ ୨୪ତାରିଖ ମଧ୍ୟରେ ରାଜ୍ୟ ସରକାର ଜାରି କରିଥିବା ୩୭ଟି ବଦଳି ବିଜ୍ଞପ୍ତିର ବିସ୍ତୃତ ତାଲିକା ଦେଇ ବଦଳି ହୋଇଥିବା ଅଫିସରମାନଙ୍କୁ ଜାନୁୟାରୀ ୩୧ତାରିଖ ଅପରାହ୍ନ ସୁଦ୍ଧା ରିଲିଭ୍ କରିବା ନିମନ୍ତେ ସେମାନଙ୍କର କଣ୍ଟ୍ରୋଲିଂ ଅଥରିଟିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ସେମାନେ ୩୧ତାରିଖ ସୁଦ୍ଧା ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ ନକରିବେ ତା'ହେଲେ ବଦଳି ହୋଇଥିବା ଅଫିସରମାନେ ଫେବୃୟାରୀ ୧ତାରିଖ ମଧ୍ୟାହ୍ନ ସୁଦ୍ଧା ରିଲିଭ୍ ହେଲେ ବୋଲି ଧରିନିଆଯିବ। ଆଉ ରିଲିଭ୍ ହୋଇଥିବା ଅଫିସରମାନେ ରିଲିଭ୍ ହେବାର ଦୁଇଦିନ ମଧ୍ୟରେ ନିଜର ନୂଆ ଦାୟିତ୍ୱ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଏହି ନିର୍ଦ୍ଦେଶକୁ ପାଳନ ନକଲେ ସମ୍ପୃକ୍ତ ଅଫିସରମାନଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଶ୍ରୀ କୁମାର ଚେତାଇ ଦେଇଛନ୍ତି । ସେ ୨୦୨୪ ଜୁଲାଇ ମାସର ୮ଟି ବଦଳି ନିର୍ଦ୍ଦେଶ, ଅଗଷ୍ଟ ମାସର ୬ଟି ବଦଳି ନିର୍ଦ୍ଦେଶ, ସେପ୍ଟେମ୍ବର ମାସର ୩ଟି, ଅକ୍ଟୋବର ମାସର ୨ଟି, ନଭେମ୍ବର ମାସର ୫ଟି, ଡିସେମ୍ବର ମାସର ୪ଟି ଓ ଚଳିତ ଜାନୁୟାରୀ ମାସର ୪ଟି ବଦଳି ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ତାଗିଦ୍ କରିଛନ୍ତି । ସୂଚନାଯୋଗ୍ୟ, ମୋହନ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଫିସରମାନଙ୍କ ଦାୟିତ୍ୱ ଓ ସ୍ଥାନ ଅଦଳବଦଳ କରୁଥିଲେ ମଧ୍ୟ ସେମାନେ ନିଜର ଉପରିସ୍ଥ କର୍ତ୍ତୃପକ୍ଷ(ଆଇଏଏସ୍ ଅଫିସର)ମାନଙ୍କ ସହଯୋଗରେ ଦୀର୍ଘଦିନ ଧରି ରିଲିଭ୍ ହେଉନଥିବା ଓ ବଦଳି ନିର୍ଦ୍ଦେଶକୁ ବାତିଲ ପାଇଁ ପ୍ରୟାସ କରୁଥିବା ଚର୍ଚ୍ଚା ହେଉଛି ।

## ଓୟୁଏଚ୍‌ଏସ୍‌ରେ ରିସର୍ଚ୍ଚ ଏଥିକ୍ସ କମିଟି ସ୍ଥାପିତ



ଭୁବନେଶ୍ୱର,୩୦।୧ (ସଂଚାର ବ୍ୟୁରୋ): ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଓୟୁଏଚ୍‌ଏସ୍)ରେ ଆଜି ରିସର୍ଚ୍ଚ ଏଥିକ୍ସ କମିଟି (ଆର୍‌ଇସି) ସ୍ଥାପିତ ହୋଇଛି। ଏହା ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ନୈତିକ ମାନଦଣ୍ଡ ଏବଂ ଉଚ୍ଚ ଗୁଣବତ୍ତା ସ୍ଥିର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାର ଜନସାଧାରଣଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସ୍ୱାସ୍ଥ୍ୟସେବାରେ ନୈତିକ ମାନଦଣ୍ଡ ଏବଂ ନବସୃଜନର ବ୍ୟାପକ ଆବଶ୍ୟକତା ରହିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି। ଏଥିକ୍ସ କମିଟି ଅଧ୍ୟକ୍ଷ ନ୍ୟାୟାଧୀଶ ଡା. ଡିପି ଚୌଧୁରୀ ଚିକିତ୍ସା ଗବେଷଣାରେ ନୈତିକ ଅନୁପାଳନ ଓ ଗବେଷକମାନଙ୍କ ଦାୟିତ୍ୱ ବିଷୟରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡା.) ମାନସ ରଞ୍ଜନ ସାହୁ ବିଶ୍ୱବିଦ୍ୟାଳୟର ଉନ୍ନତିକରଣ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ସୋଲାର ପ୍ୟାନେଲ ଓ ନୂତନ ୱେବସାଇଟ ଉଦ୍‌ଘାଟିତ ହୋଇଥିଲା। ପ୍ରଫେସର ଡା ରୋଜା ରମଣୀ କମିଟିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସଂକ୍ଷିପ୍ତ ବିବରଣୀ ରଖିଥିଲେ। ସେ କମିଟିର ସମସ୍ତ ସଦସ୍ୟଙ୍କ ପରିଚୟ ପ୍ରଦାନ କରିବା ସହ ସେମାନଙ୍କର ମୌଳିକ ଚିକିତ୍ସା ବିଜ୍ଞାନ, କ୍ଲିନିକାଲ ଗବେଷଣା, ଆଇନ ଏବଂ ସାମାଜିକ ବିଜ୍ଞାନ କ୍ଷେତ୍ରର ଅଭିଜ୍ଞତା ବିଷୟରେ ଉଲ୍ଲେଖ କରିଥିଲେ। ଶେଷରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ସନ୍ତୋଷୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାକୁମ୍ଭ ପାଇଁ ସ୍ୱତନ୍ତ୍ର ବସ୍ ସେବା ୪ ଯାଏଁ ବନ୍ଦ

ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ): ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭମେଳା ପାଇଁ ରାଜ୍ୟବାସୀଙ୍କ ସକାଶେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ପକ୍ଷରୁ ସ୍ୱତନ୍ତ୍ର ବସ୍ ସେବା ଆରମ୍ଭ ହୋଇଥିବା ବେଳେ ଆଜି ଏହି ସେବାକୁ ସାମୟିକ ଭାବେ ବନ୍ଦ କରାଯାଇଛି। ଏନେଇ ନିଗମ ପକ୍ଷରୁ ସୂଚନା ଦିଆଯାଇଛି। ନିଗମ ପକ୍ଷରୁ ଜାରି ସୂଚନାନୁସାରେ, ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଏହି ବସ୍ ସେବା ବନ୍ଦ ରହିବ। କୌଣସି ନିର୍ଦ୍ଦିଷ୍ଟ ଅପ୍ରୀତିକର ପରିପ୍ରେକ୍ଷୀରେ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ଏ ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ସବିଶେଷ ସୂଚନା ଦିଆଯିବ ବୋଲି ମଧ୍ୟ ନିଗମ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ ଯେ ପ୍ରୟାଗରଜେର ତ୍ରିବେଣୀ ସଙ୍ଗମରେ ମୌନୀ ଅମାବାସ୍ୟା ପରିପ୍ରେକ୍ଷୀରେ ଗତକାଲି କୋଟି କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ଅନ୍ୟପକ୍ଷରେ ଭକ୍ତଙ୍କ ଅସମ୍ଭବ ଭିଡ଼ ପରିପ୍ରେକ୍ଷୀରେ ଦଳାଚକଟା ହେବା କାରଣରୁ ଏଥିରେ ୩୦ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିବା ବେଳେ ୯୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଏହି ଅଘଟଣ ପରେ ସେଠାରେ ଅନେକ କଟକଣା ଲାଗୁ କରାଯାଇଛି। ମେଳା ଅଞ୍ଚଳକୁ ସମସ୍ତ ପ୍ରକାର ଯାନବାହନ ପ୍ରବେଶ ଉପରେ ପ୍ରତିବନ୍ଧକ ମଧ୍ୟ ଲାଗିଛି।

## ବାଟୋଇଙ୍କ ପାଇଁ ବିପଦ ଆଣୁଛି ୪ କୋଟିର ଅସମ୍ପୂର୍ଣ୍ଣ ରାସ୍ତା



ବୋଲଗଡ଼,୩୦।୧(ସଂଚାର ବ୍ୟୁରୋ): ବୋଲଗଡ଼ ବ୍ଲକର ବଡ଼ ଗ୍ରାମପଞ୍ଚାୟତ ଭାବେ ପରିଚିତ ସଗାରଗାଁ ପଂଚାୟତ। ପାହାଡ଼ ଜଙ୍ଗଲ ଭରା ମନଲୋଭା ପରିବେଶ। କିନ୍ତୁ ଦୁଃଖ ପାଲଟିଛି ରାସ୍ତା। ଏହି ରାସ୍ତା ଦେଇ ମଣ୍ଡନଗିରିକୁ ଯାଇଥାନ୍ତି ପର୍ଯ୍ୟଟକ। ଅବସ୍ଥା ଏମିତି ଯେ, କେତେ ବେଳେ କ'ଣ ହେବ ତାହା କହିହେବନି। କାହା ଗାଡିର ଟାୟାର ଫାଟୁଛି ତ କେହି କେହି ସ୍ଲିପ ହୋଇ ପଡି ଯାଉଛନ୍ତି। ପ୍ରତିଦିନ ଏମିତି କିଛି ନା କିଛି ଘଟୁଥିବା ନଜିର ରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଜରିପଡ଼ା-ପାଟବନ୍ଧ ରାସ୍ତା ତିଆରି ହେଉଛି। ବର୍ଷେ ହେଲା ରାସ୍ତା କାମ ଅଧାରେ ଛାଡ଼ି ଠିକାଦାର ଛୁ ମାରିଛି। ସେଥିପାଇଁ ହିନସ୍ତା ହେଉଛନ୍ତି ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକ। ହେଲେ ଏବାବଦରେ ଯେମିତି ବିଭାଗ ପାଖରେ କୌଣସି ଖବର ନାହିଁ। ନିଜ ଅସହାୟତା ପ୍ରକାଶ କରି ବିଭାଗୀୟ ଯନ୍ତ୍ରୀ କହୁଛନ୍ତି, ବାରମ୍ବାର କହିବା ପରେ ବି ଠିକାଦାର କାମ କରୁନାହିଁ । ପୁରୁଣା ସରକାରଙ୍କ ସମୟରେ ଆରମ୍ଭ ହୋଇଥିବା ରାସ୍ତା କାମ ଅଧାରେ ପଡ଼ିଛି। ବର୍ତ୍ତମାନର ସରକାର ଲୋକଙ୍କ କାମ ଉପରେ ପ୍ରାଥମିକତା ଦେଉଥିବା କହୁଛନ୍ତି। ତେବେ ଜରିପଡ଼ା-ପାଟବନ୍ଧ ରାସ୍ତା କାମ ସଂପୂର୍ଣ୍ଣ କରିବା ଦିଗରେ ପଦକ୍ଷେପ ନେବେ କି? କାମରେ ଅବହେଳା ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯିବ କି? ବୋଲି ପ୍ରଶ୍ନ ଉଠିଛି।

## ଗୋଟିଏ ରାତିରେ ୪ଟି ଘରେ କଳାକନା ବୁଲାଇଲେ ଚୋର

ସୋର,୩୦।୧(ସଂଚାର ବ୍ୟୁରୋ): ଯାତ୍ରା ଦେଖିବାକୁ ଯିବା ହେଲା କାଳ । ଚାରି ଜଣଙ୍କ ଘରୁ କବାଟ ତାଡ଼ି ଲୁଟି ନେଲେ ସୁନା ଗହଣା । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସୋର ଥାନା ଅନ୍ତର୍ଗତ ତୁଣ୍ଡପଡ଼ା ଗାଁରେ । ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଘରେ କେହିନଥିବାର ସୁଯୋଗ ଦେଖି କଳାକନା ବୁଲାଇଲେ ଚୋର । ବାଲେଶ୍ୱର ସୋର ଅଞ୍ଚଳରୁ ସିରିଜ ଲୁଟ ହୋଇଛି। ରାତିଅଧରେ କବାଟ ଭାଙ୍ଗି ଘରେ ପଶି ଲକ୍ଷାଧିକ ଟଙ୍କାର ଅଳଙ୍କାର ସହ ସମ୍ପତ୍ତି ଲୁଟିନେଇଛନ୍ତି ଲୁଟେରା। ସୂଚନା ଅନୁସାରେ ଗତକାଲି ସୋର ପୌରପାଳିକା ଅନ୍ତର୍ଗତ ୧୬ନଂ ତୁଣ୍ଡପଡ଼ା ଗ୍ରାମରେ ସଞ୍ଜୟ ନାୟକ, ମାର୍କଣ୍ଡ ନାୟକ, ଧିରେନ ଦାସ ଓ ମନ୍ମଥ ନାୟକଙ୍କ ପରିବାର ଗତକାଲି ଯାତ୍ରା ଦେଖିବାକୁ ଯାଇଥିଲେ । ଏହି ସମୟରେ ୧୦ରୁ ଅଧିକ ଦୁର୍ବୃତ୍ତ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସମେତ ନଗଦ ଟଙ୍କା ଲୁଟି ନେଇଛନ୍ତି ।

● କୁଷ୍ଠ ନିରାକରଣ ଦିବସ

## ୫ ବର୍ଷରେ ୪୦ ପ୍ରତିଶତ କମିଛନ୍ତି କୁଷ୍ଠରୋଗୀ



ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ): ଆଗାମୀ ୨୦୩୦ ସୁଦ୍ଧା କୁଷ୍ଠମୁକ୍ତ ହେବ ଭାରତ। ଓଡ଼ିଶା ପାଇଁ ପ୍ରସ୍ତୁତ ହୋଇଛି ପ୍ଲାନ। ସରକାରଙ୍କ ପକ୍ଷରୁ ନୂତନ କରି ଆରମ୍ଭ ହେବ ଟିକାକରଣ। ସେବା କରୁଥିବା ଲୋକଙ୍କ ସମେତ କୁଷ୍ଠରୋଗୀଙ୍କ ପରିବାରବର୍ଗଙ୍କୁ ମିଳିବ ଏହି ଟିକା। ଆଜି ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲରେ ବିଶ୍ୱ କୁଷ୍ଠ ନିରାକରଣ ଦିବସ ପାଳିତ ହୋଇଛି। ପ୍ରତିବର୍ଷ ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥିକୁ ବିଶ୍ୱ କୁଷ୍ଠ ନିରାକରଣ ଦିବସ ଭାବେ ପାଳନ କରାଯାଉଥିବା ବେଳେ ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ସାସାକାୱା ଫାଉଣ୍ଡେସନ ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ କୁଷ୍ଠ ମୁକ୍ତ ରାଜ୍ୟ ଓ କୁଷ୍ଠ ମୁକ୍ତ ଦେଶ ଗଠନ ପାଇଁ ବିଶ୍ୱକୁ ଅପିଲ କରାଯାଇଛି। ଏହି ଗ୍ଲୋବାଲ ଅପିଲର ଶୁଭାରମ୍ଭ ସହ ସାରା ବିଶ୍ୱକୁ କିପରି କୁଷ୍ଠମୁକ୍ତ କରାଯାଇପାରିବ, ସେନେଇ ଆଲୋଚନା ହୋଇଛି। କୁଷ୍ଠରୋଗୀମାନଙ୍କୁ ସମ୍ମାନ ଓ ସ୍ୱାଭିମାନରେ ବଞ୍ଚିବା ସାଙ୍ଗକୁ ସମାଜରେ ସଚେତନତା ପାଇଁ କ'ଣସବୁ ପଦକ୍ଷେପ ଜରୁରୀ, ସେ ସଂକ୍ରାନ୍ତରେ ମଧ୍ୟ ଚର୍ଚ୍ଚା ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାର କୁଷ୍ଠରୋଗୀମାନଙ୍କ ସହ ଅନ୍ୟାନ୍ୟ ପ୍ରାୟ ୧୮ଟି ରାଜ୍ୟର କୁଷ୍ଠରୋଗୀ ଏକାଠି ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସହ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ଓ ଭାରତରୁ ଏହି ଦୁରାରୋଗକୁ ସମ୍ପୂର୍ଣ୍ଣ ବିନାଶ କରିବାକୁ ପ୍ରସ୍ତୁତ ହେଉଥିବା କହିଛନ୍ତି। ବର୍ତ୍ତମାନ । ତାଙ୍କ କହିବାନୁସାରେ, ରାଜ୍ୟରେ ୨୦୧୯-୨୦ରେ କୁଷ୍ଠରୋଗୀଙ୍କ ସଂଖ୍ୟା ୧୦ ହଜାର ଥିବା ବେଳେ ୨୦୨୪-୨୫ରେ ଏହା ୬୧୯୯କୁ ହ୍ରାସ ପାଇଛି। ଅର୍ଥାତ କୁଷ୍ଠରୋଗୀଙ୍କ ସଂଖ୍ୟାରେ ୪୦ ପ୍ରତିଶତ ହ୍ରାସ ଘଟିଛି। ସାସାକାୱା ଫାଉଣ୍ଡେସନ ଓ ଓଡ଼ିଶା ସରକାରଙ୍କ ମିଳିତ ପ୍ରୟାସରେ ରାଜ୍ୟ ଓ ଦେଶରୁ କୁଷ୍ଠରୋଗକୁ ହଟାଇବା ସକାଶେ ପ୍ଲାନ ପ୍ରସ୍ତୁତ ହେଉଛି। ଆଗାମୀ ଦିନରେ କୁଷ୍ଠରୋଗୀଙ୍କ ସମ୍ପର୍କୀୟ ଓ ସେମାନଙ୍କ ସେବା କରୁଥିବା ଲୋକଙ୍କୁ ଟିକା ଦିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ କେତେକ ସ୍କୁଲ ଛାତ୍ରୀଙ୍କୁ ସ୍ୱପ୍ନା ମାସ୍କଟ ଭାବେ ସମ୍ମାନିତ କରାଯାଇଛି। ସେମାନେ ସ୍କୁଲରେ ପାଠ ପଢ଼ିବା ସହ ଘର ଘର ବୁଲି ଜନସଚେତନତା କାର୍ଯ୍ୟକ୍ରମରେ ନିୟୋଜିତ ହେବେ ବୋଲି ମନ୍ତ୍ରୀ କହିଛନ୍ତି ।

● ବେକାବୁ ହେଲା ପ୍ରେମ ନିଶା

## ପରିବାର ଲୋକଙ୍କୁ ନିଶା ଦେଇ ନାବାଳିକା ଫେରାର୍

ଯାଜପୁର,୩୦।୧(ସଂଚାର ବ୍ୟୁରୋ): ପ୍ରେମ ଆଗରେ ପରିବାରର ଭଲ ପାଇବା ତୁଚ୍ଛ ପାଲଟିଲା। ପ୍ରେମିକକୁ ପାଇବା ସକାଶେ ବାପା-ମା'ଙ୍କ ସ୍ନେହ ଓ ଆଦରକୁ ନାବାଳିକା ଭୁଲିଗଲା। ଶେଷରେ ପରିବାର ଲୋକଙ୍କୁ ନିଶା ଦେଇ ଘରୁ ଫେରାର ହୋଇଯାଇଛି ଏହି ନାବାଳିକା ଜଣଙ୍କ। ଏଭଳି ଏକ ଅଭାବନୀୟ ଘଟଣା ଯାଜପୁର ଜିଲ୍ଲା କୁଆଖିଆ ଥାନା ଅନ୍ତର୍ଗତ ନଠୁଆବର ଗାଁରେ ଘଟିଛି।

ମିଳିଥିବା ସୂଚନାନୁସାରେ, ପ୍ରେମିକ ସହ ପ୍ରେମରେ ଉବୁଟୁବୁ ହେଉଥିବା ଏହି ନାବାଳିକା ଜଣଙ୍କ ବାପା-ମା'ଙ୍କୁ ନିଶା ଔଷଧ ଦେବାକୁ ମଧ୍ୟ ପଛାଇନାହିଁ। ପ୍ରେମିକର ମିଠା କଥା ଆଗରେ ବାପା-ମା'ଙ୍କ ଭଲ ପାଇବା ପୂରା ଫିକା ପଡ଼ିଯାଇଛି। ନଠୁଆବର ଗାଁର ୧୩ ବର୍ଷୀୟା ନାବାଳିକା ଖାଦ୍ୟରେ ନିଶା ଔଷଧ ଦେଇ ସମସ୍ତଙ୍କୁ ବେହୋସ୍ କରିବା ସହ ଘରୁ ଫେରାର୍ ହୋଇଯାଇଛି। ଫଳରେ ନିଶା ଔଷଧ ମିଶା ଖାଦ୍ୟ ଖାଇ ପରିବାରର ୫ ଜଣ ସଦସ୍ୟ ଗୁରୁତର ହୋଇପଡ଼ିଛନ୍ତି। ପରିବାର ଲୋକେ ଏବେ ଯାଜପୁର ଜିଲ୍ଲା ଯଯାତି କେଶରୀ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ତେବେ ସମସ୍ତଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡ଼ିଛି।

## ୮ ବର୍ଷର ଶିଶୁକନ୍ୟାକୁ ଦଳିଦେଲା ଦନ୍ତା



ହିନ୍ଦୋଳ,୩୦।୧(ସଂଚାର ବ୍ୟୁରୋ): ଶିଶୁ କନ୍ୟାକୁ ପାଦରେ ଦଳି ଦେଲା ଦନ୍ତା । ଘରେ ପଶି ୮ ବର୍ଷର ଶିଶୁ କନ୍ୟାକୁ ଦନ୍ତା ହାତୀ ଦଳି ଦେବାରୁ ତା'ର ମୃତ୍ୟୁ ଘଟିଛି । ମୋଟଙ୍ଗ ଥାନା ହାଣ୍ଡିଫୁଟା ଗାଁରେ ହାତୀର ଉପଦ୍ରବ ଦେଖାଯାଇଛି। ହାତୀ ଆକ୍ରମଣରୁ ପରିବାରର ଅନ୍ୟ ୨ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଶିଶୁ କନ୍ୟା ମୃତ୍ୟୁ ପରେ ହିନ୍ଦୋଳ ଗୁଡିଆକାଟେଣୀ ମୁଖ୍ୟରାସ୍ତାକୁ ଅଞ୍ଚଳବାସୀ ଅବରୋଧ କରିଛନ୍ତି । ଖବର ପାଇ ବନବିଭାଗ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ପୋଲିସ ଓ ବନବିଭାଗ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଛି । ସେହିପରି ଜାନୁୟାରୀ ୩ରେ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ ବରସୁଆଁ ରେଞ୍ଜରେ ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା । ମୃତକ ହେଲେ ବନ୍ଧଲ ଗାଁର ୫୫ ବର୍ଷୀୟ ବିଠଲ ନାୟକ । ଗତ ୩ ବର୍ଷ ମଧ୍ୟରେ ଦନ୍ତା ପ୍ରାୟ ୩୦ରୁ ଅଧିକ ଜଣଙ୍କ ଜୀବନ ନେଇ ସାରିଥିବା ବେଳେ ୫୦ରୁ ଅଧିକ ଲୋକଙ୍କୁ ଆକ୍ରମଣ କରି ଗୁରୁତର କରିଛି ।

## ସ୍ୱୟଂକ୍ରିୟ ଯାନ ପରୀକ୍ଷଣ ବ୍ୟବସ୍ଥା ପଞ୍ଜୀକୃତ

## ଫିଟନେସ ପରୀକ୍ଷାରେ ରହିବନି ମାନୁଆଲ ମୂଲ୍ୟାୟନ




ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ): ମୋଟର ଯାନ ଫିଟନେସ ପରୀକ୍ଷାକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ସକାଶେ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପ୍ରଥମ ସ୍ୱୟଂକ୍ରିୟ ଯାନ ପରୀକ୍ଷଣ ବ୍ୟବସ୍ଥା (ଏଟିଏସ)ର ପଞ୍ଜୀକୃତ ହୋଇଛି। କଟକ ଆରଟିଓ ଅଧୀନରେ ଏହାର ସ୍ଥାପନା ହୋଇଥିବା ବେଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ବୈଷୟିକ ଜ୍ଞାନକୌଶଳ ଜରିଆରେ ସ୍ୱୟଂକ୍ରିୟ ପଦ୍ଧତିରେ ଏହା ଗାଡ଼ିର ଫିଟନେସ ପରୀକ୍ଷା କରିବ। ଫଳସ୍ୱରୂପ ଫିଟ୍‌ନେସ୍ ପରୀକ୍ଷାରେ ମାନୁଆଲ୍ ମୂଲ୍ୟାୟନର ଆବଶ୍ୟକତା ରହିବ ନାହିଁ। ଆଜି ଉକ୍ତ ଏଟିଏସର ସମ୍ପୂର୍ଣ୍ଣ କାର୍ଯ୍ୟକାରିତାର ଅନୁଧ୍ୟାନ କରିଛନ୍ତି ପରିବହନ ଆୟୁକ୍ତ ଅମିତାଭ ଠାକୁର। ଏହା ସଡ଼କ ସୁରକ୍ଷା କ୍ଷେତ୍ରରେ ମଧ୍ୟ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। କେନ୍ଦ୍ରୀୟ ମୋଟର ଯାନ ନିୟମ ଅନୁଯାୟୀ ଗାଡ଼ିର ଫିଟନେସ ପରୀକ୍ଷା ପାଇଁ ଏଟିଏସ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଖୁବଶୀଘ୍ର ରାଜ୍ୟରେ ଆହୁରି ୨୧ଟି ଆରଟିଓ ବୌଦ୍ଧ, ଝାରସୁଗୁଡ଼ା, ବରଗଡ଼, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ନୟାଗଡ଼, ନବରଙ୍ଗପୁର, ଗଞ୍ଜାମ, ସମ୍ବଲପୁର, ବାଲେଶ୍ୱର, କୋରାପୁଟ, ନୂଆପଡ଼ା, ଜଗତସିଂହପୁର, ମୟୂରଭଞ୍ଜ, ରାଉରକେଲା, କେନ୍ଦୁଝର, ଅନୁଗୁଳ ଓ ଭୁବନେଶ୍ୱର ଆରଟିଓ-୨ ସମେତ କଟକରେ ଆଉ ଏକ କେନ୍ଦ୍ର ସ୍ଥାପନ ପାଇଁ ଲକ୍ଷ୍ୟ ରହିଛି। ସଡ଼କ ସୁରକ୍ଷା କ୍ଷେତ୍ରରେ ଯାନର ସ୍ଥିତି ପ୍ରମୁଖ ଭୂମିକା ଗ୍ରହଣ କରିଆସିଥିବା ବେଳେ ଗାଡ଼ିର ସ୍ଥିତି କିଭଳି ରହିବା ଦରକାର, ତାହା ମୋଟର ଯାନ ନିୟମାବଳୀରେ ଧାର୍ଯ୍ୟ କରାଯାଇଛି। ତେବେ ପୂର୍ବରୁ ଫିଟନେସ ସାର୍ଟିଫିକେଟ ତଥା ଗାଡ଼ିର ପଞ୍ଜୀକରଣ ନବୀକରଣ ନିମନ୍ତେ ଗାଡ଼ିର ଯାଞ୍ଚ ଅବସ୍ଥାପିତ ଅଧିକାରୀଙ୍କ ଦ୍ୱାରା ହେଉଥିଲା। କିନ୍ତୁ କେନ୍ଦ୍ର ସରକାର କେନ୍ଦ୍ରୀୟ ମୋଟର ଯାନ ଆଇନରେ ଏହି ପଦ୍ଧତିରେ ସଂଶୋଧନ କରି ଏଟିଏସ ମାଧ୍ୟମରେ ଯାଞ୍ଚ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଛନ୍ତି। କେନ୍ଦ୍ରୀୟ ମୋଟର ଯାନ ଆଇନର ଏହି ସଂଶୋଧନକୁ ଲାଗୁ କରିବା ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଫଳରେ ରାସ୍ତାରେ ଗଡ଼ିବା ପାଇଁ ଯୋଗ୍ୟ ନ ଥିବା ଗାଡ଼ି ସ୍ୱୟଂକ୍ରିୟ ପଦ୍ଧତିରେ ବାଦ୍ ପଡ଼ିବେ।

- କଟକ ଆରଟିଓ ଅଧୀନରେ ଓଡ଼ିଶାର ପ୍ରଥମ ଏଟିଏସ କାର୍ଯ୍ୟକ୍ଷମ
- କାର୍ଯ୍ୟକାରିତାର ଅନୁଧ୍ୟାନ କଲେ ପରିବହନ ଆୟୁକ୍ତ
- ଖୁବଶୀଘ୍ର ରାଜ୍ୟରେ ଆହୁରି ୨୧ ଏଟିଏସ ସ୍ଥାପନ ଲକ୍ଷ୍ୟ

## ନାହିଁ ନାହିଁର ଗାଁ ଦଲକ

କଟକ,୩୦।୧(ସଂଚାର ବ୍ୟୁରୋ): ଜୀବନରେ ଶିକ୍ଷାର ଆଲୋକ ପାଇଁ କୁନି ଝିଅର ଆକୁଳ ନିବେଦନ। ଏ ହେଉଛି କଟକ ନରସିଂହପୁର ବ୍ଲକ ଅଧିନ ଦଲକ ଗାଁ। ଗାଁରେ ସ୍କୁଲ ତ ଦୂରର କଥା ଅଙ୍ଗନବାଡ଼ି କେନ୍ଦ୍ରଟିଏ ବି ନାହିଁ। ଗାଁରୁ ୬ କିଲୋମିଟର ଦୂରରେ ରହିଛି ଦେବଭୂମି ବିଦ୍ୟାଳୟ। ଜଙ୍ଗଲ ରାସ୍ତା ଦେଇ ସେଠାକୁ ଯିବା ସମ୍ଭବ ନୁହେଁ, ତେଣୁ ଦଲକ ଗାଁରେ କୁନିକୁନି ପିଲା ପାଠ ଠାରୁ ଦୂରେଇ ରହିବା ପାଇଁ ବାଧ୍ୟ ହୁଅନ୍ତି। ଖାଲି ଶିକ୍ଷା ନୁହେଁ ଅନେକ ମୌଳିକ ସୁବିଧା ଏଠି ଅପହଞ୍ଚ। ରାସ୍ତା ନାହିଁ, ବିଜୁଳି ସଂଯୋଗ ହୋଇପାରିନାହିଁ। ନେଟଓ୍ୱାର୍କ ପାଇଁ ଗାଁ ବାହାରେ ବାଉଁଶ ଷ୍ଟାଣ୍ଡରେ ମୋବାଇଲ ରଖି ଅପେକ୍ଷା କରିବାକୁ ପଡୁଛି। କିଛି ବର୍ଷ ତଳେ ବ୍ଲକ ପକ୍ଷରୁ ସୋଲାର ଲାଇଟ୍ ଯୋଗାଇ ଦିଆଯାଇଥିଲା। ତାହା ଏବେ ଅକାମୀ। ଅଚଳ ଲାଇଟ୍‌ର ମରାମତି ପାଇଁ ପ୍ରଶାସନକୁ ଗୁହାରି କରିଛନ୍ତି। କିନ୍ତୁ ଜଙ୍ଗଲ ଘେରା ଗ୍ରାମବାସୀଙ୍କ ଦୁଃଖ ଶୁଣିବା ପାଇଁ ସତେ ଯେମିତି କାହା ପାଖରେ ସମୟ ନାହିଁ। ଦଲକ ଗାଁରେ ପ୍ରାୟ ୩୦ଟି ପରିବାର ବସବାସ କରନ୍ତି। ମୁଖ୍ୟ ରାସ୍ତାକୁ ଯିବାକୁ ହେଲେ ୫ କିଲୋମିଟର ଜଙ୍ଗଲ ଦେଇ ଯିବାକୁ ପଡୁଛି। କାରଣ ଜଙ୍ଗଲ ଜମି ପାଇଁ ପକ୍କା ରାସ୍ତା ହୋଇପାରୁନି ବୋଲି କୁହାଯାଇଛି।



## ସଂଘର୍ଷ କରୁଛି 'ଶତାବ୍ଦୀର କଳାକାର'

ଭୁବନେଶ୍ୱର,୩୦।୧ (ସଂଚାର ବ୍ୟୁରୋ): ରାଜ୍ୟର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଭୁବନେଶ୍ୱରର 'ଶତାବ୍ଦୀର କଳାକାର'। ଏଠାରୁ ତିଆରି ହୋଇଛନ୍ତି ଅନେକ କଳାକାର । ଆଉ କିଛି ଦିନ ପରେ ଅନୁଷ୍ଠାନ ପାଳିବ ସୁବର୍ଣ୍ଣ ଜୟନ୍ତୀ । ହେଲେ ମିଳୁନି ସରକାରୀ ସହାୟତା । କଳା ଓ କଳାକାର କେମିତି ବଞ୍ଚିବେ ତାହା ବଡ଼ ପ୍ରଶ୍ନ । ଶତାବ୍ଦୀର କଳାକାର ନାଟ୍ୟସଂସ୍ଥା ଅନେକ କଳାକାର ତିଆରି କରିଛି । ରାଇମୋହନ ପରିଡ଼ାଙ୍କଠାରୁ ଆରମ୍ଭ କରି, ଅଶ୍ରୁମୋଚନ ମହାନ୍ତି ଓ ଆକାଶ ଦାସନାୟକଙ୍କ ଭଳି ଅନେକ ନାଁକରା କଳାକାର ଏହି ନାଟ୍ୟସଂସ୍ଥାରୁ ସୃଷ୍ଟି ହୋଇଛନ୍ତି। ହେଲେ ଏହି ଅନୁଷ୍ଠାନ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି । ଠିକ୍ ଭାବେ ହୋଇପାରୁନି ଏହାର ରକ୍ଷଣାବେକ୍ଷଣ। କଷ୍ଟେମଷ୍ଟେ ଚାଲିଛି ଏଇ କଳାକାର ତିଆରି କାରଖାନା ଶତାବ୍ଦୀର କଳାକାର। ନୟାପଲ୍ଲୀରେ ଏହି ଘରେ ଶତାବ୍ଦୀର କଳାକାର ଚାଲୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହି ଜାଗା ଦେଇଥିଲେ। ହେଲେ ଏବେ ସଂସ୍ଥାର ରକ୍ଷଣାବେକ୍ଷଣ ହୋଇପାରୁନି। କିଛି ବେସରକାରୀ ଅନୁଷ୍ଠାନ, ଅନୁଷ୍ଠାନକୁ ଭଲ ପାଉଥିବା କିଛି ଲୋକ ଏବଂ ଅନୁଷ୍ଠାନର ସଦସ୍ୟ ଦେଉଥିବା କିଛି ଅର୍ଥରେ ଶତାବ୍ଦୀର କଳାକାର ଚାଲିଛି । ସରକାରୀ ସାହାଯ୍ୟ ମିଳୁନି। ବିଧାୟକ ତଥା ଅଭିନେତା ଆକାଶ ଦାସନାୟକ କହିଛନ୍ତି, ସରକାର ଏନେଇ ଚିନ୍ତା କରୁଛନ୍ତି । କେମିତି ବଞ୍ଚିବ ଶତାବ୍ଦୀର କଳାକାର ? କେବେ ପଡ଼ିବ ସରକାରଙ୍କ ଶୁଭଦୃଷ୍ଟି ? ତାକୁ ଅପେକ୍ଷା ।




## ମଶା ନିୟନ୍ତ୍ରଣ ସଚେତନତା : ଲୋକେ ଶୁଣୁନାହାନ୍ତି

ଭୁବନେଶ୍ୱର,୩୦।୧(ତଥ୍ୟ), ମଶା ଦାଉରୁ ରକ୍ଷା ପାଇବାପାଇଁ ରାଜଧାନୀବାସୀଙ୍କୁ ଯେତେ ସଚେତନ କଲେ ବି ସେମାନଙ୍କର ସ୍ୱଭାବରେ ସେଭଳି କିଛି ପରିବର୍ତ୍ତନ ହେଉନାହିଁ । ଗତବର୍ଷ ସହରରୁ ୮୫ ଟ୍ରିପ୍ ଅବ୍ୟବହୃତ ଟାୟାର ସଂଗ୍ରହ କରାଯିବା ତାହାର ଏକ ଉଦାହରଣ । ସହରବାସୀ ମଶା କାମୁଡାରେ କଲବଲ ହେଉଥିବାରୁ ମଶାବଂଶକୁ ରୋକିବାପାଇଁ ବିଏମ୍‌ସି ପକ୍ଷରୁ ଲୋକଙ୍କୁ ବିଭିନ୍ନ ଉପାୟରେ ସଚେତନ କରାଯାଉଛି । ଗଣମାଧ୍ୟମରେ ବିଜ୍ଞାପନ, ଭ୍ରାମ୍ୟମାଣ ପ୍ରଦର୍ଶନୀ ସମେତ ରାତି ପାହିଲେ ଅଳିଆ ବୁହା ଗାଡିରେ ଲୋକଙ୍କ ଘର ଦୁଆର ମୁହଁରେ ସଚେତନତା ଗୀତ ବାଜୁଛି । ହେଲେ ମଶା କାମୁଡା ଖାଉଥିବା ଲୋକେ କିନ୍ତୁ ଆଦୌ ସଚେତନ ହେଉନାହାନ୍ତି । ମିଳିଥିବା ସୂଚନା ଅନୁଯାୟୀ ବିଏମ୍‌ସି କର୍ତ୍ତୃପକ୍ଷ ଗତବର୍ଷ ସହରରୁ ୮୫ ଟ୍ରିପ୍ ଅବ୍ୟବହୃତ ଟାୟାର ସଂଗ୍ରହ କରିଛନ୍ତି। ଟାୟାରଗୁଡିକୁ ଏଣେ ତେଣେ ନଫିଙ୍ଗିବାପାଇଁ ବାରମ୍ବାର ଲୋକଙ୍କୁ କୁହାଯାଉଛି । କାରଣ ଟାୟାର ଭିତରେ ସହଜରେ ବର୍ଷାପାଣି ଜମି ରହିବା ସହିତ ସେଠାରେ ମଶାବଂଶ ବୃଦ୍ଧି ହୋଇଥାଏ । କେବଳ ଟାୟାର ନୁହେଁ ପଇଡର ଅଧା ଅଂଶ, ଅବ୍ୟବହୃତ ହାଣ୍ଡି ମାଠିଆ ଆଦି ବାହାର ନଫିଙ୍ଗିବାପାଇଁ କୁହାଯାଉଛି । ହେଲେ ଲୋକେ ସେଥିପ୍ରତି କର୍ଣ୍ଣପାତ କଲାଭଳି ଲକ୍ଷ୍ୟ କରାଯାଉ ନାହିଁ । ସେହିଭଳି ନିଜ ନିଜ ଘର ଆଖପାଖରେ ପାଣି ନଜିବାପାଇଁ ପଦକ୍ଷେପ ନେବାକୁ କୁହାଯାଉଥିଲେ ମଧ୍ୟ ବସ୍ତି ଅଞ୍ଚଳର ଲୋକେ ଆଦୌ ଶୁଣୁ ନାହାନ୍ତି । ସହର ମଝିରେ ଥିବା ଶତାଧିକ ଗୁହାଳ ସମେତ ବସ୍ତିରେ ରହୁଥିବା ଲୋକେ ନିଜର ବର୍ଜ୍ୟ ଜଳକୁ ଘର ଆଖପାଖରେ ଜମା କରୁଛନ୍ତି । ଏହା ମଶାବଂଶ ବୃଦ୍ଧିର ପ୍ରମୁଖ କାରଣ ପାଲିଛି । ଏକଥା ବିଏମ୍‌ସି ଠାରୁ ଆରମ୍ଭକରି ସମସ୍ତେ ଜାଣିଛନ୍ତି । ହେଲେ ଗୁହାଳ ହଟାଇବା କିମ୍ବା ବସ୍ତିରେ ପାଣି ଜମିବାକୁ ରୋକିବା କ୍ଷେତ୍ରରେ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଫଳରେ ମଶା ନିୟନ୍ତ୍ରଣ ପାଇଁ ଯେତେ ପଦକ୍ଷେପ ଗ୍ରହଣ କରାଗଲେ ବି ସେଥିରୁ ସୁଫଳ ମିଳିପାରୁ ନାହିଁ । ସହରରେ ମଶାବଂଶ କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛନ୍ତି। ଅନ୍ୟ ପକ୍ଷରେ ସହରର କଳେବର ବୃଦ୍ଧି ପାଉଥିବାବେଳେ ମଶା ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଯନ୍ତ୍ରପାତି କିମ୍ବା ମାନବସମ୍ବଳ ବଢ଼ିପାରୁ ନାହିଁ। ବିଏମ୍‌ସି ଅଧିନରେ ଥିବା ୬୭ଟି ୱାର୍ଡରେ ୭୦ଟି ଔଷଧ ସିଞ୍ଚନ ଯନ୍ତ୍ର ରହିଛି । କର୍ମଚାରୀମାନେ ଏହାକୁ କାନ୍ଧରେ ପକାଇ ଔଷଧ ସିଞ୍ଚନ କରୁଛନ୍ତି। ଜଣେ କର୍ମଚାରୀ ଗୋଟିଏ ଦିନରେ କେଉଁଠି କେତେ ପରିମାଣରେ ମଶା ଔଷଧ ପକାଉଥିଲେ ତାହା ଏଥିରୁ ସହଜରେ ଅନୁମେୟ ।

# କେନ୍ଦ୍ରୀୟ ବଜେଟ ପାଇଁ ଅବଗଣନା

ଶନିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ୨୦୨୫-୨୬ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଏଥିଲାଗି ଗତ ନଭେମ୍ବରରୁ ପ୍ରସ୍ତୁତି ଚାଲିଛି ଏବଂ ଅର୍ଥମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ବ୍ୟକ୍ତି, ସଙ୍ଗଠନ ତଥା ରାଜ୍ୟ ଅର୍ଥମନ୍ତ୍ରୀ, ପୂର୍ବତନ ଅର୍ଥମନ୍ତ୍ରୀଳ ଅର୍ଥନୀତିଜ୍ଞମାନଙ୍କ ସହ ଆଲୋଚନା କରିଛନ୍ତି। ସମସ୍ତଙ୍କ ମତାମତକୁ ନେ ଅର୍ଥମନ୍ତ୍ରୀ ନୂଆ ବଜେଟ ପ୍ରସ୍ତୁତ କରିବେ। ଗତ ବର୍ଷ ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ବଜେଟ ଉପସ୍ଥାପନ କରିଥିଲେ। ନିର୍ବାଚନ ପୂର୍ବରୁ ଫେବୃଆରୀରେ ଅର୍ଥମନ୍ତ୍ରୀ ଆର୍ଥିକ ବର୍ଷର ପ୍ରଥମ ୪ ମାସ ପାଇଁ ଏକ କାମଚଳା ବଜେଟ ବା ଭୋଟ ଅନ ଆକାଉଣ୍ଟ ଉପସ୍ଥାପନ କରିଥିଲେ। ନିର୍ବାଚନ ପରେ ନରେନ୍ଦ୍ର ମୋଦିଙ୍କ୍ଖ୍କ ନେତୃତ୍ୱରେ ନୂଆ ସରକାର ଗଠିତ ହେବା ପରେ ପରବର୍ତ୍ତୀ ୮ ମାସ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥା।ପିତ ହୋଇଥିଲା। ଆସନ୍ତା ମାସ ପହିଲାରେ ଅର୍ଥମନ୍ତ୍ରୀ ପୁରା ଆର୍ଥିକ ବର୍ଷ ନିମନ୍ତେ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିବେ। ତେଣୁ କହିବାକୁ ଗଲେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏନଡିଏର ତୃତୀୟ ପାଳି ସରକାର ଗଠିତ ହେବା ପରେ ଏହା ହେବ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ। ନିର୍ବାଚନ ଚାପରୁ ମୁକ୍ତ ହୋଇ ସରକାର ଏବେ ସାଧାରଣ ଲୋକଙ୍କ ସ୍ୱାର୍ଥ ରକ୍ଷା ଏବଂ ଦେଶର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେବେ  ବୋଲି ଆଶା। ଏଥର ଆୟକର ସ୍ଲାବରେ ପରିବର୍ତ୍ତନ ହେବ ଏବଂ ମଧ୍ୟବିତ୍ତ ବର୍ଗ ପାଇଁ ଆୟକର ରିହାତି ମିଳିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ବିଭିନ୍ନ ସାମଗ୍ରୀର ଦରଦାମ ଯେପରି ଭାବେ ବୃଦ୍ଧି ପାଇଛି ଏବଂ ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଛି ସେ ଦୃଷ୍ଟିରୁ ଆୟକର ଛାଡ଼ ସୀମା ବୃଦ୍ଧି ପାଇବା ଜରୁରୀ। ବର୍ତ୍ତମାନ ଜୀବନ ଧାରଣର ମାନକୁ ଦୃଷ୍ଟିରେ ରଖିଲେ ବାର୍ଷିକ ୭ ଲକ୍ଷ ଟଙ୍କା ଆୟ ପର୍ଯ୍ୟନ୍ତ ଆୟକର ଲାଗୁ ହେବା ଅନୁଚିତ। ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବାବଦ ବ୍ୟୟ ବଢ଼ିଛି। ଏହାକୁ ଦୃଷ୍ଟିରେ ରଖିଲେ ଆୟକର ସ୍ଲାବରେ ପରିବର୍ତ୍ତନ ହେବା ଉଚିତ। ବଜେଟ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ବେଳେ ଅନେକ ଏମଏସଏମଇର ବିକାଶ ଉପରେ ଅଧିକ ଧ୍ୟାନ ଦେବା ଏବଂ ଏହି ସେକ୍ଟରକୁ କିଛିଟା ପ୍ରୋତ୍ସାହନ ଏବଂ ରିହାତିର ଆବଶ୍ୟକତା ରହିଛି। କାରଣ ଶିଳ୍ପ ବିକାଶରେ ଏମଏସଏମଇ ସେକ୍ଟରର ଭୂମିକା ଅଧିକ। ଏହି ସେକ୍ଟରରେ ସର୍ବାଧିକ ନିଯୁକ୍ତି ସୁଯୋଗ ରହିଛି। ଏହା ବ୍ୟତିତ ଦେଶର ରପ୍ତାନୀ ଅଭିବୃଦ୍ଧି ମଧ୍ୟ ଏମଏସଏମଇ ସେକ୍ଟର ଉପରେ ଅନେକାଂଶରେ ନିର୍ଭର କରୁଛି। ସେହିପରି କୃଷି କ୍ଷେତ୍ରକୁ ବଜେଟରେ ସର୍ବାଧିକ ଗୁରୁତ୍ୱ ଦିଆଯିବା ଏବଂ ଏହାକୁ ପ୍ରାଧାନ୍ୟ ଦେବା ସପକ୍ଷରେ ଅନେକ ଅର୍ଥନୀତିଜ୍ଞ ମତବ୍ୟକ୍ତ କରିଛନ୍ତି। ସାର ଉପରେ ଅଧିକ ସବସିଡି ଏବଂ ଏମଏସପି ବୃଦ୍ଧି ସହିତ କୃଷି ଭିତ୍ତିଭୂମି ବିକାଶ ଲାଗି ବଜେଟରେ ଅଧିକ ବ୍ୟୟ ବରାଦ କରାଯିବ ବୋଲି ଆଶା କରାଯାଉଛି। ଜଳସେଚନର ପ୍ରସାର ଏବଂ କୃଷିଜାତ ସାମଗ୍ରୀର ବଜାର ବ୍ୟବସ୍ଥା କରାଗଲେ କୃଷି ଉତ୍ପାଦନ ବୃଦ୍ଧି ଏବଂ କୃଷକଙ୍କ ଆୟ ବଢ଼ିବ। ଏହା ବ୍ୟତିତ ଭିତ୍ତିଭୂମି ବିକାଶ ଅର୍ଥାତ ଜାତୀୟ ରାଜପଥ ସମ୍ପ୍ରସାରଣ, ଉନ୍ନତିକରଣ, ନୂଆ ବିମାନ ବନ୍ଦର ପ୍ରତିଷ୍ଠା ଏବଂ ପୁରୁଣା ବିମାନ ବନ୍ଦରରର ଉନ୍ନତିକରଣ, ବିଭିନ୍ନ ପୋର୍ଟର ବିକାଶ ସହିତ ଏହା ସହିତ ସଡ଼କ ଏବଂ ରେଳପଥରେ ସଂଯୋଗୀକରଣ, ନୂଆ ରେଳପଥ ନିର୍ମାଣ ଏବଂ ରେଳସୁରକ୍ଷା ଲାଗି ବଜେଟରେ ଅଧିକ ବ୍ୟୟ ବରାଦ କରାଯିବ ବୋଲି ଆଶା କରାଯାଉଛି। ସେହିପରି ପ୍ରତିରକ୍ଷା ବାବଦ ବ୍ୟୟ ବରାଦ ବୃଦ୍ଧି ତଥା ସ୍ୱାସ୍ଥ୍ୟସେବାର ମାନ ବୃଦ୍ଧି ପାଇଁ ବଜେଟରେ ସନ୍ତୋଷଜନକ ବ୍ୟୟ ବରାଦ ହେବ ବୋଲି ବିଶ୍ୱାସ। ଦେଶରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା, ଅତ୍ୟାଧୁନୀକ ଚିକିତ୍ସା ବ୍ୟବସ୍ଥା ଲାଗି ବ୍ୟବସ୍ଥା ଜରୁରୀ। ଏହା ବାଦ ବୈଷୟିକ ଶିକ୍ଷାର ସମ୍ପ୍ରସାରଣ ଏବଂ ଦକ୍ଷତା ବିକାଶକୁ ଅର୍ଥମନ୍ତ୍ରୀ ନିଶ୍ଚିତ ଭାବେ ଗୁରୁତ୍ୱ ଦେବେ। ଦକ୍ଷତା ବିକାଶ ଦ୍ୱାରା ଯୁବଗୋଷ୍ଠୀ ନିଯୁକ୍ତି ସୁଯୋଗ ପାଇବେ। ବଜେଟରେ ମହିଳା, ଯୁବକ ଏବଂ କୃଷକଙ୍କ କଲ୍ୟାଣ ଲାଗି ଯୋଜନା ବାବଦ ବ୍ୟୟ ବରାଦ ବଢ଼ିବା ସ୍ୱାଭାବିକ। ଏହା ସହିତ ଖାଦ୍ୟ ସୁରକ୍ଷା ଯୋଜନା, ଆୟୁଷ୍ମାନ ଭାରତ ଯୋଜନା ବାବଦରେ ବଜେଟାରେ ଅର୍ଥ ବରାଦ ବଢ଼ିବ ବୋଲି ଆଶା କରାଯାଉଛି। ଏହା ସହିତ ମୁଦ୍ରାସ୍ଫୀତି ହ୍ରାସ, ଜିଡିପିରେ ଅଭିବୃଦ୍ଧି ଏବଂ ବାଣିଜ୍ୟିକ କ୍ଷତି ତଥା କରେଣ୍ଟ ଆକାଉଣ୍ଟ ଡେଫିସିଟ କିପରି ହ୍ରାସ ପାଇବ ସେଥିପ୍ରତି ଅର୍ଥମନ୍ତ୍ରୀ ବଜେଟ ପ୍ରସ୍ତୁତି ବେଳେ ଗୁରୁତ୍ୱ ଦେଇଥିବେ ବୋଲି ଆଶା। ଏଥର ରେଳବଜେଟରେ ଓଡ଼ିଶାକୁ ପୂର୍ବାପେକ୍ଷା ଅଧିକ ଅନୁଦାନ ମିଳିବ ଏବଂ କିଛି ନୂଆ ପ୍ରକଳ୍ପ ସହିତ ପୁରୁଣା ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅଧିକ ଅର୍ଥ ବରାଦ ହେବ ବୋଲି ଆଶା କଲେ ଭୁଲ ହେବ ନାହିଁ।  ନୀତି ଆୟୋଗଙ୍କ ଦ୍ୱାରା ପ୍ରକାଶିତ ପରିସଂଖ୍ୟାନ ଅନୁଯାୟି ଗତ ୧୦ ବର୍ଷ ଭିତରେ ଦେଶର ପାଖାପାଖି ୨୫ କୋଟି ଲୋକ ଦାରୀଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି। ଆୟୋଗର ସିଇଓ ବି ଭି ସୁବ୍ରମଣ୍ୟମ ଏନଏସଏଓର ରିପୋର୍ଟ ଆଧାରରେ କହିଛନ୍ତି ଯେ, ଦେଶରେ ଦାରୀଦ୍ର୍ୟ ହାର ଜନସଂଖ୍ୟାର ୫%ରୁ କମ ରହିଛି।  ଗ୍ରମାଞ୍ଚଳରେ ମାସିକ ପରିବାର ପିଛା ହାରାହାରି ବ୍ୟୟ ୩୭୭୪ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ସହରାଞ୍ଚଳରେ ଏହା ପାଖାପାଖି ୭ହଜାର ଟଙ୍କା ରହିଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦାରୀଦ୍ର୍ୟ ଦୁରୀକରଣ ଯୋଜନା ଏବଂ କାର୍ଯ୍ୟକ୍ରମର ସୁଫଳ ମିଳିଛି ଏବଂ ଦାରିଦ୍ର୍ୟ ହାର କମୁଛି ବୋଲି ସୁବ୍ରମଣ୍ୟମ କହିଛନ୍ତି। ତେବେ ଦାରୀଦ୍ର୍ୟ ସୀମାରେଖାର ସଂଜ୍ଞା ପୁନଃନିରୂପିତ ହେବାର ଆବଶ୍ୟକତା ରହିଛି। ବାର୍ଷିକ ୧ ଲକ୍ଷ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ଏବେ ଦରୀଦ୍ର ବୋଲି ବିଚାର କରିବାକୁ ପଡ଼ିବ। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଦ୍ୱାରା ଏହା ସମ୍ଭବ ହୋଇପାରିଛି। କେବଳ ଗରୀବ କଲ୍ୟାଣ ଯୋଜନା ଦ୍ୱାରା ଦେଶର ବିକାଶ ହୋଇପାରିବନି। ଦେଶର ଅର୍ଥନୈତିକ ସମୃଦ୍ଧି ମଧ୍ୟ ଆବଶ୍ୟକ। ସୁଖର କଥା, ଭାରତ ବିଶ୍ୱର ଦ୍ରୁତତମ ଅର୍ଥନୀତି ଭାବେ ବିବେଚିତ ହେଉଛି। ଏହା ଆମ ପାଇଁ ଏକ ଗୋ÷ରବର ବିଷୟ। ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ ଚଳିତ ବର୍ଷ ଚୀନର ଜିଡିପି ୨.୭ ପ୍ରତିଶତ ଏବଂ ଭାରତର ଅଭିବୃଦ୍ଧି ୭ ପ୍ରତିଶତ ରହିପାରେ। ୱାର୍ଲଡ ଇକନମିକ ଫୋରମ ପକ୍ଷରୁ ମଧ୍ୟ ସମାନ ଆକଳନ କରାଯାଇଛି। ଏହା ଏକ ଉପରଠାଉରିଆ ଆକଳନ ନୁହେଁ। ବୈଜ୍ଞାନିକ ପଦ୍ଧତିରେ ଏହାର ଆକଳନ କରାଯାଇଛି। ବିଶ୍ୱର ପ୍ରମୁଖ ଦେଶର ଗୁଡ଼ିକର ଅଭିବୃଦ୍ଧି ହାର ୩ ପ୍ରତିଶତରୁ କମ ଥିବା ବେଳେ ଭାରତର ଅଭିବୃଦ୍ଧି ହାର ୬ ପ୍ରତିଶତ ଉପରେ ରହିବା କିଛି କମ କଥା ନୁହେଁ।  ପଡ଼ୋଶୀ ପାକିସ୍ତାନରେ ମୁଦ୍ରାସ୍ଫୀତି ହାର ୩୭ ପ୍ରତିଶତ ରହିଥିବା ବେଳେ ଭାରତର ସ୍ଥିତି ଯଥେଷ୍ଟ ଭଲ ବୋଲି କୁହାଯାଇପାରେ। ତେବେ ଏହି ପରିସଂଖ୍ୟାନରେ ଆତ୍ମସନ୍ତୋଷ ଲାଭ କରିବା ଅନୁଚିତ। କାରଣ ବେକାରୀ ଓ ଦାରିଦ୍ର୍ୟ ହାର ଏବେ ବି ଉଦବେଗଜନକ ସ୍ଥିତିରେ ରହିଛି। ଏଥିରେ ସୁଧାର ଆଣିବାକୁ ହେଲେ ଦୀର୍ଘକାଳୀନ ଯୋଜନାର ଆବଶ୍ୟକତା ରହିଛି। ଗତ ସେପ୍ଟେମ୍ବର ମାସରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଏହା ଖୋଦ୍ ଆଇଏମଏଫ ରିପୋର୍ଟରୁ ପ୍ରକାଶ। ଦଶବର୍ଷ ତଳେ ଭାରତ ତାଲିକାର ଏକାଦଶ ସ୍ଥାନରେ ଥିବା ବେଳେ ଏହା ୬ଟି ସ୍ଥାନ ଉପରକୁ ଉଠିଛି। ଏହା କିଛି କମ ସଫଳତା ନୁହେଁ। ଆମେରିକା ଓ ଚୀନଠାରୁ ଭାରତର ବ୍ୟବଧାନ ମଧ୍ୟ ହ୍ରାସ ପାଇଛି। ଯଦି କ୍ରମାଗତ ଭାବେ ଏହି ଧାରା ଜାରି ରହେ. ତେବେ ଭାରତ ୨୦୨୯ ସୁଦ୍ଧା ବିଶ୍ୱର ପ୍ରମୁଖ ଆର୍ଥିକ ଶକ୍ତିଙ୍କ ତାଲିକାର ତୃତୀୟ ସ୍ଥାନକୁ ଚାଲିଆସିବ। ଜାପାନ ଓ ଜର୍ମାନୀ ପଛରେ ପଡ଼ିଯିବେ। ଦିନ ଆସିବ ହୁଏତ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତୀ ବେଳେ ୨୦୪୭ରେ ଭାରତ ଚୀନକୁ ମଧ୍ୟ ଆର୍ଥିକ ଦୃଷ୍ଟିରୁ ପଛରେ ପକାଇଦେବ। ଏସବିଆଇ ଇକନମିକ ରିସର୍ଚ୍ଚ ୱିଙ୍ଗ ପକ୍ଷରୁ ଏହି ତଥ୍ୟ ପ୍ରକାଶ କରାଯାଇଛି। ଏସବିଆଇର ରିପୋର୍ଟ ଅନୁଯାୟୀ ଯଦି ଭାରତର ଜିଡିପି କ୍ରମାଗତ ଭାବେ ୭ ପ୍ରତିଶତ ବା ଏହାଠାରୁ ଅଧିକ ରହିବ ତେବେ ଏହା ମାତ୍ର ୭ ବର୍ଷରେ ଆମେରିକା ଓ ଚୀନର ନିକଟତର ହୋଇଯିବ। ଏଥର ନିର୍ମଳା ତାଙ୍କ ବଜେଟରେ ଗରିବ ଏବଂ ମଧ୍ୟବିତ୍ତ ବର୍ଗଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କିଛି ଚମତ୍କାର ନିଷ୍ପତ୍ତି ନେବେ ବୋଲି ଆଶା। କେବଳ ଗରିବ ନୁହେଁ, ମଧ୍ୟବିତ୍ତ ବର୍ଗ ଯେଉଁମାନେ ଘରୋଇ କ୍ଷେତ୍ରରେ ସ୍ୱଳ୍ପ ଦରମାରେ ଜୀବୀକା ନିର୍ବାହ କରୁଛନ୍ତି, ଯେଉଁମାନେ ଅନେକ ଗରିବ କଲ୍ୟାଣ ଯୋଜନାର ସୁଫଳରୁ ବଂଚିତ ହେଉଛନ୍ତି ସେମାନଙ୍କ ପାଇଁ ବଜେଟରେ କିଛି ଭଲ ପ୍ରସ୍ତାବ ରହିବା ଉଚିତ।  ସେମାନଙ୍କ ସ୍ୱାର୍ଥରକ୍ଷାକୁ ସରକାର ଉପେକ୍ଷା କରିପାରିବେ ନାହିଁ। କାରଣ ଦେଶରେ ମୋଟ ଜନସଂଖ୍ୟାରେ ଏହି ବର୍ଗର ସଂଖ୍ୟା ଅଧିକ।

# ସୁବ୍ରମଣ୍ୟମଙ୍କ କାର୍ଯ୍ୟ ସଂସ୍କୃତି ବନାମ ଶ୍ରମିକ ଶୋଷଣ




## ଗୋପାଳ ମହାପାତ୍ର


ଏବେ ଦେଶରେ କର୍ମଚାରୀମାନେ କେତେ ଘଣ୍ଟା କାମ କରିବେ ସେ କଥାକୁ ନେଇ ବିବାଦ ଚାଲିଛି। ଲାର୍ସନ ଆଣ୍ଡ ଟ୍ୟୁବ୍ରୋ (ଏଲ୍‌ଆଣ୍ଡଟି)ର ଅଧ୍ୟକ୍ଷ ଏସ୍‌ଏନ୍ ସୁବ୍ରମଣ୍ୟମ ଶ୍ରମିକ କର୍ମଚାରୀ ମାନେ ସପ୍ତାହରେ ୯୦ ଘଣ୍ଟା କାମ କରିବା ଉଚିତ୍ ବୋଲି କହିବା ପରେ ଏ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ବିବାଦରେ ଏଣ୍ଟ୍ରି କରିଛନ୍ତି ମହନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା। ଆନନ୍ଦ ମହିନ୍ଦ୍ରା କହିଛନ୍ତି ଯେ କାର୍ଯ୍ୟ କରିବାର ସମୟ ପରିବର୍ତ୍ତେ କାର୍ଯ୍ୟର ଗୁଣବତ୍ତା ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍। ବାସ୍ତବରେ ଆନନ୍ଦ ମହିନ୍ଦ୍ରା କାର୍ଯ୍ୟ କରିବାର ସମୟ (ଘଣ୍ଟା) ଉପରେ ଯାହା କହିଛନ୍ତି ତାହା ସଂପୂର୍ଣ୍ଣ ଭାବେ ଠିକ୍ କାରଣ କେହି ଶ୍ରମିକା/କର୍ମଚାରୀ ସପ୍ତାହରେ ୯୦ ଘଣ୍ଟା କାମରେ ରହେ କିନ୍ତୁ ଯଦି ଗୁଣବର୍ତ୍ତପୂର୍ଣ୍ଣ କାର୍ଯ୍ୟ ନକରେ ତେବେ ୯୦ ଘଣ୍ଟା କାର୍ଯ୍ୟ କରିବାର ଅର୍ଥ କ'ଣ? ବିନା ଗୁଣବତ୍ତା ମୂଳକ କାର୍ଯ୍ୟର କୌଣସି ଔ÷ଚିତ୍ୟ ବା ଅର୍ଥ ରହେ ନାହିଁ। ଆନନ୍ଦ ମହିନ୍ଦ୍ରାଙ୍କ କଥା "କାର୍ଯ୍ୟର ସମୟ (ଘଣ୍ଟା) ବନାମ ଉତ୍ପାଦକତା"ର ଚର୍ଚ୍ଚାକୁ ସନ୍ତୁଳିତ କରିବା ଦିଗରେ ଏକ ଉଦ୍ୟମ ବୋଲି କୁହାଯାଇପାରେ । ଏ ପ୍ରସଙ୍ଗରେ କିଛି ଦିନ ତଳେ ଆନନ୍ଦ ମହିନ୍ଦ୍ରାଙ୍କୁ ସପ୍ତାହରେ ୯୦ଘଣ୍ଟା କାମ କରିବା କଥାକୁ ନେଇ କିଛି ସାମ୍ବାଦିକ ପ୍ରଶ୍ନ କରିଥିଲେ। ଉତ୍ତରରେ ଆନନ୍ଦ ମହିନ୍ଦ୍ରା ଇନ୍‌ଫୋସିସ୍‌ର ସହ ସଂସ୍ଥାପକ ନାରାୟଣ ମୂର୍ତ୍ତୀ ଏବଂ ଅନ୍ୟ ମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ କହିଥିଲେ ଯେ "ମୋତେ ଲାଗୁଛି ଏ ବାବଦରେ ଆଲୋଚନା ଭୁଲ ବାଟରେ ଯାଉଛି, କାରଣ ଏହି ଆଲୋଚନା କାମର ମାତ୍ରା ବାବଦରେ କରାଯାଉଛି"।

ଆଜିର ସମୟରେ ସବୁଠି ପ୍ରତିସ୍ପର୍ଦ୍ଧାର ପ୍ରତିଯୋଗିତା ଚାଲିଛି ଏବଂ ଯେବେ ପ୍ରତିସ୍ପର୍ଦ୍ଧାର କଥା ଆସେ ଅଥବା ଯଦି କାର୍ଯ୍ୟ ମହତ୍ୱପୂର୍ଣ୍ଣ ତେବେ ବ୍ୟକ୍ତି ପୁରା ମନଧ୍ୟାନ ଦେଇ ସଂପୂର୍ଣ୍ଣ କରିବା ପାଇଁ ଲାଗିପଡିଥାଏ। କାମର ଅର୍ଥ ହେଉଛି ଗୁଣବର୍ତ୍ତା ପୂର୍ଣ୍ଣ କାର୍ଯ୍ୟ, ଏମିତି ହଲି ଟହଲି ବସି ବସି କାର୍ଯ୍ୟ ସମୟକୁ ପୁରା କରିବାରେ କୌଣସି ଓଉଚିତ୍ୟ ନାହିଁ। ଯଦି କାର୍ଯ୍ୟ ବା କାମ ଗୁରୁତ୍ୱପୁର୍ଣ୍ଣ ତେବେ ବ୍ୟକ୍ତି ସେହିକାର୍ଯ୍ୟକୁ ପୁରା ଠିକ୍ ଭାବରେ ସମ୍ପୂର୍ଣ୍ଣ କରିବା ଆବଶ୍ୟକ। ଆନନ୍ଦ ମହିନ୍ଦ୍ରା କାର୍ଯ୍ୟର ଗୁଣବର୍ତ୍ତାର କଥା କହିଛନ୍ତି କାର୍ଯ୍ୟ ସମୟ (ଘଣ୍ଟା)ର ନୁହେଁ। ମହିନ୍ଦ୍ରା କହିଛନ୍ତି କାମ ୪୦ ଘଣ୍ଟା, ୭୦ଘଣ୍ଟା ବା ୯୦ଘଣ୍ଟାର କଥା ନୁହେଁ, କଥା ହେଉଛି କାମର ପରିଣାମ। ହୁଏତ ୧୦ ଘଣ୍ଟାରେ ଭଲ କାମ କରିହେବ। ମହିନ୍ଦ୍ରାଙ୍କ କହିବା ଭୁଲ ନୁହେଁ। କମ୍ପାନୀ ବା ଉଦ୍ୟୋଗରେ ଏମିତି ଲୋକ  ରହିବା ଉଚିତ୍ ଯେଉଁମାନେ ସମଗ୍ର ପ୍ରକ୍ରିୟାକୁ ବୁଝିବିଚାରି ନିର୍ଣ୍ଣୟ ନେଇ ପାରିବେ। ମହିନ୍ଦ୍ରାଙ୍କ ମତ ହେଉଛି ଆମ ମସ୍ତିଷ୍କ ସାରା ଦୁନିଆରୁ ଆସୁଥିବା ପରାମର୍ଶ ପାଇଁ ଖୋଲା ରହିବା ଉଚିତ୍ ତେବେ ଯାଇ ଆମେ ଗୁଣବତ୍ତା ଆଡକୁ ଯାଇପାରିବା। ମଣିଷ ପାଖରେ ଚିନ୍ତନ ମନନ ପାଇଁ ପର୍ଯ୍ୟାପ୍ତ ସମୟ ଥିବା ଦରକାର  ତେବେ ଆମେ ଗୁଣବର୍ତ୍ତା ପୂର୍ଣ୍ଣ କାର୍ଯ୍ୟ କରିପାରିବା।

ଆନନ୍ଦ ମହିନ୍ଦ୍ରାଙ୍କ ମତ ଏବଂ ଇନ୍‌ଫୋସିସର ନାରାୟଣ ମୂର୍ତ୍ତୀ ଓ ଏଲ ଆଣ୍ଡଟିର ଅଧ୍ୟକ୍ଷ ସୁବ୍ରମଣ୍ୟମଙ୍କ ମତ ଠାରୁ ଭିନ୍ନ। ନାରାୟଣ ମୂର୍ତ୍ତୀ ଏବଂ ସୁବ୍ରମଣ୍ୟମ କର୍ମଚାରୀମାନେ ଅଧିକ ସମୟ (ଘଣ୍ଟା) କାମ କରିବା ସପକ୍ଷରେ ଅଛନ୍ତି। ନାରାୟଣ ମୂର୍ତ୍ତୀ ସପ୍ତାହରେ ୭୦ ଘଣ୍ଟା କାମର କଥା କହୁଥିବା ବେଳେ ସୁବ୍ରମଣ୍ୟମ ୯୦ ଘଣ୍ଟା କାମ କଥା କହୁଛନ୍ତି। ହୁଏତ ଆଉ କେହି ଉଦ୍ୟୋଗପତି ଆହୁରିବି କିଛି କହିପାରନ୍ତି। ସାରା ବିଶ୍ୱର ସମୃଦ୍ଧ ଦେଶମାନଙ୍କରେ ଲୋକେ ୩୩ରୁ ୪୦ ଘଣ୍ଟା କାମ କରି ଖୁସି ଅଛନ୍ତି। ସେସବୁ ଦେଶର ବିକାଶ ମଧ୍ୟ ହେଉଛି। ପ୍ରଶ୍ନ ହେଉଛି ଦେଶର ଉଦ୍ୟୋଗପତି ମାନଙ୍କର ଶ୍ରମିକ/ କର୍ମଚାରୀ ମାନଙ୍କ ପ୍ରତି ଏଭଳି ମାନସିକତା କାହିଁକି? ଶିଳ୍ପପତିମାନଙ୍କୁ ଶ୍ରମିକ/କର୍ମଚାରୀଙ୍କର ଆବଶ୍ୟକତା ରହିଛି ନା ସେମାନେ କ୍ରୀତଦାସ ଚାହୁଁଛନ୍ତି? ଇନଫୋସିସର ନାରାୟଣମୂର୍ତ୍ତୀଙ୍କ



୭୦ ଘଣ୍ଟାର ମନ୍ତବ୍ୟ ପରେ ଏଲ ଆଣ୍ଡଟିର ଅଧ୍ୟକ୍ଷ ୯୦ଘଣ୍ଟା କାମ କଥା କହିବା ସହ ଶ୍ରମିକ/କର୍ମଚାରୀଙ୍କ ପରିବାର ଉପରେ ମନ୍ତବ୍ୟ ଦେଇ "ଘରେ ବସି କଣ କରିବେ, କେତେ ସମୟ ପର୍ଯ୍ୟନ୍ତ ପତ୍ନୀଙ୍କ ମୁହଁକୁ ଦେଖିବେ ଏବଂ ପତ୍ନୀ ତୁମକୁ ଦେଖିବେ? କାର୍ଯ୍ୟସ୍ଥଳକୁ ଆସ କାମ କର" ବୋଲି ଏକ ଅସମ୍ମାନ ସୂଚକ ବୟାନ ଦେଇଛନ୍ତି।

ଆମେରିକା ଭଳି ବିକଶିତ ଦେଶରେ ଲୋକ ସପ୍ତାହରେ ୩୮ଘଣ୍ଟା କାମ କରୁଛନ୍ତି। ଆନ୍ତର୍ଜାତୀୟ ସ୍ତରର ସଂସ୍ଥା ମାନଙ୍କର ତଥ୍ୟ ଅନୁସାରେ ବିକଶିତ ଦେଶ ମାନଙ୍କରେ ଲୋକେ କମ ସମୟ କାମ କରିଥାନ୍ତି। ଲକଜମବର୍ଗ ଭଳି ବିଶ୍ୱର ସମୃଦ୍ଧ ଦେଶରେ ଲୋକେ ସପ୍ତାହରେ ୩୩ ଘଣ୍ଟା କାମ କରିଥାନ୍ତି। ଏଭଳି ସ୍ଥଳେ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ଆଜିର ଶ୍ରମିକ/ କର୍ମଚାରୀ ମାନେ କ'ଣ 'ଜଙ୍ଗଲୀ ପ୍ରାଣୀ' ଅଟନ୍ତି କି, ଯେଉଁମାନଙ୍କର କିଛି ପାରିବାରିକ ଦାୟିତ୍ୱ ନାହିଁ? ଯଦି ଏମାନେ ସପ୍ତାହରେ ୯୦ ଘଣ୍ଟା କାମ କରିବେ ତେବେ ଦୈନିକ ଶୋଇବେ କେତେ ଘଣ୍ଟା, କାର୍ଯ୍ୟସ୍ଥଳର ଫେରି ରାତ୍ରୀଭୋଜନ ସକାଳର ପ୍ରାତଃ ଭୋଜନ ପିଲାଙ୍କୁ ସ୍କୁଲ ଛାଡିବେ, ରୋଗଗ୍ରସ୍ତ ମାତା- ପିତାଙ୍କ ସେବା ବା ସେମାନଙ୍କୁ ଡାକ୍ତର ପାଖକୁ ନେବା, ଘରୁ କାର୍ଯ୍ୟସ୍ଥଳକୁ ଯିବା ଓ କାର୍ଯ୍ୟସ୍ଥଳରୁ ଘରକୁ ଫେରିବା ପରେ ସେମାନଙ୍କ ପାଖରେ କେତେ ସମୟ ବଳକା ରହିବ? ବାଧହୁଏ ଜୀବନ ମଧ୍ୟ ଛୋଟ ହୋଇଯିବ। ଏଲ୍‌ଆଣ୍ଡଟିର ଅଧ୍ୟକ୍ଷ କେବେ ନିଜର ଦୈନ୍ଦିନର ଜୀବନଚର୍ଯ୍ୟା ବାବଦରେ ଆତ୍ମ ଚିନ୍ତନ କରିଛନ୍ତି କି?

ଏଲ ଆଣ୍ଡଟି ଏକ ବହୁରାଷ୍ଟ୍ରୀୟ କମ୍ପାନୀ ଓ ଏହି କମ୍ପାନୀରେ ପାଖାପାଖି ୬୦ ହଜାର ଶ୍ରମିକ/କର୍ମଚାରୀ କାମ କରୁଛନ୍ତି। ଏଭଳି ଏକ କମ୍ପାନୀର ଅଧ୍ୟକ୍ଷଙ୍କ ସପ୍ତାହରେ ୯୦ ଘଣ୍ଟା କାମର କଥା କହିବା ଏପରିକି ରବିବାର ଦିନ କାମ କରିବା କଥା କହିବା ପଛରେ କିଛି ଅର୍ଥ ଥାଇପାରେ। ଶ୍ରମିକ/କର୍ମଚାରୀ ସପ୍ତାହରେ ୯୦ ଘଣ୍ଟା କାମ କରିବେ କିନ୍ତୁ ବେତନ ପୁର୍ବବତ୍ ରହିବ ଏପରିକି ବାର୍ଷିକ ବେତନ ବୃଦ୍ଧି ୧ରୁ ୭ ପ୍ରତିଶ ହେବ କିନ୍ତୁ ଅଧ୍ୟକ୍ଷଙ୍କ ବେତନ ବାର୍ଷିକ ୫୧.୦୫ କୋଟି ରହିବ। ଏହାର ଅର୍ଥ ପ୍ରତିଦିନ ସୁବ୍ରମଣ୍ୟମଙ୍କ ବେତନ ୧୪ ଲକ୍ଷ ଟଙ୍କା। ତାଙ୍କ ବେତନ ବୃଦ୍ଧି ବାର୍ଷିକ ୪୩ ପ୍ରତିଶତ। କିନ୍ତୁ ତାଙ୍କ କମ୍ପାନୀର କର୍ମଚାରୀଙ୍କ ବାର୍ଷିକ ବେତନ ୯ଲକ୍ଷ ଟଙ୍କା ଭିତରେ ରହିବ। ଏକ ସପ୍ତାହ ସମୁଦାୟ ୧୬୮ ଘଣ୍ଟା। ଏଥିରୁ ୯୦ ଘଣ୍ଟା  କାଟିଦେଲେ ବାକି ରହିଲା ୭୮ଘଣ୍ଟା। ଜଣେ ବ୍ୟକ୍ତି ଦୈନିକ ୬ ଘଣ୍ଟାରୁ ୮ଘଣ୍ଟା ଶୋଇବା ଆବଶ୍ୟକ। ଯଦି ୬ଘଣ୍ଟା ଶୋଇବାକୁ ହିସାବ କରାଯାଏ ତେବେ ବ୍ୟକ୍ତି ସପ୍ତାହରେ ୪୨ଘଣ୍ଟା ଶୋଇବା ପରେ ତା ପାଖରେ ବଳକା ୩୬ ଘଣ୍ଟା ରହିବ। ଦିନଚର୍ଯ୍ୟା ଗାଧୋଇବା, ଖାଇବା, କାର୍ଯ୍ୟସ୍ଥଳକୁ ଯିବା ପାଇଁ ପ୍ରସ୍ତୁତ ହେବାର ଦୈନିକ ୪ଘଣ୍ଟା ନିଶ୍ଚୟ ଲାଗିବ ଏଣୁ ସପ୍ତାହକର ବଳକା ଏଇ ୮ଘଣ୍ଟା ମଧ୍ୟରେ ଜଣେ ବ୍ୟକ୍ତି ତା ପରିବାରକୁ କେତେ ସମୟ ଦେବ?

ଏସବୁକୁ ଦେଖିଲେ ଏକଥା ସ୍ପଷ୍ଟ ଯେ ସପ୍ତାହରେ ୯୦ ଘଣ୍ଟା କାମ କଲେ ବ୍ୟକ୍ତି ଚାପରେ ରହିବ। ଏହି କାରଣରୁ ବ୍ୟକ୍ତିର କାମରେ ମନ ଲାଗିବ ନାହିଁ ଏଣୁ କାମର  ଗୁଣବତ୍ତା ନିଶ୍ଚୟ ହ୍ରାସ ପାଇବ। ଅଧିକ ସମୟ କାମ କଲେ ବ୍ୟକ୍ତିର ବୁଝିବା, ଚିନ୍ତା କରିବାର ଶକ୍ତି କମିଟିବ, ମାନସିକ କ୍ଷମତା ମଧ୍ୟ କମିଯିବ। ଅଧିକ ସମୟ କାମ କରାଇ ଉତ୍ପାଦକତା ମଧ୍ୟ ଆଶା କରିବା ବୃଥା। ୯୦ ଘଣ୍ଟା କାମ କରିବାର ଅର୍ଥ ହେଉଛି ବ୍ୟକ୍ତିକୁ ନିଜସ୍ୱ କାମ ପାଇଁ ସମୟ ମିଳିବ ନାହିଁ। ଏଣୁ ଡିପ୍ରେସନ ଓ ଚିଡ଼ଚିଡ଼ାପଣ ମଧ୍ୟ ବ୍ୟକ୍ତି ମଧ୍ୟରେ ବୃଦ୍ଧି ପାଇବ। ବ୍ୟକ୍ତିର ସ୍ୱାସ୍ଥ୍ୟ ମଧ୍ୟ ବିଗିଡ଼ିବ। ଏଣୁ ବ୍ୟକ୍ତି ଘରେ ଓ କାର୍ଯ୍ୟସ୍ଥଳରେ ନିଜର ମାନସିକ ସ୍ଥିତିକୁ ଠିକ୍ ରଖିପାରିବ ନାହିଁ। ଏଣୁ ବ୍ରେନ ଆଟାକ, ହାର୍ଟଆଟାକ ଓ ମାନସିକ ଅସନ୍ତୁଳନ ଭଳି ରୋଗରେ ପିଡୀତ ହେବାର ଆଶଙ୍କା ମଧ୍ୟ ବଢ଼ିବ। ଏକ ତଥ୍ୟ ଅନୁସାରେ ଅଧିକ ସମୟ କାମକଲେ ବ୍ୟକ୍ତି/କର୍ମଚାରୀ ଉତ୍ପାଦକତା ମଧ୍ୟ କମ୍ ଦେଇଥାଏ। ଶ୍ରମ ଆଇନ ଅନୁସାରେ ଶ୍ରମିକ/ କର୍ମଚାରୀ ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାମ କରିବେ ନାହିଁ। ଏଣୁ ଏଲଆଣ୍ଡଟିର ଅଧ୍ୟକ୍ଷ ସୁବ୍ରମଣ୍ୟମ ଯାହା କହୁଛନ୍ତି ତାହା କ'ଣ ଶ୍ରମ ଆଇନ୍ ଉଲଂଘନ ନୁହେଁ କି? ଏହା କେମିତି କାର୍ଯ୍ୟ ସଂସ୍କୃତିର କଥା କହୁଛନ୍ତି ସୁବ୍ରମଣ୍ୟମ? ଶ୍ରମ ଶକ୍ତି ଖୁସିରେ ରହିଲେ ନିର୍ଦ୍ଧାରିତ ସମୟରେ ଉତ୍ପାଦନ ବୃଦ୍ଧି ହୋଇପାରେ। ଏଭଳି ଶୋଷଣ ପ୍ରବୃତ୍ତିର ମାନସିକତା ଠାରୁ ଶିଳ୍ପପତି ମାନେ ଦୁରେଇ ରହିବା ଆବଶ୍ୟକ।


**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍:୯୪୩୮୪୮୫୦୯୪**


# ଜୀବନ କୁମ୍ଭର ମୋକ୍ଷ




## ନାରାୟଣ ଚନ୍ଦ୍ର ବିଶ୍ୱାଳ


ରାଉଲକେଲାରେ ମୋ ବଡ଼ପୁଅ ସପରିବାର ରହନ୍ତି। ଏଇ ଦୁଇ ଦିନ ତଳେ ତା'ପାଖରେ ରହୁଥିବା ସମୟରେ ପାଖରେ ଥିବା ଏକ ସେଲୁନକୁ ଯାଇଥିଲି। ସେଲୁନର ଟୁଟି କାରିଗରଟି ଏକ ଚିନ୍ତିତ ଓ ପରାମର୍ଶ ଅପେକ୍ଷାରେ ମୋତେ ପଚାରିଲା ତାଙ୍କ ସହଧର୍ମିଣୀ ପ୍ରୟାଗରାଜର କୁମ୍ଭମେଳାରେ ବୁଡ଼ ପକାଇବା ପାଇଁ ଇଚ୍ଛୁକ କିନ୍ତୁ ପାଖରେ ଏକ ଦେଢ଼ ବର୍ଷର କୋଳଛୁଆ। ମୁଁ ତାଙ୍କ ଠାରୁ ସବୁକଥା ଶୁଣି ସହାସ୍ୟ ବଦନରେ ପ୍ରସ୍ତାବ ଦେଲି ତୁମ ଘର ପାଖରେ ଶଙ୍ଖ ଓ କୋଏଲ ନଦୀର ମିଶ୍ରଣ ସ୍ଥଳ ଯାହାକି ପାନପୋଷରେ ଅବସ୍ଥିତ ତୁମେ ସେହି ସଙ୍ଗମ ସ୍ଥଳରେ ମଧ୍ୟ ବୁଡ଼ ଦେଇପାରିବ। ତୁମ ପରିସ୍ଥିତି, ଆଉ ତୁମ ନିତିଦିନିଆ ଜୀବନର ଆର୍ଥିକ ଓ ସମୟଗତ ଦିଗକୁ ଦେଖି। ତେବେ କୌଣସି ନଦୀର ସଙ୍ଗମ ସ୍ଥଳରେ ବୁଡ଼ ଦେବା ହିଁ ବିଶ୍ୱାସର କୁମ୍ଭ କହିଲେ ଅତ୍ୟୁକ୍ତି ହେବନାହିଁ। ମୁଁ କଟକ ଫେରି ଆସି ପହଞ୍ଚିଲାବେଳକୁ ବିଶ୍ୱାସର, ଆସ୍ଥାର ଦିବ୍ୟ ଓ ଭବ୍ୟ ମହାକୁମ୍ଭ ମେଳାରେ ହୃଦୟ ବିଦାରକ ଅଘଟଣ ଘଟି ତିରିଶ ଜଣ ଶ୍ରଦ୍ଧାଳୁଙ୍କ ପରଲୋକ ପ୍ରାପ୍ତି ଖବରଟି କଷ୍ଟକର ଥିଲା। ମୌନୀ ଅମାବାସ୍ୟାରେ ଅମୃତ ସ୍ନାନ ନିମିତ୍ତ କୁମ୍ଭମେଳାର ବୁଡ଼ ବିଶ୍ୱାସୀ ଶ୍ରଦ୍ଧାଳୁମାନେ ବ୍ରାହ୍ମ ମୁହୂର୍ତ୍ତକୁ ଅପେକ୍ଷା କରିଥିବା ସମୟରେ ହିଁ ଏତେ ବଡ଼ ଅଘଟଣଟି ଘଟିଗଲା। ଆଜିର ବିଜ୍ଞାନ, ପ୍ରଯୁକ୍ତିଗତ ଅତ୍ୟାଧୁନିକ ଓ ସମସ୍ତ ସୂକ୍ଷ୍ମାତିସୂକ୍ଷ୍ମ ସୁରକ୍ଷାଗତ ସଂଯୋଗ ଓ ଅଭୂତପୂର୍ବ ପ୍ରଶାସନିକ ବ୍ୟବସ୍ଥା ଥିବା ସତ୍ତ୍ୱେ ଅଘଟଣଟି ଟାଳି ହୋଇପାରିଲା ନାହିଁ। ଦଳାଚକଟାରେ ପ୍ରାଣହାନୀ ଓ ଅନେକ ଶ୍ରଦ୍ଧାଳୁ ଗୁରୁତର ହେବା ଖବରଟି ସମଗ୍ର ଦେଶବାସୀଙ୍କୁ ଗଭୀର ଭାବେ ବ୍ୟଥିତ କରିଛି। ବିଶ୍ୱର ସବୁଠାରୁ ବଡ଼ ଆଧ୍ୟାତ୍ମିକ ମେଳାରେ ଏଭଳି ଅଘଟଣଟି ଘଟିବା ପଛରେ ଅନେକ କାରଣ ଉଠିବା ମଧ୍ୟ ସ୍ୱାଭାବିକ।

ଆମେ ଏହି ଲେଖା ଦ୍ୱାରା କୁମ୍ଭରେ ବୁଡ଼ ଦେବା କିମ୍ବା କୌଣସି ଧର୍ମକୁ ଅବିଶ୍ୱାସ ବା ତଉଲିବାର ଅଭିପ୍ରାୟ ରଖିନାହୁଁ। ମଣିଷର ବିଶ୍ୱାସ ହିଁ ଧର୍ମ, କର୍ମମୟ ଜୀବନ ପାଇଁ ଧର୍ମ ଏକ ଆଶା ବାଡ଼ି ପରି ପ୍ରେରଣା ଯୋଗାଇଥାଏ। ତେବେ କେବଳ କୁମ୍ଭ ମେଳାରେ ନୁହେଁ ଅନେକ ସମୟରେ ଆମେ ପ୍ରବଳ ଜନସମାଗମ ସ୍ଥାନରେ ଠେଲାପେଲା, ଧାଁଧଉଡ଼ ଓ ଦଳା ଚକଟା ହୋଇଥାଏ। କିଛି ଦିନ ତଳେ ଏକ ରେଳବାଇର ପ୍ୟାଣ୍ଟ୍ରି କାରର କର୍ମଚାରୀ ଜଣଙ୍କର ଭୁଲ ସୂଚନାର ଗୁଜବଟି ଏହି ଗୋଟିଏ ସପ୍ତାହ ତଳେ ଚଉଦ ଜଣ ଲୋକଙ୍କର ଅକାଳ ଜୀବନ ନେଇଯାଇଥିଲା। ତଥାକଥିତ ଗୁଜବ ଏହି ଅଘଟଣ ଘଟାଇବା ପାଇଁ ଯଥେଷ୍ଟ ହୋଇଥାଏ। ଧର୍ମ, ଆସ୍ଥା, ବିଶ୍ୱାସ ମଣିଷକୁ ଜୀବନ ଶୃଙ୍ଖଳାର ରାସ୍ତା ଦେଖାଇବା ସହ ସତମାର୍ଗରେ ଯିବା ପାଇଁ ପ୍ରେରଣା ଦେଇଥାଏ କିନ୍ତୁ ମୂଳକଥାଟି ହେଉଛି ଆମ ଆସ୍ଥା ଓ ବିଶ୍ୱାସ ଯେପରି ଅନ୍ଧ ନ ହୁଏ ଏବଂ ଏହା ଯେପରି ଭୁଲ ରାସ୍ତାକୁ ପରିଚାଳିତ ନକରେ ସେ ଦିଗଟିକୁ ଦେଖିବା କଥା। କୁମ୍ଭମେଳାର ଏହି ଅଘଟଣ ଘଟିବା ପୂର୍ବରୁ କିଛି ଦିନ ତଳେ ଗ୍ୟାସ ସିଲିଣ୍ଡର ଜନିତ ଛୋଟିଆ ବିସ୍ଫୋରଣ ଜନିତ ଅଗ୍ନିକାଣ୍ଡ ମଧ୍ୟ ଘଟିଥିଲା।

ପ୍ରବଳ ଜନସମାଗମ ସ୍ଥଳୀରେ ଶ୍ରଦ୍ଧାଳୁଙ୍କ ଆଗମନର ସଂଖ୍ୟାକୁ ସମ୍ଭାବ୍ୟ ଭାବେ ବିଚାରକରି ପରିଚାଳକମାନେ ଏହାର ପ୍ରଶାସନିକ ଦାୟିତ୍ୱ ଓ କାର୍ଯ୍ୟ କରିଥାନ୍ତି। ମୌନୀ ଅମାବାସ୍ୟା ଦିନ ପ୍ରୟାଗରାଜରେ ଦଶକୋଟି ଶ୍ରଦ୍ଧାଳୁ ବୁଡ଼ ପାଇଁ ଏକାଠି ହୋଇଥିଲେ ଅର୍ଥାତ୍ ଆମ ଓଡ଼ିଶା ଜନସଂଖ୍ୟାର ପାଖାପାଖି ଅଢ଼େଇ ଗୁଣ। ତେବେ ଏ କ୍ଷେତ୍ରରେ ଅନେକ ବିଡ଼ମ୍ବନା ଭିତରୁ ଗୋଟିଏ ବଡ଼ ବିଡ଼ମ୍ବନା ହେଉଛି ଏଥିରେ ତଥାକଥିତ ଭିଭିଆଇପି ଓ ସେଲିବ୍ରେଟିଙ୍କ ଯୋଗଦାନ। ଯାହାଦ୍ୱାରା ସେମାନଙ୍କ ସୁରକ୍ଷା ପାଇଁ ପ୍ରଶାସନ ନାକେଦମ ହୋଇଯାଉଛି। ସେହିପରି ନାଗା ସାଧୁ ଓ ଅନ୍ୟାନ୍ୟ ସାଧୁ, ସନ୍ଥ ତଥା ଧର୍ମ ସମ୍ପ୍ରଦାୟର କିଛି ଶ୍ରଦ୍ଧାଳୁ ପ୍ରଶାସନର ନିୟମ କାନୁନକୁ ମାନୁନଥିବାର ଖବର ମଧ୍ୟ ପ୍ରକାଶ ପାଇଛି। ଏହାମଧ ଏକ ବିପଜ୍ଜନକ ଦିଗ। ଗୁଜବ ଯେଉଁପରି ଏକ ବିପଦଜ୍ଜନକ ଦିଗ ସେହିପରି ଅନ୍ୟାନ୍ୟ କାରଣ ମଧ୍ୟ ସବୁ ରହିଛି।

ପ୍ରୟାଗରାଜ ମହାକୁମ୍ଭ କେବଳ ଧର୍ମ ଓ ଆସ୍ଥାର ବିଶ୍ୱାସ ନୁହେଁ, ଏଥିରେ ବିଶ୍ୱର ଅନେକ ଆଧ୍ୟାତ୍ମିକ ଶ୍ରଦ୍ଧାଳୁମଧ ଯୋଗ ଦେଉଛନ୍ତି। ତେବେ ପ୍ରଶାସନ ଯେଉଁପରି ସତର୍କତା ଓ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଗ୍ରହଣ କରୁଛନ୍ତି ଏହାକୁ ଶ୍ରଦ୍ଧାଳୁମାନେ ଗ୍ରହଣ ନକରିବା ଏକ ବଡ଼ କାରଣ। ଯେଉଁଠାରେ ଏପରି ପ୍ରବଳ ଜନସମାଗମ ହୁଏ ଏପରିକି ବଡ଼ ଭିଡ଼ ହୁଏ ସେଠାରେ ପ୍ରଶାସନକୁ ସଚେତନଧର୍ମୀ ଦାୟିତ୍ୱ ମଧ୍ୟ ଆମ ମାନଙ୍କର ରହିଛି। ମୁଁ ନିତିଦିନିଆ ସମୟ କାଟୁଥିବା ଅନେକ ଲୋକମାନଙ୍କ ଭିତରେ କୁମ୍ଭ ମେଳାକୁ ଯିବା ସମ୍ପର୍କରେ ସେମାନଙ୍କର ଆଗ୍ରହ ଶୁଣିବାକୁ ପାଉଛି। କହିବାକୁଗଲେ ସମଗ୍ର ଭାରତ ବର୍ଷ ଏକ ପ୍ରକାର ପ୍ରୟାଗରାଜ କୁମ୍ଭ ମନସ୍କ କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତର ପ୍ରଧାନମନ୍ତ୍ରୀ, ବିଭିନ୍ନ ରାଜନୈତିକ ଦଳର ଛାମୁଆ ନେତା, ସିନେ ଷ୍ଟାର, ସେଲିବ୍ରେଟି ଓ ଦେଶବିଦେଶର କୂଟନୀତିଜ୍ଞମାନେ ଯୋଗ ଦେବା ସହ ଲୋକମାନଙ୍କୁ ପ୍ରଦର୍ଶିତ କରି ଭିଡ଼ ଟାଣୁଥିବା କିଛି ସାଧୁସନ୍ଥ ମାନଙ୍କର ଆଗମନ ହେଉଥିବାରୁ ଅନେକ ଶ୍ରଦ୍ଧାଳୁମାନେ କୁମ୍ଭମେଳା କ'ଣ ଟିକିଏ ଦେଖିବା ପାଇଁ ମଧ ଆଗଭର ହୋଇପଡୁଛନ୍ତି। ଏହି କୁମ୍ଭମେଳାଟି ୧୪୪ ବର୍ଷରେ ଥରେ ପଡୁଥିବାରୁ ଲୋକମାନଙ୍କ ଭିତରେ ଅନେକ ଅହେତୁକ ଉତ୍ସାହ ଓ ଆଗ୍ରହ ସୃଷ୍ଟି ହେଉଛି। ଉତ୍ତରପ୍ରଦେଶ ଭାରତର ଏକ ବଡ଼ ରାଜ୍ୟ ଏବଂ ଏ କୁମ୍ଭମେଳା ସ୍ଥାନୀୟ ଯୋଗୀ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ଏବଂ ପରବର୍ତ୍ତୀ ସମୟରେ ଏହାକୁ ନିର୍ବାଚନୀ ସଫଳତାରେ ମଧ୍ୟ ଲଗାଇ ପାରନ୍ତି। ତେବେ ବଡ଼କଥା ହେଉଛି ଆମ୍ଭ ମାନଙ୍କର ମାନସିକତା। ମୁଁ କିଛି ଦିନ ତଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନକୁ ଯିବା ଓ ଦର୍ଶନର ଯଥାର୍ଥ ଅଭିପ୍ରାୟକୁ ନେଇ ଏକ ବ୍ୟକ୍ତିନିଷ୍ଠ ଭାବନାକୁ ନେଇ "ଚାଲନ୍ତୁ ଜୀବନ୍ତ ଈଶ୍ୱର ଛୁଇଁବା' ଶୀର୍ଷକ ଲେଖାଟି ଲେଖିଥିଲି। ଅନେକ ପାଠକ ମୋତେ ସାଧୁବାଦ ଜଣାଇଥିଲେ, ପରାମର୍ଶ ମଧ୍ୟ ନେଇଥିଲେ। ଆମ ପାଖରେ ଜୀବନ୍ତ ଈଶ୍ୱର ଥିବା ଆମ ବାପ-ମାଆଙ୍କ ସେବା ଓ ଦାୟିତ୍ୱକୁ ପଛକରି କେଉଁ ଈଶ୍ୱରଙ୍କୁ ଆମେ ଖୋଜିବାକୁ ଯାଉଛେ? ତାଙ୍କ କୃପା ଓ ତାଙ୍କ ଆଶୀର୍ବାଦ ଆଣିବାକୁ ଯାଉଛେ? ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନକୁ ଯିବାବେଳେ ଜଣଙ୍କର ଆଖି ସାମ୍ନାରେ ରାସ୍ତାକଡ଼ରେ ପଡ଼ିଥିବା ଅନେକ ଅସହାୟଙ୍କୁ ଆମେ ସେମାନଙ୍କ କାତରଭରା ସାହାଯ୍ୟ ମାଗୁଣୀକୁ ଏଡ଼ାଇ ଶ୍ରୀମନ୍ଦିରର ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଯାଇଥାଉ। ଏହି ଭାବନାକୁ ନେଇ ମୋ ଆଲେଖ୍ୟଟି ପ୍ରସ୍ତୁତ କରିଥିଲି। ଧର୍ମ ବିଶ୍ୱାସ ଏପରି ଏକ ଭାବାବେଗ ଯାହା ମଣିଷକୁ ଉତ୍ତମ ରାସ୍ତା ଦେଖାଇଥାଏ ଜୀବନକୁ ବୁଝିବା ପାଇଁ।

ବ୍ୟାସକବି ଫକୀରମୋହନ ସେନାପତିଙ୍କ କାଳଜୟୀ ଧାଡ଼ିଟି ଏଠାରେ ଉଲ୍ଲେଖ କରୁଛି - "ବର୍ତ୍ତମାନ କର୍ମ ଫଳ ଲାଭ ଭବିସ୍ୟତେ, ଏହି କଥା କର ଯେବେ ହୃଦୟେ ପରତେ। ପବିତ୍ର ମନରେ କାର୍ଯ୍ୟ କର ସେହିପରି, ଆତ୍ମକୃତ କର୍ମଫଳ ଯାଚିଦେବେ ହରି। ଜୀବନର ସୁଖଦୁଃଖ ଦାତା କର୍ମଫଳ, ବିନାଶକ, ରକ୍ଷାକାରୀ ସହାୟ ସମ୍ବଳ। କର୍ମଫଳ ପ୍ରଭାବରେ ଜୀବନର ଗତି, ବିଧି ଦ୍ୱାରା ନଷ୍ଟ ହୁଏନାହିଁ ତାର ଶକ୍ତି।' ସତ୍ ଓ କର୍ମପୂର୍ଣ୍ଣ ଜୀବନ ଭିତରେ ଜୀବନ ଚେତନା ହେଉଛି ଅନ୍ୟ ମାନଙ୍କ ସହ ସୁଖଦୁଃଖ ବାଣ୍ଟିବା। ସେମାନଙ୍କୁ ଯଥା ସମ୍ଭବ ସାହାଯ୍ୟଟି କରିବା। ସେମାନଙ୍କ କଷ୍ଟ ସମୟରେ ଆହା ପଦେ କହିବା। କେଉଁଠି ଋଣକରି, ଧାରମାଗି, ବାପା-ମାଆଙ୍କ ଠାରୁ ଏକ ପ୍ରକାର ଟଙ୍କା ଝଡ଼ାଇ ଧର୍ମ ଦର୍ଶନ ବା ଈଶ୍ୱର ପ୍ରାପ୍ତି ପାଇଁ ତୀର୍ଥ ଯାତ୍ରାର କି ମୂଲ୍ୟ ବା ରହିଥାଏ? ଘର ପରିବାରର ଦାୟିତ୍ୱକୁ ପଛେଇ ଧର୍ମାବଲମ୍ବୀ ହୋଇ ଜଣେ କୌଣସି କୁମ୍ଭମେଳାରେ ବୁଡ଼ ଦେଲେ ବା କୌଣସି ସାଧୁ ସନ୍ଥଙ୍କ ଶରଣାପନ୍ନ ହେଲେ ସତରେ କ'ଣ ତାଙ୍କ ଜୀବନମୁକ୍ତି ହୋଇପାରିବ? ସେ ଦିନ ରାଉଲକେଲାର ସେ ସେଲୁନ କାରିଗରର କଥାଟି ମୋ ଭିତରେ ଏକ ଭାବାନ୍ତର ସୃଷ୍ଟି କରିଥିଲା। ଟଣାଟଣି ଅଭାବୀ ସଂସାର ଭିତରେ ପୁଣି କୋଳଛୁଆ ଏ ସବୁ ସତ୍ତ୍ୱେ ଜଣେ ମହିଳା କୁମ୍ଭମେଳାରେ ବୁଡ଼ ପକାଇବା ପାଇଁ ଇଛା କରିବା ମୋ ଭିତରେ ଜୀବନଧର୍ମ ପାଇଁ ଏକ ବଡ଼ ଆହ୍ୱାନ ବି ସୃଷ୍ଟି କରିଥିଲା। ଆଜିର ସମୟକୁ ଟିକିଏ ଦେଖନ୍ତୁ। ବିଜ୍ଞାନ ଓ ପ୍ରଯୁକ୍ତିର ଅତ୍ୟାଧୁନିକ ଯୁଗରେ ଲୋକମାନଙ୍କର ହାତରେ ଦାମୀ ଫୋନ। ଅଥଚ ଆମେ ବୁଦ୍ଧି, ଜ୍ଞାନ ଓ ଉତ୍ତମ ଜୀବନରେ ଜଣେ ଦାମୀ ହୋଇପାରୁନାହୁଁ। କୁମ୍ଭମେଳାର ଧର୍ମୀୟ ଚେତନା ସହ କୋଟି କୋଟି ଲୋକଙ୍କ ଆସ୍ଥାର ଏକ ସୂକ୍ଷ୍ମ ସଂଯୋଗ ରହିଛି। ତେବେ ଏସବୁ ଭିତରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳାବୋଧର ଓ ସହଯୋଗର ମଧ୍ୟ ବଡ଼ ଭୂମିକା ରହିଛି। ଜୀବନକୁ କର୍ମମୟ କରି ସତ ରାସ୍ତାରେ ଆଗେଇ ଚାଲିଲେ ଭଗବାନଙ୍କ କୃପା ଆପଣଙ୍କ ପାଖରେ ନିଶ୍ଚିନ୍ତ ପହଞ୍ଚିବ। ମୋର ଏହି ଲେଖାଟି ପ୍ରସ୍ତୁତ କଲାବେଳକୁ ଜଣେ କାଳଜୟୀ କବିଙ୍କ ସ୍ମରଣୀୟ ଲେଖାର ଧାଡ଼ିଟି ମନେପଡୁଛି - "ମୁଁ ଯାଇ ନାହିଁ ପୁରୀ, ମୁଁ ଜାଣେ ନାହିଁ ହରି, ମୋ ଏ ଜନ୍ମର ତୀର୍ଥକ୍ଷେତ୍ର ଏହି ବିଲବାଡ଼ି'। ଜୀବନରେ ମଠ, ମନ୍ଦିର, ଦେବାଳୟ, ସାଧୁସନ୍ଥଙ୍କ ଆଶୀର୍ବାଦ, କୁମ୍ଭମେଳାରେ ବୁଡ, ଏସବୁର ଯେ ପ୍ରୟୋଜନ ନାହିଁ ତାହା ମୁଁ କହୁନି କିନ୍ତୁ ଜୀବନଟି କର୍ମପୂର୍ଣ୍ଣ, ଅର୍ଥପୂର୍ଣ୍ଣ ଓ ମହତ୍ୱପୂର୍ଣ୍ଣ ହେବା ହିଁ ଜୀବନ କୁମ୍ଭର ମୋକ୍ଷ କହିଲେ ଅତ୍ୟୁକ୍ତି ହେବନାହିଁ।


**ବାକଶ୍ରବଣ ବିଶେଷଜ୍ଞ "ଧ୍ୱନୀ', ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ**
**ମୋବାଇଲ୍: ୯୪୩୮୨୭୬୭୬୦**


# ସୁଖ ଆଉ ସନ୍ତୋଷ କାହାକୁ କହିବା?


## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର




ସଂସାରର ଜଞ୍ଜାଳରେ ମଣିଷଟି ଯେତେବେଳେ ଦୁଃଖକୁ ସାମ୍ନା କରେ ସଂସାରର ଜଞ୍ଜାଳରେ ଶରୀର ଯେତେବେଳେ ଅବଶ ହୋଇପଡ଼େ ଓ ମନରେ ପ୍ରବଳ ଉଦବେଗ ସୃଷ୍ଟି ହୁଏ ସେତେବେଳେ ନିଜ ଇଷ୍ଟ ବା ଠାକୁରଙ୍କ ସମ୍ମୁଖରେ ଛିଡ଼ା ହୋଇ ତାଙ୍କର ପାଦତଳେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପଣ କରିଦିଏ। ଏହା କଲାଫଳରେ ତା ମନରେ ବିଶ୍ୱାସ ସୃଷ୍ଟି ହୁଏ ଏବଂ ନିଜକୁ ନିଜ କର୍ମକ୍ଷେତ୍ରରେ ପୁନର୍ବାର ବ୍ୟସ୍ତ କରିରଖିବାର ଶକ୍ତି ପାଇଥାଏ। ଏ ସଂସାର ହେଉଛି କ୍ଷଣସ୍ଥାୟୀ। ମାୟାର କବଳରେ ପଡ଼ି ଜୀବାତ୍ମା ନିଜର ଅସଲ ଲକ୍ଷ୍ୟକୁ ଭୁଲି ଯାଉଛି। ଅହଂ ଭାବରୁ ମୁକ୍ତ ଥିବା ସମୟରେ ଆମେ ଠାକୁରଙ୍କୁ ଧ୍ୟାନ କରିଥାଉ କିନ୍ତୁ ଅହଂକାର ଜାତ ହେବାମାତ୍ରେ ଆମେ ନିଜକୁ କର୍ତ୍ତା ଭାବି ଠାକୁରଙ୍କ ସ୍ଥିତିକୁ ଅବଜ୍ଞା କରିଥାଉ। ଜୀବନର ସୁଖଦୁଃଖ କର୍ମମୟ ଚେତନାକୁ ଭାବନା କଲାବେଳକୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ କାଳଜୟୀ ଧାଡ଼ିଟି ମନେପଡୁଛି- "ବିପଦ ପ୍ରଭୁଙ୍କ କଷଟି ପାଶାଣ, ପରଖନ୍ତି ତହିଁ ନର ହୃଦ ଟାଣ। ବିଦ୍ଧ ହେଲେ ହେଁ ବିପଦ ଅନଳେ, ଭସ୍ମ ନୋହିଁ ଯେହ୍ନେ ଦାଉ ଦାଉ ଜଳେ।' ଏହି ଆଲୋଚନା କଲାବେଳକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କଥିତ "ଆଧାତ୍ମିକ ପ୍ରସଙ୍ଗ' ଯାହାର ସଂକଳନ କରିଛନ୍ତି ପୂଜ୍ୟପାଦ ବିଦ୍ୟୁତରଞ୍ଜନ ଚକ୍ରବର୍ତ୍ତୀ ମହୋଦୟ। ସୁଖ ଆଉ ସନ୍ତୋଷ କାହାକୁ କହିବା? ସୁଖ ଏବଂ ସନ୍ତୋଷ ସମ୍ବନ୍ଧରେ କଥା ଉଠିଲା। ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ଦିବ୍ୟ ମାର୍ଗଦର୍ଶନରେ କହିଲେ  - "ସୁଖ ଗୋଟିଏ ଜିନିଷ, ସନ୍ତୋଷ ଆଉ ଏକ ଜିନିଷ। ସୁଖ ନରହିଲେ ମଧ୍ୟ ମଣିଷର ସନ୍ତୋଷ ରହିପାରେ। ଆଉ ସନ୍ତୋଷ ଥିଲେ ସୁଖ ନରହିଲେ ବି ଖାପ ଖାଇଯାଏ।' ଜଣେ ପ୍ରଶ୍ନ କଲେ- ଏହା କିପରି? ଉତ୍ତରରେ ଶ୍ରୀ ଶ୍ରୀ ଠାକୁର କହିଲେ  - ଧର, ଏକ ଜଣ ମହତ ମଣିଷ। ସେ ହୁଏତ ତ୍ୟାଗ ଓ ଦୁଃଖର ଜୀବନକୁ  (ବରଣ) କରି ନେଇଛି। ତଥାକଥିତ ସୁଖ, ସ୍ୱାଚ୍ଛନ୍ଦ୍ୟ ଯାହାକୁ କୁହାଯାଏ, ସେ ସବୁ ତାଙ୍କର ହୁଏତ ନାହିଁ, କିନ୍ତୁ ଅନ୍ତର ଭିତରେ ଅଛି ସନ୍ତୋଷ। ଏହି ସନ୍ତୋଷ ଯଦିଥାଏ, ତାହାହେଲେ ତଥା କଥିତ ସୁଖ ନଥିଲେ ମଧ୍ୟ ତାହାର କୌଣସି ଦୁଃଖ ରହେ ନାହିଁ। ପୁଣି ତାହାର ସ୍ତ୍ରୀ, ପୁତ୍ର ଯେଉଁମାନେ, ସେମାନେ ଯଦି ତାକୁ ସତ୍ୟକାର ଭଲପାଆନ୍ତି, ତେବେ ସେ ଯେତେ ହିଁ (କଷ୍ଟ) କରୁନା କାହିଁକି, ଭିତରେ-ଭିତରେ (ସନ୍ତୁଷ୍ଟ) ଥାଏ। ଶ୍ରଦ୍ଧା ଓ ପ୍ରୀତିର ଲକ୍ଷଣ ହେଲା ପ୍ରିୟଙ୍କ ପାଇଁ ହସମୁଖରେ ଦୁଃଖ କଷ୍ଟକୁ ସହିନେଇ ପାରିବା।

ଯେତେବେଳେ କହିଲା ଆତ୍ମପ୍ରସାଦ ନାହିଁ, ସେତେବେଳେ ବୁଝିନେବ  (ସ୍ନେହ) ବା (ପ୍ରୀତି) ସେଠାରେ ନାହିଁ। କାହାରି ଉପରେ ପ୍ରୀତି ରହିଲେ, ତାହାପାଇଁ ଯେତେ କଷ୍ଟ ହିଁ ହେଉନା କାହିଁକି, ସେହି କଷ୍ଟକୁ ସେ କଷ୍ଟ ବୋଲି ମନେ କରେ ନାହିଁ। ତାହା ସମ୍ବନ୍ଧରେ କୌଣସି ଅନୁଯୋଗ ରଖେ ନାହିଁ। ବରଂ ସେ ଭାବିବସେ ମୁଁ ତାଙ୍କୁ ସୁଖୀ କରିପାରିଲି ନାହିଁ। ତାହାର ତ କିଛି ପାଇବାର ଧନ୍ଦାନାହିଁ-କେବଳ ଦେବାର ଧନ୍ଦା। କିପରି କରି ପ୍ରିୟଙ୍କୁ ସୁଖୀ କରାଇବ ସେହି ତାଳରେ ସେ ଥାଏ। ତେଣୁ ପ୍ରିୟଙ୍କ ପାଇଁ ଯେତେ ହିଁ କରୁ, ଭାବେ, ମୁଁ କିଛି କରି ପାରିଲି ନାହିଁ ତାଙ୍କ ପାଇଁ ବରଂ ଏଥିପାଇଁ ଅପରାଧୀ ମନେ କରେ ନିଜକୁ। ପ୍ରିୟଙ୍କ ସମ୍ବନ୍ଧରେ ଯାହାର ଥାଏ ପୂର୍ଣ୍ଣ ପରିତୃପ୍ତି ଓ ଶ୍ରଦ୍ଧାବୋଧ, ତାହାର ସମ୍ବନ୍ଧରେ ଆଉ କୌଣସି ପ୍ରଶ୍ନ ନଥାଏ। ସୀତା, ଦମୟନ୍ତୀ, ଚିନ୍ତା ଏମାନେ ଥିଲେ ଏହି ଧରଣର। ହାତ ଦୁଇଟିକୁ ହଲାଇ ହଲାଇ, ବେକଟିକୁ ବଙ୍କାଇ ମୋହନ ଭଙ୍ଗୀରେ କହି ଉଠିଲେ - ଶଳା, ଯେତେ ଯାହା କୁହନା କାହିଁକି, ଭଲ ପାଇବା ଭଳି ସୁନ୍ଦର ମାଲ କିଛି ବି ନାହିଁ, ଯେ ଭଲ ପାଇ ପାରେ ସେ ହିଁ ରାଜା। ହୃଦୟରେ ତାହାର କେତେ ବଳ। ପ୍ରାଣରେ ତାହାର କେତେ ଯେ ସୁଖ! ଜୀବନରେ କର୍ମମୟ ମୁହୂର୍ତ୍ତକୁ ଆଗେଇ ନେବା ସମୟରେ ଶ୍ରୀ ଶ୍ରୀ ଠାକୁରଙ୍କ କୃପା ଓ ନିଜ ସମର୍ପଣ ଚେତନାକୁ ଆମେ ମାନେ ଇଷ୍ଟଙ୍କ ପାଖରେ ସମର୍ପଣ ପୂର୍ବକ ସଦଗୁରୁଙ୍କ ସାନ୍ନିଧ ଲାଭ ଦ୍ୱାରା ହିଁ ଜୀବନମୁକ୍ତି ପାଇଁ ଆହୁରି ଅଗ୍ରସର ହେବା ଉଚିତ। ଏହି ଜୀବନ ଚେତନାର ଶିକ୍ଷା ଜଣଙ୍କୁ ଈଶ୍ୱରଙ୍କୁ ପାଇବା ପାଇଁ ସତରାସ୍ତା ଦେଖାଏ ଏବଂ ଏହି କର୍ମମୟ ଜୀବନର ଅଗ୍ରସର ପଥେ ଅନେକ ଆହ୍ୱାନ ଆମ୍ଭେମାନେ ମଧ୍ୟ ସାମ୍ନା କରିଥାଉ। ଭକ୍ତକବି ମଧୁସୂଦନ ରାଓଙ୍କ ସ୍ମରଣୀୟ ବାଣୀଟି ଏଠାରେ ଉଲ୍ଲେଖ କରୁଛି - "ମୁକୁଟମଣ୍ଡିତ ରାଜଶିର, ନୁହଇ ଶାନ୍ତି ଆସ୍ପଦ, ଆଶଙ୍କା ଭୟ ବିପଦ, ନିରନ୍ତର ରାଜ ମନ କରଇ ଅସ୍ଥିର, ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକିର। ଏ ସଂସାରେ ନାହିଁ ସୁଖ ଶାନ୍ତି, ଅହଂକାର ଦ୍ୱେଶରୋଷ, ଲୋଭ,ମୋହ, ଅସନ୍ତୋଷ। ଦୁଷ୍ଟ ରିପୁ ଦଳ ଘୋର ଅନର୍ଥ ଘଟାନ୍ତି, ପାପାର ଭୀଷରାବର୍ତ୍ତେ ନରେ ନିକ୍ଷେପନ୍ତି।'


ସହ-ପ୍ରତିରତ୍ନିକ, ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର **ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**

## ଅଭିଜିତ୍‌ଙ୍କ ବିବାଦୀୟ ମନ୍ତବ୍ୟ
## ପାକିସ୍ତାନର ପିତା ଥିଲେ ମହାତ୍ମା ଗାନ୍ଧୀ



**ମୁମ୍ବାଇ,୩୦।୧:** ବଲିଉଡରେ ନବେ ଦଶକର ଚର୍ଚ୍ଚିତ ଗାୟକ ଅଭିଜିତ୍ ଭଟ୍ଟାଚାର୍ଯ୍ୟ ଆଜି ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ପୂର୍ବରୁ ବଲିଉଡ୍ ସୁପରଷ୍ଟାର୍ ଶାହରୁଖ୍ ଖାନ୍‌ଙ୍କ ସହ ବିବାଦରେ ଛନ୍ଦି ହୋଇପଡ଼ିଥିବା ଅଭିଜିତ୍ ଆଜି ଜାତିର ପିତା ମହାତ୍ମା ଗାନ୍ଧିଙ୍କୁ ଭାରତର ନୁହେଁ, ବରଂ ପାକିସ୍ତାନର ପିତା ଥିଲେ ବୋଲି କହିଛନ୍ତି। ସେ କହିଛନ୍ତି ଯେ ମହାତ୍ମା ଗାନ୍ଧି ହେଉଛନ୍ତି ପାକିସ୍ତାନର ପିତା। ପାକିସ୍ତାନର ଅସ୍ତିତ୍ୱ ପାଇଁ ଗାନ୍ଧୀ ଦାୟୀ। ଏପରି ମନ୍ତବ୍ୟ ଦେଇଥିବାରୁ ତାଙ୍କ ବିରୋଧରେ ମାମଲା ଦାଏର୍ ପାଇଁ ପୁଣେର ଜଣେ ସାମାଜିକ କର୍ମୀ ଦାବି କରିଛନ୍ତି। ସେ ଥାନାରେ ମାମଲା ରୁଜୁ ପାଇଁ ପହଞ୍ଚିଥିଲେ ମଧ୍ୟ ପୁଲିସ୍ ଏହାକୁ ଗ୍ରହଣ କରି ନ ଥିବା ଜଣାପଡ଼ିଛି। ସାମାଜିକ କର୍ମୀ ଜଣଙ୍କ କରିଥିବା ଆବେଦନରେ ଅଭିଜିତ୍‌ଙ୍କ ବିରୋଧରେ 'ମହାତ୍ମା ଗାନ୍ଧୀଙ୍କୁ ବଦନାମ ଏବଂ ଅପମାନ କରିବା ଏବଂ ସମାଜରେ ଫାଟ ସୃଷ୍ଟି କରିବା' ପାଇଁ ମାମଲା ରୁଜୁ କରାଯିବା ଉଚିତ ବୋଲି ଦାବି କରିଛନ୍ତି। ଏପରିକି ଯଦି ପୁଲିସ ଅଭିଜିତଙ୍କ ବିରୋଧରେ ମାମଲା ରୁଜୁ ନ କରେ, ତା'ହେଲେ ସେ କୋର୍ଟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଅଭିଜିତ୍ ଏପରି ମନ୍ତବ୍ୟ ଦେଇ ନିଜ ବୋକାମୀର ପରିଚୟ ଦେବା ସହ ଏହା ତାଙ୍କ ମନରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଘୃଣାଭାବର ପରିପ୍ରକାଶ କରୁଛି ବୋଲି ଉକ୍ତ ସାମାଜିକ କର୍ମୀ ଜଣଙ୍କ କହିଛନ୍ତି।

## ମହାକୁମ୍ଭରେ ଦଳାଚକଟା ଘଟଣା: ହେଲ୍ପଲାଇନ ନମ୍ବର ଜାରି

**ପ୍ରୟାଗରାଜ, ୩୦।୧:** ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆୟୋଜିତ ହୋଇଥିବା ମହାକୁମ୍ଭମେଳାକୁ ଦେଶ ତଥା ଦେଶ ବାହାରୁ ଲକ୍ଷାଧିକ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ତ୍ରିବେଣୀ ସଙ୍ଗମକୁ ସ୍ନାନ କରିବାକୁ ଆସୁଛନ୍ତି। ତ୍ରିବେଣୀ ସଂଗମରେ ମୌନି ଅମାବାସ୍ୟରେ ଶାହି ସ୍ନାନ ପାଇଁ ସୃଷ୍ଟି ହୋଇଥିବା ଦଳାଚକଟା ପରିସ୍ଥିତିରେ ଏଯାବତ ୩୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୯୦ଜଣ ଗୁରୁତରଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ଡାକ୍ତର ଗୁରୁତରଙ୍କ ଚିକିତ୍ସା ଜାରି ରଖିଛନ୍ତି।



ଦଳାଚକଟା ପରିସ୍ଥିତି ସହିତ ଭିଡ଼ ଭିତରେ ଅନେକ ଲୋକ ନିଜନିଜ ସମ୍ପର୍କୀୟଙ୍କ ଠାରୁ ଅଲଗା ହୋଇ ହଜି ଯାଇଛନ୍ତି। ତେଣୁ ମହାକୁମ୍ଭ ମେଳାରେ ହଜି ଯାଇଥିବା ଲୋକଙ୍କୁ ଖୋଜିବା ପାଇଁ ଓ ଗୁରୁତରଙ୍କ ସୂଚନା ପାଇବା ପାଇଁ ସରକାର ଏକ ହେଲପ ଲାଇନ ନମ୍ବର ଜାରି କରିଛି। ଆସନ୍ତୁ ଜାଣିବା ଏହି ହେଲପ ଲାଇନ ନମ୍ବର ସମ୍ପର୍କରେ। ମେଳା ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ହେଲପଲାଇନ ନମ୍ବର ୧୯୨୦ ଜାରି କରାଯାଇଛି। ଏହି ନମ୍ବରରେ ଗୁରୁତରଙ୍କ ସମ୍ପର୍କରେ ସୂଚନା ମିଳି ପାରିବ। ସେହିପରି ପ୍ରୟାଗରାଜ ମେଳା ପ୍ରାଧିକରଣ ୦୫୩୨-୨୫୦୪୦୧୧ ଓ ୦୫୩୨-୨୫୦୦୭୭୫ ନମ୍ବର ଜାରି କରାଯାଇଛି। ଏହା ବ୍ୟତୀତ ମହାକୁମ୍ଭ ହ୍ୱାଟସଆପ, ମହାକୁମ୍ଭ ଫାୟର ହେଲପଲାଇନ ଜାରି କରାଯାଇଛି। ଏହି ଦୁର୍ଘଟଣା ପରେ ଭିଭିଆଇପି ପାସଗୁଡ଼ିକୁ ବାତିଲ କରାଯାଇଛି ଏବଂ ମେଳାକୁ ଯାଉଥିବା ରାସ୍ତାଗୁଡ଼ିକୁ ଭକ୍ତମାନଙ୍କ ସୁଗମ ଗତି ପାଇଁ ଏକମୁଖୀ କରାଯାଇଛି।ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ସୀମାନ୍ତ ସ୍ଥାନରେ ହୋଲ୍ଡିଂ ଏରିଆ ସ୍ଥାପନ କରିବା ଏବଂ ପ୍ରୟାଗରାଜରୁ ଫେରିବା ରାସ୍ତାଗୁଡ଼ିକୁ ବାଧାମୁକ୍ତ ରଖିବା ସହିତ ଅନେକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି।

## ମୁମ୍ବାଇ ସିଦ୍ଧିବିନାୟକ ମନ୍ଦିରରେ ଲାଗୁ ହେଲା ଡ୍ରେସ୍ କୋଡ୍



**ମୁମ୍ବାଇ, ୩୦।୧:** ମୁମ୍ବାଇର ପ୍ରସିଦ୍ଧ ସିଦ୍ଧିବିନାୟକ ମନ୍ଦିର ଭକ୍ତଙ୍କ ପାଇଁ ଏକ ନୂତନ ଗାଇଡଲାଇନ୍ ଜାରି କରିଛି। ମନ୍ଦିର ପ୍ରଶାସନ ଆଜି ଜାନୁୟାରୀ ୩୦ ଠାରୁ ଭକ୍ତଙ୍କ ପାଇଁ ଡ୍ରେସ କୋଡ୍ ବ୍ୟବସ୍ଥା ଲାଗୁ କରିଛି। ନୂତନ ବ୍ୟବସ୍ଥା ଅନୁଯାୟୀ, ସ୍କର୍ଟ, ଚିରାଫଟା ପୋଷାକ ଏବଂ ରିଭିଲିଂଗ୍ ପୋଷାକ ପିନ୍ଧିଥିବା ଭକ୍ତମାନଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ। ମନ୍ଦିର ଟ୍ରଷ୍ଟର କୋଷାଧକ୍ଷ ଆଚାର୍ଯ୍ୟ ପୱନ ତ୍ରିପାଠୀ କହିଛନ୍ତି, ମୁମ୍ବାଇସ୍ଥିତ ସିଦ୍ଧିବିନାୟକ ମନ୍ଦିର କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ସନାତନୀ ଏବଂ ଗଣେଶ ଭକ୍ତଙ୍କ ଆସ୍ଥାର ଏକ ପ୍ରମୁଖ କେନ୍ଦ୍ର। ଲକ୍ଷ ଲକ୍ଷ ଭକ୍ତ ଏଠାକୁ ଦର୍ଶନ ପାଇଁ ଆସନ୍ତି। କିନ୍ତୁ ଯେତେବେଳେ ଲୋକମାନେ କୌଣସି ପବିତ୍ର ସ୍ଥାନକୁ ଯାଆନ୍ତି, ସେଠାକାର କିଛି ନିୟମ ପାଳନ କରିବା ଆବଶ୍ୟକ ହୋଇଥାଏ, ଯାହାଫଳରେ ସେହି ସ୍ଥାନର ପବିତ୍ରତା ବଜାୟ ରହିବ। ସେ କହିଛନ୍ତି ଯେ ମନ୍ଦିର ଦର୍ଶନ କରୁଥିବା ଭକ୍ତଙ୍କ ପରାମର୍ଶ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। ଅନେକ ଭକ୍ତ ମନ୍ଦିରରେ ଦର୍ଶନ କରିବା ସମୟରେ କିଛି ଶ୍ରଦ୍ଧାଳୁଙ୍କ ପୋଷାକକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଏହି ଶ୍ରଦ୍ଧାଳୁମାନଙ୍କ ପୋଷାକରେ ଶାଳୀନତା ନ ଥିଲା। ଏହାକୁ ବିଚାରକୁ ନେଇ ମନ୍ଦିର ଟ୍ରଷ୍ଟ ଏହି ନିଷ୍ପତ୍ତି ନେଇଛି। ଏଣିକି ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ଭଲ ପୋଷାକ ପିନ୍ଧିବାକୁ ପଡ଼ିବ। ଏହା ଧାର୍ମିକ ଏବଂ ଆସ୍ଥା ସହ ଜଡ଼ିତ ପ୍ରସଙ୍ଗ। ଆମେ ଚାହୁଁଛୁ, ମନ୍ଦିରକୁ ଆସୁଥିବା ଭକ୍ତମାନେ ଏହା ପାଳନ କରନ୍ତୁ। ଧୀରେ ଧୀରେ ଭକ୍ତମାନଙ୍କ ନିକଟରେ ଏହି ନିୟମ ବିଷୟରେ ସୂଚନା ପହଞ୍ଚିବ ଏବଂ ସେମାନେ ଏହାକୁ ଅନୁସରଣ କରିବେ ବୋଲି ଆଚାର୍ଯ୍ୟ ପୱନ ତ୍ରିପାଠୀ କହିଛନ୍ତି।

# ବିବାହର ବର୍ଷେ ଭିତରେ ହୋଇପାରିବନି ବିଚ୍ଛେଦ: ହାଇକୋର୍ଟ



**ପ୍ରୟାଗରାଜ, ୩୦।୧:** ଦୁଇ ହିନ୍ଦୁଙ୍କ ମଧ୍ୟରେ ବିବାହ ହେଉଛି ପବିତ୍ର। ବିବାହର ବର୍ଷକ ମଧ୍ୟରେ ହୋଇପାରିବନି ବିବାହ ବିଚ୍ଛେଦ। ବିଚ୍ଛେଦ ପାଇଁ ହିନ୍ଦୁ ବିବାହ ଆଇନ ଅନୁଯାୟୀ ଯଦି ସେଭଳି କୌଣସି ଅତ୍ୟଧିକ କଷ୍ଟକର ବ୍ୟତିକ୍ରମ କିମ୍ବା ଗୁରୁତର ବ୍ୟତିକ୍ରମ ନଥିବ, ତା'ହେଲେ ବିବାହ ବିଚ୍ଛେଦ ପାଇଁ ଅନୁମତି ମିଳିବ ନାହିଁ। ଆହ୍ଲାବାଦ ହାଇକୋର୍ଟ ଏହି ରାୟ ଦେଇଛନ୍ତି। ଧାରା ୧୪ ଅନୁଯାୟୀ ବାହାଘରର ବର୍ଷକ ମଧ୍ୟରେ ବିବାହ ବିଚ୍ଛେଦ ଆବେଦନ କରାଯାଇପାରିବ ନାହିଁ। ଜଷ୍ଟିସ ଅଶ୍ୱିନୀ କୁମାର ମିଶ୍ର ଓ ଜଷ୍ଟିସ୍ ଡୋନାଡି ରମେଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଧାରା ୧୪ ଅନୁଯାୟୀ ବିବାହର ବର୍ଷକ ମଧ୍ୟରେ ଛାଡପତ୍ର ପାଇଁ ଆବେଦନ କରାଯାଇପାରିବ ନାହିଁ। କେବଳ କେତେକ ନିର୍ଦ୍ଦିଷ୍ଟ ବ୍ୟତିକ୍ରମରେ ଏହି ଆବେଦନ କରିହେବ। ପତି-ପତ୍ନୀ ନିଶାନ୍ତ ଭରଦ୍ୱାଜ ଓ ଋଷିକା ଗୌତମ ହିନ୍ଦୁ ବିବାହ ଆଇନ ୧୯୫୫ର ଧାରା ୧୩ (ଖ) ଅନୁଯାୟୀ ସହମତି କ୍ରମେ ବିବାହ ବିଚ୍ଛେଦ ପାଇଁ ଆବେଦନ କରିଥିଲେ। ତେବେ ସାହାରାନପୁରର ପରିବାର ଅଦାଲତ ଏହି ଆବେଦନକୁ ଖାରଜ କରିଦେଇଥିଲେ। ବିବାହର ବର୍ଷେ ପୂରିନାହିଁ ବୋଲି ଖଣ୍ଡପୀଠ ତାଙ୍କ ରାୟରେ ଉଲ୍ଲେଖ କରିଥିଲେ। ଏହି ଆବେଦନକୁ ହାଇକୋର୍ଟରେ ସ୍ୱାମୀ ନିଶାନ୍ତ ଚାଲେଞ୍ଜ କରିଥିଲେ। କିନ୍ତୁ ହାଇକୋର୍ଟ ମଧ ତାଙ୍କ ଆବେଦନକୁ ଖାରଜ କରିବା ସହ ନିମ୍ନ କୋର୍ଟର ରାୟକୁ କାଏମ୍ ରଖିଛନ୍ତି।

ଏହି ମାମଲାରେ ହାଇକୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ ଦୁଇ ଜଣଙ୍କ ବିଚାରଧାରା ମେଳ ଖାଉନାହିଁ ବୋଲି ଚିରାଚରିତ କାରଣ ଦର୍ଶାଇ ବର୍ଷକ ଭିତରେ ବିଚ୍ଛେଦ ପାଇଁ ଆବେଦନ କରାଯାଇପାରିବ ନାହିଁ। ଆବେଦନରେ ସେଭଳି କୌଣସି ବିଶେଷ ପରିସ୍ଥିତି ଉପୁଜିଥିବା ବା କୌଣସି ଗୁରୁତର କାରଣ ଦର୍ଶାଯାଇନାହିଁ। ତେଣୁ ଏହି ଆବେଦନକୁ ଗ୍ରହଣ କରାଯାଇପାରିବ ନାହିଁ। କେବଳ କେତେକ ବିଶେଷ କ୍ଷେତ୍ରରେ ଏହା ଗ୍ରହଣୀୟ ହେବ। ସାଧାରଣ ଭାବେ ଏହାକୁ ଗ୍ରହଣ କରାଯାଇପାରିବ ନାହିଁ। ହିନ୍ଦୁ ବିବାହ ଆଇନ ଅନୁସାରେ ଦୁଇ ଜଣ ହିନ୍ଦୁଙ୍କ ବିବାହ ପବିତ୍ର। ଆଇନର ଗଣ୍ଡି ଭିତରେ ଯାହା କିଛି କରାଯାଇପାରିବ। ଯାହା ବ୍ୟବସ୍ଥା ଅଛି, ତାହା ମାନିବାକୁ ପଡ଼ିବ। ବର୍ଷକ ଭିତରେ ଯଦି କେହି ଏହି ସମୟସୀମା ଛାଡ଼ ପାଇଁ ଆବେଦନ କରନ୍ତି, ତାହା ମଧ ଗ୍ରହଣଯୋଗ୍ୟ ହେବନାହିଁ। ତେବେ ବର୍ଷକ ପରେ ଯଦି ପତିପତ୍ନୀ ଚାହାଁନ୍ତି, ତେବେ ସେମାନେ ସାନି ଆବେଦନ କରିପାରିବେ। ଏହାପରେ ହିଁ ମାମଲାର ବିଚାର କରାଯାଇପାରିବ। ହାଇକୋର୍ଟଙ୍କ ଏହି ରାୟ ବିବାହ ବିଚ୍ଛେଦ ନେଇ ସାଧାରଣରେ ଥିବା ଦ୍ୱନ୍ଦ୍ୱକୁ ଦୂର କରିଛି।

## କେଜ୍ରିୱାଲଙ୍କ ଘର ଆଗରେ ଅଳିଆ ଫିଙ୍ଗୁଥିଲେ
# ସ୍ୱାତୀଙ୍କୁ ଉଠାଇନେଲା ପୁଲିସ



**ନୂଆଦିଲ୍ଲୀ, ୩୦।୧:** ଦିଲ୍ଲୀ ପୁଲିସ ହେପାଜତରେ ଆପର ରାଜ୍ୟସଭା ସାଂସଦ ସ୍ୱାତୀ ମାଲିୱାଲ। ପ୍ରତିବାଦ ସ୍ୱରୂପ ସ୍ୱାତୀ ମାଲିୱାଲ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଘର ବାହାରେ ଅଳିଆ ଫିଙ୍ଗିବାକୁ ପହଞ୍ଚିଥିଲେ। ହେପାଜତକୁ ନିଆଯିବା ସମୟରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସ୍ୱାତୀ ମାଲିୱାଲ କହିଛନ୍ତି ଯେ, "ଆଜି ସମଗ୍ର ଦିଲ୍ଲୀ ଏକ ଅଳିଆ ଗଦାରେ ପରିଣତ ହୋଇଛି। ମୁଁ ଏଠାକୁ ଅରବିନ୍ଦ କେଜରିୱାଲ ଜୀଙ୍କୁ ଭେଟିବାକୁ ଆସିଥିଲି। ଦିଲ୍ଲୀର ଜନତା ତାଙ୍କୁ ସୁଧାରି ଦେବେ। ମୁଁ ସେମାନଙ୍କ ପୁଲିସକୁ ଭୟ କରେ ନାହିଁ" ସୂଚନା ମୁତାବକ, ସ୍ୱାତୀ ମାଲିୱାଲ ବିକାଶପୁରୀରୁ ଉଠାଯାଇଥିବା ଅଳିଆକୁ କେଜ୍ରିୱାଲଙ୍କ ଘର ବାହାରେ ଫିଙ୍ଗିବାକୁ ଯାଇଥିଲେ। ଏଥିରେ ଅନ୍ୟ ମହିଳାମାନେ ମଧ ସ୍ୱାତୀ ମାଲିୱାଲଙ୍କୁ ସମର୍ଥନ କରିଥିଲେ। ଅଳିଆ ଉଠାଇବା ପୂର୍ବରୁ ସେ କହିଥିଲେ ଯେ, "କେଜ୍ରିୱାଲ ଦିଲ୍ଲୀକୁ ଅଳିଆ ରାଜଧାନୀ କରିଛନ୍ତି। ବିକାଶପୁରୀର ରାସ୍ତା ସଫା କରାଯିବ ଏବଂ ସମସ୍ତ ଅଳିଆ ଆବର୍ଜନା କେଜରିୱାଲଙ୍କ ଘରେ ପକାଯିବ। ଏହି ପ୍ରତିବାଦ କୌଣସି ଦଳ ବିରୋଧରେ ନୁହେଁ। ଆଜି ଦିଲ୍ଲୀର ଅବସ୍ଥା ବହୁତ ଖରାପ। ଦିଲ୍ଲୀର ପ୍ରତ୍ୟେକ କୋଣରେ ଅଳିଆ, ରାସ୍ତା ଭାଙ୍ଗିଯାଇଛି ଏବଂ ଡ୍ରେନ୍ ପାଣିରେ ବୁଡ଼ି ରହିଛି। ବିକାଶପୁରୀର ମହିଳାମାନେ ଅଭିଯୋଗ କରିଥିଲେ ଯେ ରାସ୍ତାରେ ଅଳିଆ ଗଦା ହୋଇଛି ଏବଂ ବିଧାୟକଙ୍କ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ, କେହି ଏହାକୁ ସଫା କରିବା ପାଇଁ କୌଣସି ପଦକ୍ଷେପ ନେଉ ନାହାଁନ୍ତି। ମୁଁ ଏଠାକାର ମହିଳାମାନଙ୍କ ଦ୍ୱାରା ଚାଲିଥିବା ସ୍ୱଚ୍ଛତା ଅଭିଯାନର ଏକ ଅଂଶ ହେବାକୁ ଆସିଛି। ଆମେ ଏହି ଅଳିଆକୁ ଅରବିନ୍ଦ କେଜରିୱାଲଙ୍କ ଘରକୁ ନେବୁ ଏବଂ ତାଙ୍କୁ ପଚାରିବୁ ଯେ ସେ ଦିଲ୍ଲୀର ପ୍ରତ୍ୟେକ ଅଞ୍ଚଳକୁ ଯେଉଁ ଅଳିଆ ଉପହାର ଦେଇଛନ୍ତି ତାହାର କ'ଣ କରିବେ। କେଜରିୱାଲ ଆଉ ସାଧାରଣ ଲୋକ ନୁହଁନ୍ତି। ତାଙ୍କର ଭୂମିଗତ ବାସ୍ତବତା ବିଷୟରେ କୌଣସି ଧାରଣା ନାହିଁ।"



## ନିର୍ମାଣାଧୀନ ଛାତରୁ ଖସିଲା ସ୍ଲାବ; ୨ ଶ୍ରମିକ ମୃତ

**ଲକ୍ଷ୍ନୌ, ୩୦।୧:** ମଧ୍ୟପ୍ରଦେଶରେ ଅଘଟଣ। ନିର୍ମାଣାଧୀନ ଛାତରୁ ଖସିଲା ସ୍ଲାବ। ଫଳରେ ୨ ଶ୍ରମିକ ମୃତ। ଏଥିସହ ୫୦ରୁ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ତେବେ ମଧ୍ୟପ୍ରଦେଶ ପନ୍ନା ଜିଲ୍ଲାର ସିମରିୟା ଥାନା ଅଞ୍ଚଳରେ ଥିବା ଏକ ସିମେଣ୍ଟ କାରଖାନାରେ ଏହି ଘଟଣା ଘଟିଥିବା ସୂଚନା ମିଳିଛି। ତେବେ ଘଟଣା ସମୟରେ ଶହ ଶହ ଶ୍ରମିକ କାମ କରୁଥିବା ଜଣାପଡ଼ିଛି। ବର୍ତ୍ତମାନ ଉଦ୍ଧାରକାର୍ଯ୍ୟ ଜାରି ରହିଛି।

ତେବେ ସୂଚନା ମୁତାବକ, ପନ୍ନାରେ ଥିବା ଜେକେ ସିମେଣ୍ଟ କାରଖାନାରେ ଗୁରୁବାର ଅର୍ଥାତ ଆଜି ସକାଳେ ଏହି ଘଟଣା ଘିଟିଛି। କାରଖାନାରେ ଛାତ କାମ ଚାଲିଥିବା ବେଳେ ସ୍ଲାବ ପଡ଼ୁଥିଲା। ଯେଉଁଥିରେ ଶହ ଶହ ଶ୍ରମିକ କାମ କରୁଥିଲେ। ହେଲେ ହଠାତ୍ ଯେଉଁଠାରେ ଶ୍ରମିକମାନେ କାମ କରୁଥିଲେ ସେଠାରେ ସ୍ଲାବ ସେମାନଙ୍କ ଉପରେ ପଡିଯାଇଥିଲା। ଫଳରେ ଶ୍ରମିକ ଏହା ତଳେ ଚାପି ହୋଇଯାଇଥିଲେ। କମ୍ପାନୀର ଶୁତ୍ର ଅନୁଯାୟୀ, ଦୁଇରୁ ଅଧିକ ଶ୍ରମିକଙ୍କର ମୃତ୍ୟୁ ହୋଇଛି। ଏଥିସହ ଅନେକ ଶ୍ରମିକ ଗୁରୁତର ଆହତ ମ୍ଧ୍ୟ ହୋଇଛନ୍ତି। ସେପଟେ ଘଟଣାର ଖବର ପାଇ ପୋଲିସ ଓ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ଆହତଙ୍କୁ ନିକଟରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେପଟେ ସୁରକ୍ଷା ଦୃଷ୍ଟିରୁ ଫ୍ୟାକ୍ଟ୍ରି ଭିତରକୁ ଯିବା ପାଇଁ ଅନୁମତି ଦିଆଯାଇନାହିଁ। ପୋଲିସ ଓ ପ୍ରଶାସନର ଟିମ୍ ଫସିଥିବା ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରୁଛନ୍ତି। ଏଥିସହ ଘଟଣାର ତଦନ୍ତ ଜାରି ରଖିଛି ପୋଲିସ।

## ଦୁଷ୍କର୍ମ ଅଭିଯୋଗରେ କଂଗ୍ରେସ ସାଂସଦଙ୍କୁ ଗିରଫ କଲା ପୁଲିସ

**ସୀତାପୁରୁ(ୟୁପି), ୩୦।୧:** ସୀତାପୁର ଲୋକସଭା ଆସନର କଂଗ୍ରେସ ସାଂସଦ ରାକେଶ ରାଠୋରଙ୍କୁ ଗିରଫ କଲା ପୁଲିସ। ସାମ୍ବାଦିକ ସମ୍ମିଳନୀ କରୁଥିବା ସମୟରେ ତାଙ୍କ ଘରୁ ପୁଲିସ ତାଙ୍କୁ ଗିରଫ କରିଛି। ଦୁଷ୍କର୍ମ ମାମଲାର ଅଭିଯୁକ୍ତ ରାକେଶ ରାଠୋରଙ୍କ ଆଗୁଆ ଜାମିନ ହାଇକୋର୍ଟ ଖାରଜ କରିବା ପରେ ସେ ଆଜି ଘରେ ଏକ ସାମ୍ବାଦିକ ସମ୍ମିଳନୀ କରୁଥିଲେ। ସାମ୍ବାଦିକ ସମ୍ମିଳନୀ ସମୟରେ ହିଁ ପୁଲିସ ଅଭିଯୁକ୍ତ ସାଂସଦଙ୍କୁ ହେପାଜତକୁ ନେଇଥିଲା ବୋଲି ଜଣାଯାଇଛି। ରାକେଶ ରାଠୋର



ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ। ହେଲେ ହାଇକୋର୍ଟ ଆବେଦନକୁ ଖାରଜ କରି ଆତ୍ମସମର୍ପଣ କରିବାକୁ ସ୍ପଷ୍ଟ ଭାବରେ କହିଥିଲେ। ଶୁଣାଣି ସମୟରେ ରାକେଶଙ୍କ ଓକିଲ କହିଥିଲେ ଯେ, ପୀଡ଼ିତାଙ୍କ ବୟାନ ମୁତାବକ ୪ବର୍ଷ ତଳେ ଦୁଷ୍କର୍ମ ହୋଇଥିଲା। ଏବେ ସେ ଏହାର ଅଭିଯୋଗ କରୁଛନ୍ତି। ଏସବୁ ମୋ ମହକିଲଙ୍କୁ ଫସାଇବାକୁ କରାଯାଉଛି। ସେ ନିର୍ଦ୍ଦୋଷ।

ଏହାର ଜବାବରେ ପୀଡ଼ିତାଙ୍କ ପକ୍ଷରୁ ହାଜର ହୋଇଥିବା ଓକିଲ କହିଥିଲେ ଯେ, କଂଗ୍ରେସ ସାଂସଦ ରାକେଶ ରାଠୋର ଜଣେ ଶକ୍ତିଶାଳୀ ନେତା। ତାଙ୍କ ଭୟରେ ମୋ ମହକିଲ ବିଳମ୍ବରେ ମାମଲା ରୁଜୁ କରିଥିଲେ। ଶୁଣାଣି ପରେ ହାଇକୋର୍ଟ ଆଗୁଆ ଜାମିନ ଆବେଦନ ଖାରଜ କରି ୨ସପ୍ତାହ ମଧ୍ୟରେ ରାକେଶଙ୍କୁ ଆତ୍ମସମର୍ପଣ କରିବାକୁ କହିଥିଲେ। ହେଲେ ସେ ଏଭଳି ନକରିବାରୁ ତାଙ୍କୁ ଗିରଫ କରାଯାଇଛି।

## ସହିଦ ଦିବସରେ ମହାତ୍ମାଙ୍କୁ ମନେପକାଇଲେ ରାଜନେତା

**ହାଇଦ୍ରାବାଦ, ୩୦।୧:** ଆଜି ଦେଶ ପାଳୁଛି ମହାତ୍ମା ଗାନ୍ଧୀଙ୍କ ୭୭ତମ ଶ୍ରାଦ୍ଧଦିବସ। ରାଷ୍ଟ୍ରପତିଙ୍କ ଠୁ ନେଇ ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଆଜି ଜାତିର ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି ଅବସରରେ ରାଜଘାଟରେ ସର୍ବଧର୍ମ ପ୍ରାର୍ଥନା ସଭାର ଆୟୋଜନ କରାଯାଇଛି। ରାଷ୍ଟ୍ରପତି

**ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ ଓ ରାହୁଲଙ୍କ ଶ୍ରଦ୍ଧାଞ୍ଜଳି**

ଦ୍ରୌପଦୀ ମୁର୍ମୁ ଏଥିରେ ସାମିଲ ହୋଇଛନ୍ତି। ଉପରାଷ୍ଟ୍ରପତି ଜଗଦୀପ ଧନଖର ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥିରେ ରାଜଘାଟରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜଘାଟ ପହଞ୍ଚି ବାପୁଙ୍କୁ ପୁଷ୍ପାଞ୍ଜଳି ଦେଇଛନ୍ତି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସମେତ ଅନେକ ରାଜନେତା ରାଜଘାଟରେ ମହାତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏହି ଅବସରରେ ଦେଶ ପାଇଁ ଗାନ୍ଧୀଙ୍କ ଯୋଗଦାନ ତଥା ସତ୍ୟ ଓ ଅହିଂସା ପ୍ରତି ତାଙ୍କ ପ୍ରତିବଦ୍ଧତାକୁ ମନେ ପକାଇଛନ୍ତି। ୩୦ ଜାନୁଆରୀ ୧୯୪୮ ମସିହାରେ ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରାଯାଇଥିଲା।

ପିଏମ ମୋଦି ଏକ୍ସରେ ଲେଖିଛନ୍ତି "ପୂଜ୍ୟ ବାପୁଙ୍କୁ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି। ତାଙ୍କ ଆଦର୍ଶ ଆମକୁ ଏକ ବିକଶିତ ଭାରତ ପାଇଁ ପ୍ରେରିତ କରୁଛି। ଆମ ଦେଶ ପାଇଁ ସହିଦ ହୋଇଥିବା ସମସ୍ତଙ୍କୁ ମୁଁ ଶ୍ରଦ୍ଧାଞ୍ଜଳି ଜ୍ଞାପନା କରୁଛି। ତାଙ୍କ ସେବା ଓ ବଳିଦାନକୁ ମୁଁ ମନେ ପକେଇବି"।



କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୋଷ୍ଟ କରିଛନ୍ତି ଯେ "ମହାତ୍ମା ଗାନ୍ଧୀ କେବଳ ଜଣେ ବ୍ୟକ୍ତି ନୁହେଁ ଭାରତର ଆତ୍ମା ଅଟନ୍ତି। ପ୍ରତି ଭାରତୀୟ ହୃଦୟରେ ସେ ଜୀବିତ ଅଛନ୍ତି। ସତ୍ୟ, ଅହିଂସା ଓ ନିଡରତା ଶକ୍ତି ବଡ ରୁ ବଡ ସାମ୍ରାଜ୍ୟର ଚେରକୁ ଦୋହଲାଇ ଦେଇପାରେ। ସମଗ୍ର ବିଶ୍ୱ ଗାନ୍ଧୀଙ୍କ ଏହି ଆଦର୍ଶରୁ ପ୍ରେରଣା ନେଇଥାଏ। ଜାତୀୟ ପିତା, ମହାତ୍ମା, ଆମର ବାପୁଙ୍କୁ ସହିଦ ଦିବସରେ ଶତଶତ ନମସ୍କାର"। ଗୃହମନ୍ତ୍ରୀ ଅମିତ ଶାହା ଏକ୍ସରେ ଲେଖିଛନ୍ତି ଯେ ମୁଁ ଦେଶ ପକ୍ଷରୁ ଗାନ୍ଧୀଙ୍କ ନିକଟରେ କୃତଜ୍ଞ। ଭାରତର ସ୍ୱାଧୀନତା ଆନ୍ଦୋଳନ ଅଗ୍ରଣୀ ଭୂମିକା ନେଇଥିବା ମହାତ୍ମା ଗାନ୍ଧୀଙ୍କୁ ତାଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଯିଏକି ସତ୍ୟ, ଅହିଂସା ଓ ଅନ୍ୟାୟ ବିରୋଧରେ ଲଢି ଭାରତୀୟ ମୂଲ୍ୟକୁ ଦୁନିଆରେ ଲୋକପ୍ରିୟ କରିଛନ୍ତି। ସେ ଆହୁରି କହିଛନ୍ତି ମହାତ୍ମା ଗାନ୍ଧୀ ଦେଶକୁ ଏକତା ସୂତ୍ରରେ ବାନ୍ଧି ସ୍ୱତନ୍ତ୍ରତା ଆନ୍ଦୋଳନକୁ ମଜବୁତ କରିଛନ୍ତି। ସ୍ୱଚ୍ଛତା, ଆତ୍ମନିର୍ଭରତା ଓ ଗ୍ରାମୀଣ ଭାରତକୁ ସଶକ୍ତିକରଣ ପ୍ରତି ତାଙ୍କ ବିଚାର ଦେଶବାସୀଙ୍କୁ ପ୍ରେରିତ କରିବ।

**ଚଣ୍ଡିଗଡ଼ ମେୟର ନିର୍ବାଚନ**
## ବିଜେପିର ହରପ୍ରୀତ କୌର ବିଜୟୀ

**ଚଣ୍ଡିଗଡ଼, ୩୦।୧:** ଚଣ୍ଡିଗଡ଼ ମେୟର ନିର୍ବାଚନରେ ଏଥର ବାଜି ମାରିନେଇଛି ବିଜେପି। ବିଜେପି ପ୍ରାର୍ଥୀ ହରପ୍ରୀତ କୌର ମୋଟ ୧୯ ଖଣ୍ଡ ଭୋଟ୍ ପାଇଛନ୍ତି। ଆମ୍ ଆଦମୀ ପାର୍ଟିର ମେୟର ପ୍ରାର୍ଥୀ ପ୍ରେମଲତାଙ୍କ ସପକ୍ଷରେ ୧୭ ଖଣ୍ଡ ଭୋଟ୍ ପଡ଼ିଛି। ତିନିଜଣ କାଉନସିଲର ବିଜେପି ସପକ୍ଷରେ କ୍ରସ୍ ଭୋଟିଂ କରିଥିଲେ। ଆମ୍ ଆଦମୀ ପାର୍ଟି ଏବଂ କଂଗ୍ରେସ ମେଣ୍ଟ କ୍ରସ-ଭୋଟିଂକୁ ରୋକିବା, ପ୍ରତ୍ୟେକ ଭୋଟ୍ ବଞ୍ଚାଇବା ପାଇଁ ନିଜର ସମସ୍ତ କାଉନସିଲରଙ୍କୁ ରିସୋର୍ଟରେ ରଖିଥିଲେ। ଆମ୍ ଆଦମୀ ପାର୍ଟି କାଉନସିଲରମାନେ ପଞ୍ଜାବ ପୋଲିସର ତତ୍ତ୍ୱାବଧାନରେ ଥିବାବେଳେ କଂଗ୍ରେସ କାଉନସିଲରମାନଙ୍କୁ ଦଳର ନେତାମାନେ ହିଁ ନଜର ରଖିଥିଲେ। କିନ୍ତୁ ଏହି ଉପାୟ କାମ କରି ନ ଥିଲା। ଏଥର ଗୁପ୍ତ ମତଦାନ ପ୍ରଣାଳୀ ଜରିଆରେ ଭୋଟିଂ ହୋଇଥିଲା। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ସ୍ୱାଧୀନ ପର୍ଯ୍ୟବେକ୍ଷକ ତଥା ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ପୂର୍ବତନ ବିଚାରପତି ଜଷ୍ଟିସ୍ ଜୟଶ୍ରୀ ଠାକୁରଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ପ୍ରକ୍ରିୟାର ଭିଡିଓଗ୍ରାଫି କରିବାକୁ ମଧ୍ୟ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମେୟର ପଦବୀ ପାଇଁ ଚଣ୍ଡିଗଡ଼ ମ୍ୟୁନିସିପାଲ କର୍ପୋରେସନର ସଭାଗୃହରେ ସକାଳ ୧୧ଟା ୨୦ରେ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇ ୧୨ଟା ୧୯ରେ ଶେଷ ହୋଇଥିଲା। ଚଣ୍ଡିଗଡ଼ ସାଂସଦ ମନୀଷ ତିୱାରୀ ମେୟର ନିର୍ବାଚନରେ ପ୍ରଥମ ଭୋଟ୍ ଦେଇଥିଲେ ଏବଂ ଏହା ପରେ କାଉନସିଲରମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ଭୋଟିଂର ପ୍ରାରମ୍ଭିକ ଘଣ୍ଟା ମଧ୍ୟରେ ବାଲାଟ୍ ପେପରକୁ ନେଇ ବିବାଦ ମଧ୍ୟ ଉପୁଜିଥିଲା।



# ଭାଙ୍ଗିଲା ପରମ୍ପରା, ଶ୍ରଦ୍ଧାଳୁଙ୍କୁ ପ୍ରଥମେ ସ୍ନାନ ସୁଯୋଗ

**ପ୍ରୟାଗରାଜ,୩୦।୧:** ପବିତ୍ର ମୌନି ଅମାବାସ୍ୟାରେ ମହାକୁମ୍ଭ ୨୦୨୫ର ଦ୍ୱିତୀୟ ଅମୃତ ସ୍ନାନ ଆଜି ଅନୁଷ୍ଠିତ ହୋଇଛି। ପ୍ରୟାଗରାଜର ଶାଶ୍ୱତ ଓ ପବିତ୍ର ତ୍ରିବେଣୀ ସଂଗମରେ କୋଟି କୋଟି ଶ୍ରଦ୍ଧାଳୁ ଦ୍ୱିତୀୟ ଅମୃତ ସ୍ନାନ କରିଛନ୍ତି। ମହାକୁମ୍ଭ କେବଳ ଆସ୍ଥା, ବିଶ୍ୱାସ ଓ ଭକ୍ତିର ପ୍ରତୀକ ନୁହେଁ, ଏହା ମଧ ହେଉଛି ଏକତା, ସମାନତା ଓ ସାଂସ୍କୃତିକ ବିବିଧତାର ଅନନ୍ୟ ଉଦାହରଣ। ଭାରତୀୟଙ୍କ ସହିତ ବହୁ ବିଦେଶୀ ଶ୍ରଦ୍ଧାଳୁ ମଧ ତ୍ରିବେଣୀ ସଂଗମରେ ପବିତ୍ର ବୁଡ଼ ପକାଇଛନ୍ତି ଓ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଦେଖିଛନ୍ତି।

ସବୁବେଳେ ସାଧୁ, ନାଗା ସନ୍ୟାସୀ ଓ ଆଖଡ଼ାଗୁଡ଼ିକ ସଂଗମରେ ପ୍ରଥମେ ବୁଡ଼ ପକାଉଥିବା ବେଳେ ଏଥର ସେମାନେ ସେହି ପରମ୍ପରାକୁ ଭାଙ୍ଗିଥିଲେ। ପରିସ୍ଥିତିକୁ ଦେଖି ଆଖଡ଼ାଗୁଡ଼ିକ ବ୍ରହ୍ମ ମୁହୂର୍ତ୍ତ ସ୍ନାନକୁ ଘୁଞ୍ଚାଇ ଦେଇଥିଲେ ଏବଂ ଅନ୍ୟ ଶ୍ରଦ୍ଧାଳୁଙ୍କୁ ପ୍ରଥମେ ବୁଡ଼ ପକାଇବାକୁ ଦେଇଥିଲେ। ଅଖିଳ ଭାରତୀୟ ଆଖଡ଼ା ପରିଷଦର ସଭାପତି ମହନ୍ତ ରବୀନ୍ଦ୍ର ପୁରୀ କହିଛନ୍ତି, ପରିସ୍ଥିତିକୁ ଦେଖି ପ୍ରଥମେ ଅନ୍ୟ ଭକ୍ତମାନଙ୍କୁ ଅମୃତ ସ୍ନାନର ବୁଡ଼ ପକାଇବାର ଅନୁମତି ଦେବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ସ୍ଥିତି ସ୍ୱାଭାବିକ ହେବା ପରେ ପ୍ରତୀକାତ୍ମକ ଭାବେ ଆଖଡ଼ାଗୁଡ଼ିକ ନିଜ ନିଜର ମହା ଅମୃତ ସ୍ନାନ ପରମ୍ପରା ପାଳନ କରିଥିଲେ। ଭାରତର ତିନିଟି ପୀଠର ଶଙ୍କରାଚାର୍ଯ୍ୟ ଦ୍ୱିତୀୟ ଅମୃତ ସ୍ନାନ ଅବସରରେ ତ୍ରିବେଣୀ ସଂଗମରେ ପବିତ୍ର ବୁଡ଼ ପକାଇଛନ୍ତି। ଧୈର୍ଯ୍ୟ ଧରିବା ପାଇଁ ଶ୍ରଦ୍ଧାଳୁମାନଙ୍କୁ କହିଥିଲେ ଶଙ୍କରାଚାର୍ଯ୍ୟମାନେ। ଶ୍ରୀଙ୍ଗେରି ସାରଦା ପୀଠର ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ବିଧୁ ଶେଖର ଭାରତୀ ଜୀ, ଦ୍ୱାରକା ସାରଦା ପୀଠର ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଜୀ ଓ ଜ୍ୟୋତିଷ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ଜୀ ଆଜି ତ୍ରିବେଣୀ ସଂଗମରେ ପବିତ୍ର ବୁଡ଼ ପକାଇଛନ୍ତି। ସଂପୂର୍ଣ୍ଣ ଧାର୍ମିକ ରୀତିନୀତିରେ ଶଙ୍କରାଚାର୍ଯ୍ୟମାନେ ବୁଡ଼ ପକାଇବା ସହିତ ଦେଶର କଲ୍ୟାଣ ପାଇଁ ଆଶୀର୍ବାଦ ଦେଇଛନ୍ତି। ସୁରୁଖୁରୁରେ ଅମୃତ ସ୍ନାନ ସମ୍ପନ୍ନ କରିବା ପାଇଁ କୁମ୍ଭମେଳା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୂରା ମେଳାରେ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଉଭୟ ରାଜ୍ୟ ପୁଲିସ ଓ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ମୁତୟନ

- ମହାକୁମ୍ଭରେ ଦ୍ୱିତୀୟ ଅମୃତ ସ୍ନାନ: ବୁଡ଼ ପକାଇଲେ କୋଟି କୋଟି ଶ୍ରଦ୍ଧାଳୁ
- ଅମୃତ ସ୍ନାନ ବେଳେ ସଂଗମରେ ପ୍ରଥମ ବୁଡ଼ ପକାଇବାର ପରମ୍ପରାକୁ ଭାଙ୍ଗିଲେ ଆଖଡ଼ା
- ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଅସାଧାରଣ ଝଲକ ଦେଖିଲେ ବିଦେଶୀ

କରାଯାଇଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ପ୍ରଶାସନ ସବୁ ପ୍ରକାର ପଦକ୍ଷେପ ନେଇଛି। ଏହା ସହିତ ନଦୀର ସ୍ୱଚ୍ଛତା ବଜାୟ ରଖିବା ପାଇଁ ଘାଟଗୁଡ଼ିକରେ ମୁତୟନ ହୋଇଛନ୍ତି ଗଙ୍ଗା ସେବା ଦୂତ। ନଦୀରେ ଫୁଲ ଓ ଅନ୍ୟ ସାମଗ୍ରୀ ପଡ଼ିବା ମାତ୍ରେ ସେସବୁକୁ ଉଠାଇ ଆଣନ୍ତି ଗଙ୍ଗା ସେବା ଦୂତମାନେ। ଏହା ଦ୍ୱାରା ଗଙ୍ଗା ଓ ଯମୁନା ନଦୀ ପରିଷ୍କାର ରହୁଛି। ମହାକୁମ୍ଭ ୨୦୨୫କୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ମେଳା ପ୍ରଶାସନ ସହ ସ୍ଥାନୀୟ ପ୍ରଶାସନ, ପୁଲିସ, ସଫେଇ କର୍ମଚାରୀ, ସ୍ୱେଚ୍ଛାସେବୀ, ଡଙ୍ଗା ଚାଳକ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର କର୍ମଚାରୀ ଦିନ ରାତି କାମ କରୁଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଭାରତର ସାଂସ୍କୃତିକ ଐତିହ୍ୟର ପ୍ରଚାର କରିବାରେ ସଫଳ ହୋଇଛି ମହାକୁମ୍ଭ ୨୦୨୫। ଏହାକୁ ସଫଳ ଓ ସୁରକ୍ଷିତ କରିବା ପାଇଁ ମହାକୁମ୍ଭ ପ୍ରଶାସନ ସବୁ ପ୍ରକାର ବ୍ୟବସ୍ଥା କରିଛି। ମହାକୁମ୍ଭର ଲୋକପ୍ରିୟତା ଓ ଏହାର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ଦରବାରରେ ପରିଚିତି ମିଳିଛି। ମହାକୁମ୍ଭକୁ ଆସିଥିବା ବିଦେଶୀମାନେ ଭାରତୀୟ ସଂସ୍କୃତିରେ ବହୁତ ପ୍ରଭାବିତ ହୋଇଛନ୍ତି। ଗଙ୍ଗା ନଦୀରେ ପବିତ୍ର ସ୍ନାନ କରିବା ସହିତ ସେମାନେ ଭାରତର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାକୁ ମଧ ଅନୁଭବ କରିଛନ୍ତି। ମହାକୁମ୍ଭ ୨୦୨୫ ହେଉଛି ଆସ୍ଥା, ଏକତା ଓ ବିବିଧତାର ଏକ ପ୍ରତୀକ। ଏହା କେବଳ ଭାରତକୁ ପରିଚିତି ଦେଉ ନାହିଁ, ବରଂ ଏହା ଭାରତୀୟ ସଂସ୍କୃତିର ମହାନତାକୁ ସାରା ବିଶ୍ୱରେ ପ୍ରସାରିତ କରୁଛି। ଏହି ମହାକୁମ୍ଭ ମେଳା କେବଳ ଧାର୍ମିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଏହା ହେଉଛି ସାମାଜିକ ଓ ସାଂସ୍କୃତିକ ଏକତାର ପ୍ରତୀକ।

## ୩୮ତମ ଜାତୀୟ କ୍ରୀଡ଼ା

# ଓଡ଼ିଶାକୁ ସୃଷ୍ଟି ଦେଲେ ପ୍ରଥମ ପଦକ

**ଭୁବନେଶ୍ୱର, ୩୦।୧:** ଉତ୍ତରାଖଣ୍ଡର ଡେରାଡୁନଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୩୮ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶାକୁ ସନ୍ତରଣ ପୁଲ୍‌ରୁ ପ୍ରଥମ ପଦକ ମିଳିଛି। ମହିଳା ୧୦୦ ମିଟର ବଟର ଫ୍ଲାଏରେ ସୃଷ୍ଟି ଉପାଧ୍ୟାୟ କାଂସ୍ୟ ପଦକ ଜିତି ରାଜ୍ୟବାସୀଙ୍କୁ ଏହି ପଦକ ଉପହାର ଦେଇଛନ୍ତି। ଏହି ଇଭେଣ୍ଟ୍‌ରେ ପ୍ରତିନିଧିତ୍ୱ କରିଥିବା ଅନ୍ୟତମ ଓଡ଼ିଆ ଖେଳାଳି ଦିବ୍ୟଙ୍କା ପ୍ରଧାନ ତ୍ରୟୋଦଶ ସ୍ଥାନରେ ରହିଥିଲେ। ସୃଷ୍ଟି ୧:୦୫.୮୨ ସେକେଣ୍ଡ୍ ସମୟ ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ କର୍ଣ୍ଣାଟକର ଧିନିଧି ଦେସିଙ୍ଗୁ (୧:୦୫.୪୦) ସ୍ୱର୍ଣ୍ଣ ଏବଂ ପଶ୍ଚିମବଙ୍ଗର ସ୍ନିଗ୍ଧା ଘୋଷ (୧:୦୫.୭୭) ରୌପ୍ୟ ପଦକ ପାଇଥିଲେ। ୪ଗୁଣା ୧୦୦ ମିଟର ଫ୍ରିଷ୍ଟାଇଲ୍ ରିଲେରେ ମଧ ଓଡ଼ିଶା ଦଳ ଫାଇନାଲ୍‌କୁ ଉନ୍ନୀତ ହୋଇଛି। ଏଣୁ ଏଥିରୁ ଆଉ ଏକ ପଦକ ମିଳିବାର ଆଶା ଉଜ୍ଜୀବିତ ରହିଛି। ସେହିଭଳି ଓଡ଼ିଶା ପୁରୁଷ ଖୋ ଖୋ ଦଳ ପଡ଼ୋଶୀ ପଶ୍ଚିମବଙ୍ଗକୁ ଏବଂ ମହିଳା ଦଳ ଗୁଜରାଟକୁ ହରାଇ ଆତ୍ମବିଶ୍ୱାସର ସହ ନିଜନିଜ ଅଭିଯାନ ଆରମ୍ଭ



### ଖୋ ଖୋ, ରଗ୍‌ବି ଓ ଫୁଟ୍‌ବଲ୍ ଦଳର ବିଜୟ ଅଭିଯାନ

କରିଛନ୍ତି। ସେହିଭଳି ଫୁଟବଲ୍ ଦଳ ୨-୧ ଗୋଲ୍‌ରେ ହରିୟାଣାକୁ ପରାସ୍ତ କରିଛି। ରଗ୍‌ବିରେ ଉଭୟ ପୁରୁଷ ଓ ମହିଳା ଦଳ ଯୁଗଳ ବିଜୟ ସହ ପଦକ ବିଜୟ ଆଡ଼କୁ ଅଗ୍ରସର ହୋଇଛନ୍ତି।

ଓଡ଼ିଶା ମହିଳା ଦଳ ତାର ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଉତ୍ତରାଖଣ୍ଡକୁ ୫୭-୦ ଏବଂ ଦ୍ୱିତୀୟରେ ଦିଲ୍ଲୀକୁ ୨୯-୫ରେ ହରାଇଥିଲା। ପୁରୁଷ ଦଳ ପ୍ରଥମରେ ବିହାରକୁ ୨୯-୦, ଦ୍ୱିତୀୟରେ ଦିଲ୍ଲୀକୁ ୧୦-୫ରେ ପରାସ୍ତ କରିଥିଲା। ସୂଚନାଯୋଗ୍ୟ ଯେ ଏହି କ୍ରୀଡ଼ା ମହୋତ୍ସବରେ ଓଡ଼ିଶାର ୩୦୨ଜଣ ଖେଳାଳି ୨୬ ଖେଳରେ ଅଂଶଗ୍ରହଣ କରିବେ। ସେଥିମଧ୍ୟରୁ କିଟ୍ ଓ କିସ୍‌ର ୬୧ଜଣ ଖେଳାଳି ରହିଛନ୍ତି। ଓଡ଼ିଶାର ଏହି ବିଶାଳ ଦଳରେ ୧୬୫ଜଣ ପୁରୁଷ ଓ ୧୩୭ଜଣ ମହିଳା ଖେଳାଳି ଥିଲା ବେଳେ ୭୩ଜଣ ହେଉଛନ୍ତି ପ୍ରଶିକ୍ଷକ, ପ୍ରବନ୍ଧକ ଓ ଫିଜିଓଙ୍କ ଭଳି ସପୋର୍ଟ ଷ୍ଟାଫ୍।

# ସେମିରେ ମୁହାଁମୁହିଁ ହେବେ ସୁରମା-ତୁଫାନ୍ସ ଓ ଟାଇଗର୍ସ-ଡ୍ରାଗନ୍ସ



### ହକି ଇଣ୍ଡିଆ ଲିଗ୍

**ରାଉରକେଲା,୩୦।୧(ସଂଚାର ବ୍ୟୁରୋ):** ପୁରୁଷ ଏଚଆଇଏଲ୍‌ର ଲିଗ୍ ପର୍ଯ୍ୟାୟ ଖେଳ ଶେଷ। ପଏଣ୍ଟ ଟେବୁଲର ଟପ୍ ଫୋର୍‌ରେ ଥବା ୪ ଦଳ ସେମିଫାଇନାଲ ପାଇଁ ଉନ୍ନୀତ ହୋଇଛନ୍ତି। ସେମାନେ ହେଲେ ବେଙ୍ଗଲ ଟାଇଗର୍ସ, ସୁରମା ହକି କ୍ଲବ୍, ହାଇଦ୍ରାବାଦ ତୁଫାନ୍ ଏବଂ ତାମିଲନାଡୁ ଡ୍ରାଗନ୍ସ। ଜାନୁଆରୀ ୩୧ ତାରିଖ ଅର୍ଥାତ୍ ଆସନ୍ତାକାଲି ଏହି ୪ ଟିମ୍ ମଧ୍ୟରେ ସେମିଫାଇନାଲ୍ ମୁକାବିଲା ଖେଳାଯିବ। ପ୍ରଥମ ମ୍ୟାଚ୍ ବେଙ୍ଗଲ ଟାଇଗର୍ସ ଏବଂ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ସଂଧ୍ୟା ୬ଟାରେ ଖେଳାଯିବ। ସେହିପରି ଦ୍ୱିତୀୟ ମ୍ୟାଚ୍ ସଂଧ୍ୟା ୮ଟାରେ ସୁରମା ହକି କ୍ଲବ୍ ଏବଂ ହାଇଦ୍ରାବାଦ ତୁଫାନ ମଧ୍ୟରେ ଖେଳାଯିବ। ଦୁଇ ବିଜୟୀ ଟିମ୍ ହକି ଇଣ୍ଡିଆ ଫାଇନାଲ ମ୍ୟାଚରେ ମୁହାଁମୁହିଁ ହେବେ। ବୁଧବାର ଲିଗ୍ ରାଉଣ୍ଡର ୨ଟି ମ୍ୟାଚ୍ ଖେଳାଯାଇଥିଲା। ସୁରମା ୧-୧ (୩-୦)ରେ ବେଙ୍ଗଲ ଟାଇଗର୍ସକୁ ଏବଂ ୟୁପି ରୁଦ୍ରସ ୨-୨ (୩-୨) ଗୋଲରେ ତାମିଲନାଡୁ ଡ୍ରାଗନ୍ସକୁ ପରାଜିତ କରିଥିଲେ। ଉଭୟ ମ୍ୟାଚ୍ ବେଶ୍ ଚିତାକର୍ଷକ ଥିଲା ଏବଂ ସୁଟଆଉଟରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା। ବେଙ୍ଗଲ ଟାଇଗର୍ସ ୧୦ଟି ମ୍ୟାଚ୍‌ରୁ ସର୍ବାଧିକ ୧୯ ପଏଣ୍ଟ ସହ ଟେବୁଲରେ ପ୍ରଥମ, ସୁରମା ସମାନ ପଏଣ୍ଟ ସହ ଦ୍ୱିତୀୟ, ୧୮ ପଏଣ୍ଟ ସହ ହାଇଦ୍ରାବାଦ ତୁଫାନ୍ସ ତୃତୀୟ ଏବଂ ସେହି ୧୮ ପାଏଣ୍ଟ ପାଇ ଡ୍ରାଗନ୍ସ ଚତୁର୍ଥ ସ୍ଥାନରେ ରହିଛନ୍ତି।

ସେପଟେ ବେଦାନ୍ତ କଳିଙ୍ଗ ଲାନସର୍ସ ଏବଂ ଟିମ୍ ଗୋନାଶିକା ନୈରାଶ୍ୟଜନକ ପ୍ରଦର୍ଶନ କରି ସେମି ଫାଇନାଲ ଦୌଡ଼ରୁ ବାଦ ପଡ଼ିଥିଲେ। ଲାନସର୍ସ ୧୦ଟି ମ୍ୟାଚ୍‌ରୁ ୩ଟି ବିଜୟ ଓ ୧ ସୁଟଆଉଟ୍ ବିଜୟ ସହ ମୋଟ୍ ୧୨ ପଏଣ୍ଟ ପାଇଥିଲା। ସେହିପରି ଟିମ୍ ଗୋନାଶିକା ମଧ୍ୟ ସମାନ ପଏଣ୍ଟ ପାଇଥିଲା। ୟୁପି ରୁଦ୍ରସ ୧୭ ପଏଣ୍ଟ ସହ ଟେବୁଲରେ ପଞ୍ଚମ, କଳିଙ୍ଗ ଲାନସର୍ସ ଷଷ୍ଠ, ଗୋନାଶିକା ସପ୍ତମ ଏବଂ ଦିଲ୍ଲୀ ଏସ୍‌ଜି ପାଇପର୍ସ ଅଷ୍ଟମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି।

## କୋହଲିଙ୍କୁ ଦେଖିବା ପାଇଁ ଷ୍ଟାଡିୟମରେ ପଶିବା ବେଳେ ମାରପିଟ, ୩ ଆହତ

**ନୂଆଦିଲ୍ଲୀ:** ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟର ବିରାଟ କୋହଲି ଖେଳିବେ ରଣଜୀ ଟ୍ରଫି । ଆଜି ଦିଲ୍ଲୀ ଏବଂ ରେଲୱେ ମଧ୍ୟରେ ମ୍ୟାଚ ଖେଳାଯିବ। ଦୀର୍ଘ ୧୨ ବର୍ଷର ବ୍ୟବଧାନ ପରେ ବିରାଟ ଫେରିଥିବାରୁ ତାଙ୍କୁ ଦେଖିବାକୁ ଅଗଣତି ଲୋକଭିଡ଼ ଜମିଛି। ନୂଆଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମ ବାହାରେ ବିରାଟଙ୍କୁ ଦେଖିବା ପାଇଁ ପ୍ରବଳ ଭିଡ଼ ସହ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଶଂସକମାନେ ସେମାନଙ୍କର ପ୍ରିୟ ତାରକାଙ୍କୁ ଦେଖିବା ପାଇଁ ଉତ୍ସାହିତ ଥିଲେ ଏବଂ ବହୁ ସଂଖ୍ୟାରେ ସେ ସ୍ଥାନକୁ ଆସିଥିଲେ। କିନ୍ତୁ ପ୍ରବଳ ଲୋକ ଭିଡ଼ ହେତୁ ପ୍ରଶଂସକମାନେ ଆହତ ହେବା ସହିତ ସ୍ଥାନ ବାହାରେ ପରିସ୍ଥିତି ବିଶୃଙ୍ଖଳିତ ହୋଇଯାଇଛି। ଗେଟ୍ ୧୬ ବାହାରେ ଏଭଳି ପରିସ୍ଥିତି ଉପୁଜିଥିବା ସୂଚନା ରହିଛି। ଫାଟକ ପାଖରେ କିଛି ପ୍ରଶଂସକ ଆହତ ହୋଇ ତଳ ପଡ଼ି ଯାଇଛନ୍ତି। ଏକ ପୁଲିସ ବାଇକ୍ ଏହି ଭିଡ଼ ଭିତରେ କ୍ଷତିଗ୍ରସ୍ତ ହୋଇଛି ଏବଂ ଅନେକ ସେମାନଙ୍କ ଜୋତା ପଛରେ ଛାଡ଼ି ଆଗକୁ ମାଡ଼ି ଯାଇଥିଲେ। ଏହି ବିଶୃଙ୍ଖଳାରେ ଅତି କମରେ ତିନି ଜଣ ଆହତ ହୋଇଥିବା ସୂଚନା ରହିଛି। ଆହତ ପ୍ରଶଂସକମାନଙ୍କୁ ଡିଡିସିଏ ସୁରକ୍ଷା ଏବଂ ପୁଲିସ ଫାଟକ ନିକଟରେ ଚିକିତ୍ସା କରିଥିଲେ। ଜଣେ ପ୍ରଶଂସକଙ୍କ ଗୋଡରେ ବ୍ୟାଣ୍ଡେଜ୍ ପକାଯାଇଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିବା ସମୟରେ ଜଣେ ସୁରକ୍ଷା କର୍ମୀ ମଧ ଆହତ ହୋଇଛନ୍ତି।



## ୧୦,୦୦୦ ଟେଷ୍ଟ୍ ରନ୍ କ୍ଲବ୍‌ରେ ସ୍ମିଥ୍




**ଗାଲେ, ୩୦।୧:** ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ତଥା ବିଶ୍ୱ କ୍ରିକେଟର୍ ଅନ୍ୟତମ ମହାନ ବ୍ୟାଟର୍ ଷ୍ଟିଭେନ୍ ସ୍ମିଥ୍ ବୁଧବାର ନିଜ ଖେଳ ଜୀବନର ଏକ ବଡ଼ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ବର୍ଡର-ଗାଭାସ୍କର ଟ୍ରଫି ଶେଷରେ ୯୯୯୯ ରନ୍‌ରେ ଅଟକିଯାଇଥିବା ସ୍ମିଥ୍ ବୁଧବାର ୧୦,୦୦୦ ଟେଷ୍ଟ୍ ରନ୍ ପୂର୍ଣ୍ଣ କରିଛନ୍ତି। ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ୍‌ର ପ୍ରଥମ ଦିନ ହିଁ ୩୫ ବର୍ଷୀୟ ସ୍ମିଥ୍ ଏହି ବିରଳ କ୍ଲବ୍‌ର ସଦସ୍ୟ ହୋଇଯାଇଛନ୍ତି। ଅଷ୍ଟ୍ରେଲିଆ ପାଳିର ୩୧ତମ ଓଭରରେ ଅଫସ୍ପିନର୍ ପ୍ରବଥ ଜୟସୁରିୟାଙ୍କୁ ମିଡ୍ ଅନ୍‌କୁ ଖେଳି ଏକ ରନ୍ ସହ ସେ ୧୦,୦୦୦ ରନ୍ ପୂର୍ଣ୍ଣ କରିଥିଲେ। ଏହି ଗୌରବ ଅର୍ଜନରେ ସ୍ମିଥ୍ ଅଷ୍ଟ୍ରେଲିଆର ଚତୁର୍ଥ ଓ ବିଶ୍ୱର ୧୫ତମ ଖେଳାଳି ହୋଇଛନ୍ତି। ଭାରତୀୟ କିଂବଦନ୍ତି ସୁନିଲ ଗାଭାସ୍କର ଏହି କ୍ଲବ୍‌ର ପ୍ରଥମ ସଦସ୍ୟ ଥିଲେ। ପୂର୍ବରୁ ଅଷ୍ଟ୍ରେଲିଆ ପାଇଁ ଆଲାନ୍ ବର୍ଡର, ଷ୍ଟିଭ୍ ସ୍ମିଥ୍, ରିକି ପଣ୍ଟିଂ ଏହି କ୍ଲବ୍‌ର ସଦସ୍ୟ ଅଛନ୍ତି। ସ୍ମିଥ୍ ନିଜ ୧୧୫ତମ ଟେଷ୍ଟରେ ଏହି ମାଇଲଖୁଣ୍ଟ ଛୁଇଁବା ସହ ସହ ଶତକୀୟ ପାଳି ଖେଳି ଏହାକୁ ଅଧିକ ମଧୁର କରିଛନ୍ତି।

## ଆଇସିସି ସିଇଓ ଆଲାର୍ଡିସ୍‌ଙ୍କ ଇସ୍ତଫା



**ଦୁବାଇ, ୩୦।୧:** ଆଇସିସି ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହେବାକୁ ମାତ୍ର ଆଉ ୩ ସପ୍ତାହ ଥିବାବେଳେ ଆଇସିସିର ସିଇଓ (ମୁଖ୍ୟ କାର୍ଯ୍ୟନିର୍ବାହୀ) ଜେଫ୍ ଆଲାର୍ଡିସ୍ ଇସ୍ତଫା ପ୍ରଦାନ କରିବା ହଟଚମଟ ସୃଷ୍ଟି କରିଛି। ଆଇସିସି ଚାମ୍ପିଅନ୍ସ ଟ୍ରଫି ପ୍ରସ୍ତୁତିରେ ସ୍ପଷ୍ଟ ଚିତ୍ର ଦେବାରେ ବିଫଳ ହୋଇଥିବାରୁ ଆଲାର୍ଡିସ୍ ଇସ୍ତଫା ଦେବାର ଅନ୍ୟତମ କାରଣ ବୋଲି ବିଶ୍ୱାସ କରାଯାଉଛି। ୫୭ ବର୍ଷୀୟ ଆଲାର୍ଡିସ୍ ୨୦୧୨ରେ ଆଇସିସିରେ ଜେନେରାଲ୍ ମ୍ୟାନେଜର ଅଫ୍ କ୍ରିକେଟ୍ ଭାବେ ଯୋଗ ଦେଇଥିଲେ। କାମଚଳା ସିଇଓ ଭାବେ ୮ ମାସ ଦାୟିତ୍ୱ ନେବା ପରେ ୨୦୨୧ ନଭେମ୍ବରରେ ସିଇଓ ନିଯୁକ୍ତ ହୋଇଥିଲେ।

ଆଲାର୍ଡିସ୍ କିନ୍ତୁ ଇସ୍ତଫାର କୌଣସି କାରଣ ଦର୍ଶାଇନାହାନ୍ତି। 'ଏହା ଇସ୍ତଫା ଦେବାର ଠିକଣା ସମୟ ଏବଂ ନୂଆ ଆହ୍ୱାନକୁ ଗ୍ରହଣ କରିବାର ବେଳ' ବୋଲି ଆଲାର୍ଡିସ୍ ପ୍ରକାଶ କରିଛନ୍ତି। ପାକିସ୍ତାନର ଆଇସିସି ଚାମ୍ପିଅନ୍ସ ଟ୍ରଫି ପ୍ରସ୍ତୁତି ବହୁ ପଛରେ ପଡ଼ିବା ଏବଂ ଗତ ଆଇସିସି ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଫ୍ଲପ୍ ହେବାକୁ ଦୁଇ ପ୍ରମୁଖ କାରଣ କୁହାଯାଉଛି। ଆଲାର୍ଡିସ୍‌ଙ୍କ ଅବଦାନକୁ ସ୍ୱୀକାର କରି ଆଇସିସି ଅଧକ୍ଷ ଜୟ ସାହା ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ଦୀର୍ଘ ୮ ବର୍ଷ ପରେ ଫେବୃଆରି ୧୯ ତାରିଖରୁ ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହେବାକୁ ଥିବାବେଳେ ପାକିସ୍ତାନର ଦୁଇ ପ୍ରମୁଖ ଷ୍ଟାଡିୟମ୍ କରାଚୀ ଓ ରାୱଲପିଣ୍ଡିର ପୁନଃରୁଦ୍ଧାର କାର୍ଯ୍ୟ ଶେଷ ହୋଇପାରିନାହିଁ।

### ୧୯ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍

## ଭାରତ-ଇଂଲଣ୍ଡ, ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ସେମି ଟକ୍କର



**ଦୁବାଇ, ୩୦।୧:** କୁଆଲାଲମ୍ପୁର ଠାରେ ଚାଲିଥିବା ଆଇସିସି ୧୯ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ସେମି ଫାଇନାଲ୍ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି।ପ୍ରଥମ ସେମି ଫାଇନାଲ୍‌ରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ।ସେହିପରି ଭାରତ ଓ ଇଂଲଣ୍ଡ ମଧରେ ଦ୍ୱିତୀୟ ସେମି ଫାଇନାଲ୍ ଖେଳାଯିବ।ଗ୍ରୁପ୍ ଏ'ରେ ଭାରତ ସମସ୍ତ ୪ଟି ଯାକ ଲିଗ ମ୍ୟାଚ୍ ଜିତି ୮ ପଏଣ୍ଟ ଅର୍ଜନ କରିଥିଲା।ଅଷ୍ଟ୍ରେଲିଆ ୩ଟି ବିଜୟ ସହ ୬ ପଏଣ୍ଟ ହାତେଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଗ୍ରୁପ୍-ବି'ରେ ଦକ୍ଷିଣ ଆଫ୍ରିକା ୩ଟି ମ୍ୟାଚ ଜିତିଥିବାବେଳେ ଗୋଟିଏ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା।୭ ପଏଣ୍ଟ ସହ ଦକ୍ଷିଣ ଆଫ୍ରିକା ଏହି ଗ୍ରୁପ୍‌ର ଶୀର୍ଷ ସ୍ଥାନ ଦଖଲ କରିଥିଲା। ୬ପଏଣ୍ଟ ସହ ଇଂଲଣ୍ଡ ଦ୍ୱିତୀୟ ସ୍ଥାନରେ ରହିଥିଲା।ବୁଧବାର ଅନୁଷ୍ଠିତ ଅନ୍ତିମ ଲିଗ ମ୍ୟାଚ୍ ଦ୍ୱୟରେ ଯଥାକ୍ରମେ ଶ୍ରୀଲଙ୍କା ଦଳ ୧୨ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିବାବେଳେ ନାଇଜେରିଆ ଦଳ ୬ ରନ୍‌ରେ ଆୟର୍ଲାଣ୍ଡକୁ ହରାଇଥିଲା।

### ଏଫଆଇଏଚ୍ ପ୍ରୋ ଲିଗ୍

## ଭାରତୀୟ ହକି ଦଳରେ ୩ ଓଡ଼ିଆ

**ଭୁବନେଶ୍ୱର,୩୦।୧(ସଂଚାର ବ୍ୟୁରୋ):** ଓଡ଼ିଶାରେ ହେବାକୁ ଥିବା ଏଫଆଇଏଚ୍ ପ୍ରୋ ଲିଗ୍ ପାଇଁ ଭାରତୀୟ ହକି ଦଳ ଘୋଷଣା ହୋଇଯାଇଛି। ଗୁରୁବାର ହକି ଇଣ୍ଡିଆ ପକ୍ଷରୁ ୩୨ ଜଣିଆ ଭାରତୀୟ ପୁରୁଷ ଦଳ ଘୋଷଣା କରାଯାଇଛି। ଦଳରେ ୩ ଜଣ ଓଡ଼ିଆ ଖେଳାଳି ରହିଛନ୍ତି। ଓଡ଼ିଶାର ଶିଳାନନ୍ଦ ଲାକ୍ରା, ନିଲପ ସଞ୍ଜିପ୍ ଖେସ ଓ ଅମିତ ରୋହିଦାସ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ଫେବୃଆରୀ ୧୫ରୁ ଏଫଆଇଏଚ୍ ପ୍ରୋ ଲିଗ୍ ରାଜଧାନୀ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି। ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ସ୍ପେନ୍‌କୁ ଭେଟିବ। ଏହାପରେ ଜର୍ମାନୀ, ଇଂଲଣ୍ଡ ଓ ଆୟର୍ଲାଣ୍ଡ ସହିତ ଭାରତୀୟ ହକି ଦଳର ମୁକାବିଲା ହେବ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜିଠୁ ବଜେଟ୍...

ଘେରିବା ସକାଶେ ପ୍ରସ୍ତୁତ ହୋଇଛନ୍ତି। ବଜେଟ୍ ଅଧିବେଶନ ପ୍ରାରମ୍ଭରେ ସଂସଦର ମିଳିତ ଅଧିବେଶନକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବୋଧନ କରିବେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଉଭୟ ଲୋକସଭା ଓ ରାଜ୍ୟସଭାରେ ଆଲୋଚନା ଆରମ୍ଭ ହେବ। ଚଳିତ ଥରର ବଜେଟ୍ ଅଧିବଶେନ ଦୁଇଟି ପର୍ଯ୍ୟାୟରେ ଚାଲିବ। ପ୍ରଥମ ପର୍ଯ୍ୟାୟ ଆସନ୍ତାକାଲିଠୁ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପରେ ଆସନ୍ତା ମାର୍ଚ୍ଚ ୧୦ରୁ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇ ଏପ୍ରିଲ ୪ ତାରିଖରେ ଶେଷହେବ। ଅଷ୍ଟମ ଥର ପାଇଁ ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ସଂସଦରେ ବଜେଟ୍ ଉପସ୍ଥାପନ କରିବେ। ତେବେ ଆଗାମୀ ବଜେଟ୍‌ରେ ସେ କ'ଣସବୁ ଉପହାର ଦେବେ, ତାହା ଜାଣିବା ସକାଶେ ଜନସାଧାରଣଙ୍କ ମଧ୍ୟରେ ଉତ୍କଣ୍ଠା କ୍ରମଶଃ ବଢ଼ିବାରେ ଲାଗିଛି। ବିଶେଷକରି ଅର୍ଥମନ୍ତ୍ରୀଙ୍କ ପେଡ଼ିରେ ମଧ୍ୟବିତ୍ତ ଓ ଆୟକରଦାତାଙ୍କ ପାଇଁ କ'ଣ ରହିଛି, ତା' ଉପରେ ସମସ୍ତଙ୍କ ନଜର ରହିଛି। ସେହିପରି ଶିଳ୍ପ ଜଗତ, ଗରିବ, ଚାଷୀ ଓ ମହିଳାଙ୍କ ପାଇଁ କ'ଣ ଘୋଷଣା ହେବ, ତା' ମଧ୍ୟ ଜନସାଧାରଣଙ୍କ ଉତ୍କଣ୍ଠାକୁ ବହୁଗୁଣିତ କରିଛି।

ସେହିପରି ବଜେଟ୍ ଅଧିବେଶନରେ ସଂଶୋଧିତ ୱାକଫ ବିଲ୍ ଆଗତ ହେବାର ସମ୍ଭାବନା ରହିଛି। ଏହା ପୂର୍ବରୁ ଯୁଗ୍ମ ସଂସଦୀୟ କମିଟି (ଜେପିସି) ବାଚସ୍ପତି ଓମ୍ ବିର୍ଲାଙ୍କୁ ରିପୋର୍ଟ ହସ୍ତାନ୍ତର କରିସାରିଛନ୍ତି। ଜେପିସି ଅଧ୍ୟକ୍ଷ ଜଗଦମ୍ବିକା ପାଲ୍ ଓ ଅନ୍ୟ ସଦସ୍ୟ ବାଚସ୍ପତିଙ୍କୁ ଭେଟି ୬୫୫ ପୃଷ୍ଠା ସମ୍ବଳିତ ଏହି ରିପୋର୍ଟ ପ୍ରଦାନ କରିଛନ୍ତି। ଗତକାଲି ବହୁମତ ଆଧାରରେ ଜେପିସି ପ୍ୟାନେଲ୍ ରିପୋର୍ଟକୁ ସବୁଜ ସଙ୍କେତ ଦେଇଥିଲା। ବାଚସ୍ପତିଙ୍କ ମୋହର ବାଜିବା ପରେ ଏହାକୁ ଗୃହରେ ଆଗତ କରାଯାଇପାରେ। ୱାକଫ୍ ବିଲ୍-୧୯୯୫ରେ ୧୪ଟି ସେକ୍ସନରେ ସଂଶୋଧନ କରାଯାଇଛି। ଗତବର୍ଷ ଅଗଷ୍ଟ ୮ ତାରିଖରେ ଲୋକସଭାରେ ୱାକଫ୍ ସଂଶୋଧିତ ବିଲ୍ ଆଗତ ହୋଇଥିବା ବେଳେ ପରେ ଅଧିକ ସଂଶୋଧନ ପାଇଁ ଏହାକୁ ଯୁଗ୍ମ ସଂସଦୀୟ ବୋର୍ଡକୁ ପଠାଯାଇଥିଲା। ଏହି ଆଇନରେ ସଂଶୋଧନ ପାଇଁ ବିରୋଧୀ ଓ କମିଟି ୪୪ଟି ପ୍ରସ୍ତାବ ଦେଇଥିଲେହେଁ ୧୪ଟି ସଂଶୋଧନ କରାଯାଇଛି।

## ଗ୍ରାମସଭାରୁ...

ପାଠ ପଢ଼ିପାରିବେ। ସେହିଭଳି ପଞ୍ଚାୟତରେ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଗାଧୁଆ ତୁଠ, ପୋଖରୀ ଓ ନଦୀ କୂଳରେ ଚେଞ୍ଜିଙ୍ଗ୍ ରୁମ୍, ମାର୍କେଟ୍ ସେଡ୍ ତିଆରି ହେବ। ଭୋଗ ମଣ୍ଡପ, ଭାଗବତ ଟୁଙ୍ଗୀ ତିଆରି ହେବ। ସବୁ ଧର୍ମର ଉପାସନାସ୍ଥଳୀ ବା ଧାର୍ମିକ ପୀଠର ବିକାଶ ପାଇଁ ପାଣ୍ଠି ଖର୍ଚ୍ଚ ହେବ। ଧାର୍ମିକ ସ୍ଥଳ ନିକଟରେ ଶୌଚାଳୟ ଓ ପିଇବା ପାଣି ସୁବିଧା କରାଯିବ। ପଞ୍ଚାୟତରେ ଥିବା ଛୋଟ ଛୋଟ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ବ୍ୟବସ୍ଥା ହେବ। ଶିକ୍ଷା ଭିତ୍ତିଭୂମି ପାଇଁ ମଧ୍ୟ ଏହି ଯୋଜନାରୁ ପାଣ୍ଠି ମିଳିବ। ବିଦ୍ୟାଳୟର ଆଧୁନିକୀକରଣ ସହ ପ୍ରତି ଗାଁରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯିବ। ଲମ୍ବଡିଆଁ ଓ ଉଚ୍ଚଡିଆଁ ପାଇଁ ବ୍ୟବସ୍ଥା ରହିବ।

ସବୁଠାରୁ ବଡ଼ କଥା ହେଉଛି ଯେ ନୂଆ ସରକାର ପୁରୁଣା ପ୍ରକଳ୍ପର ଆବଶ୍ୟକତାକୁ ହୃଦୟଙ୍ଗମ କରି ପାଣ୍ଠି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ଆରମ୍ଭ ହୋଇ ଅଟକିଯାଇଥିବା ପ୍ରକଳ୍ପ ପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରୁ ଟଙ୍କା ଖର୍ଚ୍ଚ ହେବ। ତେବେ ପୁରୁଣା ପ୍ରକଳ୍ପ କାମରେ ମୋଟ ପାଣ୍ଠିର ୨୦ ପ୍ରତିଶତରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ହିଁ ଏହାକୁ ଆଗେଇନେବାକୁ ଅନୁମତି ମିଳିବ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି। ସବୁ ପଞ୍ଚାୟତ ଗ୍ରାମସଭା ଡାକି ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ପାଇଁ ପ୍ରକଳ୍ପ ଚୟନ କରିବେ। ଗ୍ରାମସଭାରେ ୫ ବର୍ଷିଆ ଯୋଜନା ତାଲିକା ପ୍ରସ୍ତୁତ କରାଯିବ। ଆସନ୍ତା ୧୪ ସୁଦ୍ଧା ଗ୍ରାମସଭାରେ ପ୍ରକଳ୍ପ ତାଲିକା ଚୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ପଞ୍ଚାୟତ ୧୫ ତାରିଖରେ ବ୍ଲକରେ ଏହି ପ୍ରକଳ୍ପ ତାଲିକା ଦାଖଲ କରିବେ। ୧୮ ତାରିଖ ସୁଦ୍ଧା ପଞ୍ଚାୟତ ସମିତିର ଟେକ୍ନିକାଲ କମିଟି ଏହାର ଯାଞ୍ଚ ସାରିବ। ସେହିପରି ଆସନ୍ତା ୨୦ ତାରିଖ ସୁଦ୍ଧା ଏହାକୁ ଜିଲ୍ଲାପାଳଙ୍କ ପାଖକୁ ପଠାଯିବ । ଜିଲ୍ଲାପାଳଙ୍କ ଅନୁମୋଦନ ପରେ ପ୍ରକଳ୍ପ କାମ ଆଗେଇବ ବୋଲି ଆଜି ଜାରି ମାର୍ଗଦର୍ଶିକାରେ ସ୍ପଷ୍ଟ କରାଯାଇଛି।

## ଖାଲିପଡ଼ିଛି...

ପଦବୀ ଖାଲି ପଡିଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୨୧ ହଜାର ୧୫୪ ପଦବୀ ଖାଲି ପଡିଛି। ତେବେ ସବୁଠୁ ଚିନ୍ତାଜନକ ସ୍ଥିତି ଶିଳ୍ପ ଓ ମିଶନ ଶକ୍ତି ବିଭାଗରେ ରହିଛି। ଶିଳ୍ପ ବିଭାଗରେ ବେସ ଲେବୁଲରେ ମଞ୍ଜୁରୀପ୍ରାପ୍ତ ତିନୋଟିଯାକ ପଦବୀ ଖାଲି ପଡିଥିବା ବେଳେ ମିଶନ ଶକ୍ତି ବିଭାଗରେ ୯ରୁ ୯ ପଦବୀ ଖାଲି ପଡ଼ିଛି। ସେହିଭଳି କୃଷି ବିଭାଗରେ ୪୧୯୬, ବାଣିଜ୍ୟ ବିଭାଗରେ ୩୩୦, ପରିବହନ ବିଭାଗରେ ୩୨୩, ସମବାୟ ବିଭାଗରେ ୬୬୦, ଶକ୍ତି ବିଭାଗରେ ୧୫୨, ଅବକାରୀ ବିଭାଗରେ ୬୭୩, ଅର୍ଥ ବିଭାଗରେ ୧୦୯୧, ମତ୍ସ୍ୟ, ପଶୁପାଳନ ଓ ପ୍ରାଣୀସମ୍ପଦ ବିଭାଗରେ ୪୧୫୬, ଜଙ୍ଗଲ ଓ ପରିବେଶ ବିଭାଗରେ ୩୬୬୭, ଉଚ୍ଚଶିକ୍ଷା ବିଭାଗରେ ୪୭୩୩, ଗୃହ ବିଭାଗରେ ୯୮୮୦, ଅନୁସୂଚିତ ଜାତି ଜନଜାତି କଲ୍ୟାଣ ବିଭାଗରେ ୩୭୩୨, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ୫୩୦୧, ପଞ୍ଚାୟତିରାଜ ବିଭାଗରେ ୧୭୨୩, ଶ୍ରମ ଓ ଇଏସଆଇ ବିଭାଗରେ ୧୧୨୯ ବେସ ଲେବୁଲ ପଦବୀ ଖାଲି ପଡିଛି।

## ୧୫ ଯାଏଁ ବଢ଼ିଲା...

କହିଛନ୍ତି। ପୂର୍ବରୁ ଏହି ଅବଧି ଜାନୁଆରୀ ୩୧ ତାରିଖ ରହିଥିଲା। କିନ୍ତୁ ଅନେକ ହିତାଧିକାରୀ ଅଦ୍ୟାବଧି ଇ-କେୱାଇସି କରାଇପାରି ନ ଥିବାରୁ ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଉପରୋକ୍ତ ନିଷ୍ପତ୍ତି ହୋଇଛି। ଏ ସଂକ୍ରାନ୍ତରେ ଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ଅନେକ ରାସନକାର୍ଡ ହିତାଧିକାରୀ ଲିଖିତ ଭାବେ ଇ-କେୱାଇସି ଅବଧିକୁ କିଛି ଦିନ ବୃଦ୍ଧି କରିବା ସକାଶେ ଆବେଦନ କରିଥିଲେ। ସେମାନଙ୍କ ଆବେଦନକୁ ବିଚାରକୁ ନେଇ ବିଭାଗ ଏହି ଅବଧିକୁ ଆସନ୍ତା ୧୫ ତାରିଖ ଯାଏଁ ବଢ଼ାଇଥିବା ମନ୍ତ୍ରୀ କହିଛନ୍ତି।

ମିଳିଥିବା ସୂଚନାନୁସାରେ, ଅଦ୍ୟାବଧି ଆହୁରି ପାଖାପାଖି ୪୨ ଲକ୍ଷ ହିତାଧିକାରୀ ଇ-କେୱାଇସି ଅପଡେଟ୍ କରିନାହାନ୍ତି। ସେମାନଙ୍କ ପାଇଁ ରାଜ୍ୟ ସରକାର କୋହଳ ମନୋଭାବ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାର ରାଜ୍ୟ ଭିତରେ ରାସନ କାର୍ଡ ହିତାଧିକାରୀ ଥିବା ବୃଦ୍ଧବୃଦ୍ଧା ଓ ଅସୁସ୍ଥ ଲୋକଙ୍କୁ ଭେଟି କେୱାଇସି ଯାଞ୍ଚ ନିମନ୍ତେ ସରକାରୀ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ବାହାରେ ଥିବା ଶ୍ରମିକମାନେ ଯୋଗାଯୋଗ କଲେ ସେଠାକୁ ମଧ୍ୟ ସରକାରୀ କର୍ମଚାରୀ ପଠାଯିବା ଦିଗରେ ମଧ୍ୟ ପଦକ୍ଷେପ ନିଆଯାଉଛି।

## ୬୭ ଯାତ୍ରୀଙ୍କ...

୫୩୪୨ ନମ୍ବର ବିମାନଟି ୱିଚିଟା, କାନ୍‌ସାସରୁ ଉଡାଣ ଭରି ୱାଶିଂଟନ ଡିସି ଅଭିମୁଖେ ଆସୁଥିଲା। ତେବେ ରନୱେରେ ଲ୍ୟାଣ୍ଡିଂ କରିବା ସମୟରେ ଆର୍ମି ହେଲିକପ୍ଟର ବ୍ଲାକ୍ ହକ୍ ସହ ଧକ୍କା ହୋଇଥିଲା। ବିମାନଟି ଖସିପଡ଼ିବା ପରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ବିମାନରେ ୬୪ ଜଣ ଯାତ୍ରୀ ଓ ୩ ଜଣ କ୍ରିଉ ସଦସ୍ୟ ଥିଲେ।

ଦୁର୍ଘଟଣା ପରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତୁରନ୍ତ ୨୨ ବର୍ଷର ଲମ୍ବା ଅଭିଜ୍ଞତା ସମ୍ପନ୍ନ ସୈନିକଙ୍କୁ କ୍ରିଷ୍ଟୋଫର୍ ରୋଚେଲଙ୍କୁ ଫେଡେରାଲ୍ ଆଭିଏସନ୍ ଆଡମିନିଷ୍ଟ୍ରେସନ୍ (ଏଫ୍‌ଏଏ) କମିଶନର୍ ଭାବେ ନିଯୁକ୍ତି ଦେଇଛନ୍ତି। ଦୁର୍ଘଟଣା ପାଇଁ ରାଷ୍ଟ୍ରପତି ଏଫ୍‌ଏଏର ତ୍ରୁଟିପୂର୍ଣ୍ଣ କାର୍ଯ୍ୟଶୈଳୀକୁ ଦାୟୀ କରିଛନ୍ତି। ଏଥିସକାଶେ ସେ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍ ଓ ବାରାକ୍ ଓବାମାଙ୍କୁ ମଧ୍ୟ ଦୋଷ ଦେଇଛନ୍ତି। ସେହିପରି ପ୍ରତିରକ୍ଷା ସଚିବ ପେଟେ ହେସେଥ୍ ହ୍ୱାଇଟ୍ ହାଉସ୍‌ରେ ଦୁର୍ଘଟଣା ସଂକ୍ରାନ୍ତରେ ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି।

## ପ୍ରକଳ୍ପ ଅଧିକାରୀଙ୍କ...

ବେଳେ ଏହି ଚଢ଼ାଉରେ ଜଣେ ଅତିରିକ୍ତ ଏସପି, ତିନି ଜଣ ଡ଼ିଏସପି, ୧୦ ଇନସ୍ପେକ୍ଟର ଓ ଭିଜିଲାନ୍ସର ଅନ୍ୟ କର୍ମଚାରୀ ସାମିଲ ଥିଲେ।

ବିଶ୍ୱଦର୍ଶୀଙ୍କ ଭୁବନେଶ୍ୱର ଓଲଡ଼ ଟାଉନରେ ଦୁଇ ମହଲା ଘର, ଲକ୍ଷ୍ମୀସାଗର ଭଗବାନ ଟାୱାରରେ ୧୫୦୦ ବର୍ଗଫୁଟର ଫ୍ଲାଟ, ଖାରବେଳ ନଗର ଇଭିଓଏସ ଗାଲାକ୍ସିରେ ୮୨ ଲକ୍ଷ ଟଙ୍କା ମୂଲ୍ୟର ଫ୍ଲାଟ ଓ ବାଲେଶ୍ୱର ଏସଏନ ସେନ ରୋଡ୍‌ରେ ଫ୍ଲାଟ ଥିବା ଜଣାପଡ଼ିଛି। ସେହିପରି ବାପୁଜୀ ନଗରସ୍ଥିତ ଏସ୍‌ବିଆଇରେ ତାଙ୍କ ପତ୍ନୀଙ୍କ ନାମରେ ଏକ ଲକର୍ ଥିବା ଚଢ଼ାଉ ବେଳେ ସାମ୍ନାକୁ ଆସିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ତଦନ୍ତ ଚାଲୁ ରହିଥିବାରୁ ଆହୁରି ଅନେକ ସମ୍ପତ୍ତି ଠାବ କରାଯିବାର ସମ୍ଭାବନା ରହିଛି।

## ଅସମ୍ଭାଳ ପୁଲିସ...

ଥାନାଠାରୁ ଅନତି ଦୂରରେ ଥିବା ଆପାର୍ଟମେଣ୍ଟର ୫ଟି ଫ୍ଲାଟ୍‌ରୁ ସିରିଜ ଲୁଟ ହୋଇଥିଲା।

ଝିଅ ବାହାଘର ପାଇଁ ଥିବା ଟଙ୍କା ଆଉ ସୁନା ଲୁଟିନେଇଥିଲେ ଲୁଟେରା, ଯାହାର ମୂଲ୍ୟ ୨ କୋଟିରୁ ଅଧିକ। ପରେ ପରେ ପାହାଳ, ବାଲିଅନ୍ତା, ନୟାପଲ୍ଲୀ ଅଞ୍ଚଳରେ ମଧ୍ୟ ଲୁଟେରାମାନେ କଳାକନା ବୁଲାଇଦେଇଥିଲେ। କିନ୍ତୁ କୋଟି କୋଟି ଟଙ୍କାର ଲୁଟ୍ ପରି ଘଟଣାରେ ପୁଲିସ ବିଭାଗର ବଡ଼ବାବୁମାନେ ତିଳେମାତ୍ର ମୁଣ୍ଡ ଖେଳାଇନଥିଲେ।

କିନ୍ତୁ ହଠାତ ନିରଞ୍ଜନଙ୍କ କେସରେ ଅସମ୍ଭବ ଢଙ୍ଗରେ ଅସମ୍ଭାଳ ହୋଇପଡ଼ିଛି ରାଜଧାନୀ ପୁଲିସ୍। ନିଜେ କମିଶନର ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଟ୍ୱିନ ସିଟିର ଦୁଇ ଡିସିପି ଛାନଭିନ କରିଛନ୍ତି। ଏପରିକି ଏହା ଭୁବନେଶ୍ୱରର ପ୍ରଥମ କେସ ଯେଉଁଥିରେ କଟକ ଡିସିପିଙ୍କ ସହଯୋଗ ଲୋଡ଼ାଯାଇଛି। ସ୍ପେଶାଲ କ୍ରାଇମ ୟୁନିଟ ଓ ସ୍ପେଶାଲ ସ୍କ୍ୱାଡ଼ ସେହିଦିନରୁ ଘଟଣାସ୍ଥଳକୁ ବୋଧହୁଏ ୨୦ ଥରରୁ ଅଧିକ ଯିବାଆସିବା କରିସାରିଲେଣି। ଅତିରିକ୍ତ ଡିସିପି, ଏସିପି ଓ ଆଇଆଇସିଙ୍କ କଥା ପଚାରେ କିଏ? ସାଧାରଣ ଲୋକଙ୍କ ଗାଡି କମ, ନୟାପଲ୍ଲୀ ଏନ ୨ରେ ଏବେ ପୁଲିସ ଗାଡ଼ି ଅଧିକ ବୁଲୁଛି।

ମୁଖ୍ୟମନ୍ତ୍ରୀ ଫୋନ କରିବା ସହ ବିରୋଧୀ ଦଳର ପ୍ରେସମିଟ ପରେ ଖାକି ବର୍ଦ୍ଦି ବାବୁଙ୍କ ଇଜ୍ଜତ ମଧ୍ୟ ବାଜିରେ ଲାଗିଛି। ଏଭଳି ତଦନ୍ତ ପ୍ରକ୍ରିୟାକୁ ଆମେ ଖରାପ କହୁନାହୁଁ କିମ୍ବା ପୁଲିସକୁ ମଧ୍ୟ ବଦନାମ କରୁନାହୁଁ। କିନ୍ତୁ ବଡ଼ବଡ଼ିଆଙ୍କ ପାଇଁ ହେଉଥିବା ତଦନ୍ତ ଷ୍ଟାଇଲ ଯଦି ଗରିବଗୁରୁବାଙ୍କ ପାଇଁ ଲାଗୁ ହୁଅନ୍ତା, ତେବେ ପୁଲିସ ପ୍ରତି ଲୋକଙ୍କ ମନରେ ଥିବା ଆକ୍ରୋଶ ହୁଏତ କିଛି ମାତ୍ରାରେ କମିପାରନ୍ତା।

## ଲୋକସମ୍ପର୍କ ବିଭାଗରେ...

ବାଧ୍ୟ କରୁଛନ୍ତି। ଯିଏ ସଲାମ ଠୁଙ୍କିଲା ସିଏ ବିଜ୍ଞାପନ ପାଇଲା ବୋଲି ରାଜଧାନୀରେ ଚର୍ଚ୍ଚା ଜୋର ଧରିଛି।

ଗ୍ୟାଙ୍ଗର ଆଉ ଜଣେ କାର୍ପଟଦାର ଗଣମାଧ୍ୟମ ସଂସ୍ଥାର କାଗଜପତ୍ର ଅପଡେଟ୍ ଦାୟିତ୍ୱରେ ରହିଛନ୍ତି। ସେ ବାବୁ ଜଣଙ୍କ ସହଜରେ ଦେଖାଦିଅନ୍ତି ନାହିଁ କି ଫୋନ୍‌ରେ ଉପଲବ୍ଧ ହୁଅନ୍ତି ନାହିଁ। ସମସ୍ତଙ୍କୁ ନିଜର ଟେକ୍ନିକାଲ ବୁଦ୍ଧି ଦେଖାନ୍ତି। ଏ ବାବୁଙ୍କୁ ଦେଖା ନକଲା ପର୍ଯ୍ୟନ୍ତ କାହାରି କିଛି କାର୍ଯ୍ୟ ହୋଇପାରେ ନାହିଁ। ସେହିଭଳି ଚତୁର୍ଥ ବାବୁ ଜଣଙ୍କ ଅତ୍ୟନ୍ତ ହୁସିଆର ହୋଇଥିବାରୁ ସଭା ସମିତି ଓ ମେଳା ଦାୟିତ୍ୱରେ ରହିଛନ୍ତି। ଅଫିସ୍‌ରେ ବସିବା ବଦଳରେ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ମେଳା ଦାୟିତ୍ୱ ସମ୍ଭାଳନ୍ତି। ସେଥିରେ ବାବୁଙ୍କର ଅଧିକାଂଶ ସମୟ ଯାଏ।

ହେଲେ ଏହି ବାବୁ ଜଣଙ୍କ ଅତ୍ୟନ୍ତ ହୁସିଆର ହୋଇଥିବାରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖିରେ ହସ ହସ ବଦନରେ କଥା ହୁଅନ୍ତି।

ରାଜଧାନୀରେ ଗାଦି ମାଡ଼ିବସିଥିବା ଏହି ଗ୍ୟାଙ୍ଗ୍ ଅଫ୍ ଫୋର୍ ବିଭାଗ ଅବସ୍ଥାକୁ ବାରଣ୍ଡା ଦି' କଡା କରୁଥିବାବେଳେ ଏମାନଙ୍କ ଗଡଫାଦର୍ କିନ୍ତୁ ଅହେତୁକ ନିରବ। ସବୁବେଳେ ଆଶୀର୍ବାଦ ମୁଦ୍ରାରେ ରହୁଛନ୍ତି। ଅବସର ନେବା ପୂର୍ବରୁ ଏମାନଙ୍କ ଲାଙ୍ଗୁଡ଼ରେ ହାତ ମାରିବାକୁ ଚାହୁଁନାହାନ୍ତି।

କୌଣସି ବିବାଦରେ ନ ପଶି ଅବସର ନେଇଯିବାକୁ ଯୋଜନା ଚଳାଇଥିବାରୁ ଗ୍ୟାଙ୍ଗ୍‌ର ଉତ୍ପାତ ବଢ଼ିବାରେ ଲାଗିଛି। ତେବେ ଉଭୟ ଗଡଫାଦର ଓ ଗ୍ୟାଙ୍ଗ୍ ଅଫ୍ ଫୋର୍ ଯୋଗୁଁ ରାଜଧାନୀର ବରିଷ୍ଠ ସାମ୍ବାଦିକମାନେ ଅତିଷ୍ଠ ହେବା ସହ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏ ସମ୍ପର୍କରେ ଜଣାଇବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

# କଅଁଳ ବୟସରେ ଯନ୍ତ୍ରଣାର ବୋଝ

**କଳିଙ୍ଗନଗର, ୩୦।୧ (ସଂଚାର ବ୍ୟୁରୋ) :** ଏକ ଗରିବ ଆଦିବାସୀ ପରିବାର। ପରିବାରର ମୁଖ୍ୟ ବାପା ଆରପାରିରେ, ମା'ର ମୁଣ୍ଡ ଉପରେ ପାଞ୍ଚ ପ୍ରାଣୀଙ୍କ ଜୀବନ। ଦୁଃଖ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି ଏହି ପରିବାରର ସଦସ୍ୟମାନେ। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ଯାଜପୁରଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ଶାଳୀଜଙ୍ଗା ପଞ୍ଚାୟତର ବାଲିଆପାଳ ଗାଁ ଡାହି ସାହିରେ।



## ସହାୟତା ପାଇଁ ନିବେଦନ

ଏହି ଗାଁରେ ବାସ କରନ୍ତି ପାନ ମୁଣ୍ଡାଙ୍କ ପରିବାର। ତାଙ୍କ ସ୍ୱାମୀ ମାଧ ମୁଣ୍ଡା କୌଣସି ଏକ ଅଜଣା ରୋଗରେ ଶଯ୍ୟାଶାୟୀ ହୋଇ ଆଖି ବୁଜିଛନ୍ତି। ପରିବାରର ମୋଟ ସଦସ୍ୟଙ୍କ ସଂଖ୍ୟା ଦଶ। ଏହି ନିରୀହ ସରଳ ଆଦିବାସୀ ସମ୍ପ୍ରଦାୟ ପରିବାରର ଦୁଃଖ ହେଲା ପରିବାରରେ ପାନ ମୁଣ୍ଡାଙ୍କର ପୁଅ ରାଜୁ ମୁଣ୍ଡା(୧୨)। ଦିବ୍ୟାଙ୍ଗ ରାଜୁ ଖେଳାବୁଲା କି ଚଲାବୁଲା କରିପାରୁନାହିଁ। ଚାଲିଲେ କଷ୍ଟ ହେଉଛି। ପାଠ ପଢିବାକୁ ଯାଇ ପାରୁନାହିଁ। ରାଜୁର ଡାହାଣ ଗାଲରେ ଏକ ବଡ଼ ଆବୁ ଟିମ୍ୟୁର ପରି ବଢ଼ି ଚାଲିଛି। ଯାହା ଫଳରେ ଠିକ ଭାବେ ଖାଇ ପାରୁନାହିଁ। ବାମ ଗୋଡ଼ ପତଳା ହୋଇ ଯାଇଛି, ଛୋଟେଇ ଛୋଟେଇ ବହୁତ କଷ୍ଟରେ ହାତରେ ବାଡ଼ି ଖଣ୍ଡେ ଧରି ଚାଲୁଛି। ଏତେ କଅଁଳ ବୟସରେ ଦିବ୍ୟାଙ୍ଗ ରାଜୁର ଦୁଃଖ ଯିଏ ଦେଖିବ ତାର ଆଖିରୁ ଲୁହ ଆସିଯିବ। ଚିକିତ୍ସା ପାଇଁ ଗରିବ ପରିବାର ପାଖରେ ଅର୍ଥର ଅଭାବ। ପିଲାଟି ଦିବ୍ୟାଙ୍ଗ ଭତ୍ତା ପାଉନାହିଁ। ତାର ପାଠ ପଢିବାକୁ ଯିବା ପାଇଁ ହୁଇଲ ଗାଡି ମଧ୍ୟ ନାହିଁ। ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି ଦିବ୍ୟାଙ୍ଗ ରାଜୁ ଓ ତାଙ୍କ ପରିବାର। ଏହି ପରିବାରର ସବୁ ପିଲାଙ୍କର ଆଧାର ନାହିଁ। ସମସ୍ତଙ୍କ ନାଁ ମଧ୍ୟ ଖାଦ୍ୟ ସୁରକ୍ଷା ଯୋଜନା ରାସନ କାର୍ଡରେ ଯୋଡି ହୋଇ ନାହିଁ। ମା' ସକାଳୁ ଯାଇ ମୂଳ ଲାଗି ସନ୍ଧ୍ୟାରେ ଆସିଲେ ପରିବାରର ଚୁଲି ଜଳୁଛି। କିପରି ତା ଅସୁସ୍ଥ ପୁଅ ରାଜୁର ଗାଲରେ ହୋଇଥିବା ଆବୁର ଚିକିତ୍ସା କରିବ ସେ ଚିନ୍ତାରେ ସେ ଭାଙ୍ଗି ପଡିଛି।

ପରିବାର ପୋଷିବା ପାଇଁ ଟଙ୍କାର ଅଭାବ ତେଣୁ ପ୍ରଶାସନ ଜନ ପ୍ରତିନିଧି ଏ ଗରିବ ପରିବାରର କଅଁଳ ବୟସରେ ଯନ୍ତ୍ରଣା ପାଉଥିବା ଶିଶୁଟି ପ୍ରତି ଦୃଷ୍ଟି ଦେଇ ଏକ ହୁଇଲ ଗାଡି ଓ ଦିବ୍ୟାଙ୍ଗ ଭତ୍ତା ସହ ତାର ଗାଲରେ ହୋଇଥିବା ଆବୁର ଚିକିତ୍ସା କରାଇବାକୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବା ପାଇଁ ତାର ମା' ପାନ ମୁଣ୍ଡା ଆକୁଳ ନିବେଦନ କରିଛନ୍ତି।

# ପଲିଟେକନିକ କଲେଜରେ କର୍ମଶାଳା ଓ ଏକାଡେମୀ ଗୃହର ଶିଳାନ୍ୟାସ

## ଜିଲ୍ଲା ବିଜେପି ସଭାପତିଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା



**ନାଉଗାଁ, ୩୦।୧ (ସଂଚାର ବ୍ୟୁରୋ) :** ନାଉଗାଁ ବ୍ଲକର ଜାମୁଗାଁ ଠାରେ ଥିବା ସରକାରୀ ପଲିଟେକନିକ କଲେଜର ନୂତନ ଏକାଡେମୀ ଗୃହ ଓ କର୍ମଶାଳା ଗୃହର ଶିଳାନ୍ୟାସ ମାନ୍ୟବର ବିଧାୟକ ଅମରେନ୍ଦ୍ର ଦାସଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ଲୋକପ୍ରିୟ ବିଧାୟକ ଅମରେନ୍ଦ୍ର ଦାସ, ସମ୍ମାନୀତ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ନାଉଗାଁ ଜିଲ୍ଲାପରିଷଦ ଜୋନ ୧ର ସଭ୍ୟା ଅର୍ପିତା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ତୃଷ୍ଣା ଲେଙ୍କା, ଉପାଧ୍ୟକ୍ଷ ସୁଜିତ ପୁହାଣ, କଲେଜ ଅଧ୍ୟକ୍ଷ କଳ୍ପନା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକଙ୍କୁ ସ୍ଥାନୀୟ ନୂଆପାଖଣା ଛକ ନିକଟରୁ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ଦଳୀୟ କର୍ମୀମାନେ କଲେଜ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ।

କିନ୍ତୁ ଜିଲ୍ଲାରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବିଜେପି ଜିଲ୍ଲା ସଭାପତି ପ୍ରତାପ ମିଶ୍ରଙ୍କ ନିଜ ଗାଁରେ ଏହି କଲେଜଟି ଅବସ୍ଥିତ ହୋଇଥିବାରୁ ଆଜିର ଶିଳାନ୍ୟାସ ଉତ୍ସବରେ ବିଜେପି ବିଧାୟକ ମୁଖ୍ୟ ଅତିଥି ଭାବେ ଓ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଯୋଗଦେଇଥିବା ବେଳେ ଏହି ଉତ୍ସବରେ ଜିଲ୍ଲା ସଭାପତିଙ୍କ ଅନୁପସ୍ଥିତିକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଥିଲା।

# ପ୍ରତି ଜିଲ୍ଲାରେ ହେବ ସମ୍ ମଲ୍ଟିସ୍ପେଶାଲିଟି ହସ୍ପିଟାଲ

**ଭୁବନେଶ୍ୱର, ୩୦।୧ (ସଂଚାର ବ୍ୟୁରୋ) :** ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ତ୍ୱରାନ୍ୱିତ କରିବା ନିମନ୍ତେ ସମ୍ ହେଲ୍ଥ କେୟାର ସର୍ଭିସେସ୍ ପକ୍ଷରୁ ଏକ ବିସ୍ତୃତ ଯୋଜନା ହାତକୁ ନିଆଯାଇଛି। ତୃଣମୂଳ ସ୍ତରର ଲୋକଙ୍କୁ ସୁଲଭ ତଥା ଗୁଣବତ୍ତା ବିଶିଷ୍ଟ ସ୍ୱାସ୍ଥ୍ୟ ସେବା ଦେବାକୁ ପ୍ରତି ଜିଲ୍ଲାରେ ଏହି ସଂସ୍ଥା ପକ୍ଷରୁ ୫୦ ଶଯ୍ୟା ବିଶିଷ୍ଟ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ୍ ସ୍ଥାପନ କରାଯିବ। ଏହି ପରିପ୍ରେକ୍ଷୀରେ ସଂସ୍ଥା ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ପ୍ରସ୍ତାବ ଗୃହୀତ ହୋଇଛି ବୋଲି ବୁଧବାର ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଘୋଷଣା କରାଯାଇଛି।




ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଓ ସ୍ୱାସ୍ଥ୍ୟ ବିଭାଗର କମିସନର କମ୍ ସେକ୍ରେଟାରୀ ଏସ୍. ଅଶ୍ୱତିଙ୍କ ଉପସ୍ଥିତିରେ ଏହି ଘୋଷଣା କରାଯାଇଥିଲା।

ଉଭୟ ପ୍ରାଇମେରୀ ଏବଂ ସେକେଣ୍ଡାରୀ ସ୍ୱାସ୍ଥ୍ୟ ସେବା ସହ ଏହି ହସ୍ପିଟାଲ୍ ଗୁଡ଼ିକରେ ଅତ୍ୟାଧୁନିକ ଡାଇଗ୍ନୋସିସ୍ ଲ୍ୟାବ୍, ବୟୋଜ୍ୟେଷ୍ଠଙ୍କ ଲାଗି ସ୍ୱତନ୍ତ୍ର ଯତ୍ନ, ଫାର୍ମାସୀ, ଟ୍ରମା କେୟାର, ଇମର୍ଜେନ୍ସି ଏବଂ ଫିଜିଓଥେରାପି ସୁବିଧା ପ୍ରଦାନ କରାଯିବ। ଏଥି ନିମନ୍ତେ ୧୦୦୦ କୋଟି ଟଙ୍କାର ନିବେଶ ହେବ ଓ ୯୦୦ ଲୋକଙ୍କ ଲାଗି ସିଧାସଳଖ ଓ ୬୦୦୦ ଲୋକଙ୍କ ନିମନ୍ତେ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସମ୍ ହେଲ୍ଥକେୟାରର ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀ ଅନୁରାଗ ନାୟକ ସୂଚନା ଦେଇଛନ୍ତି।

ଶ୍ରୀ ନାୟକ କହିଛନ୍ତି ଲୋକେ ସ୍ୱାସ୍ଥ୍ୟ ସେବା ଲାଗି ଭୁବନେଶ୍ୱର ଓ କଟକ ଭଳି ବଡ଼ ସହରଗୁଡ଼ିକ ଉପରେ ନିର୍ଭରଶୀଳ ହେଉଛନ୍ତି। ଲୋକଙ୍କ ନିକଟରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ଦିଗରେ ଏଭଳି ଉଦ୍ୟମ ଆରମ୍ଭ ହୋଇଛି।

## ଛାତ୍ରୀ ନିବାସରେ ପରସା ଯାଉଛି ନିମ୍ନମାନର ଖାଦ୍ୟ

# ଅଭିଯୋଗ ପାଇଁ ୧୦ କିମି ଚାଲିଲେ ଛାତ୍ରୀ

**ଉମରକୋଟ, ୩୦।୧ (ସଂଚାର ବ୍ୟୁରୋ):** ଦୀର୍ଘ ୮ ମାସ ହେଲା ନିମ୍ନ ମାନର ଖାଦ୍ୟ ଦିଆ ଯାଉଥିଲା। ଏପରିକି ଭାତ ଆଉ ତରକାରୀରେ ପୋକ ରହୁଥିଲା। ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଅଧିକାରଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ହେଲେ କେହି ପିଲାଙ୍କ ଅଭିଯୋଗକୁ କର୍ଣ୍ଣପାତ କଲେ ନାହିଁ। ଶେଷରେ ନ୍ୟାୟ ପାଇବା ପାଇଁ ଆଜି ପ୍ରାୟ ୩୦ରୁ ୪୦ଜଣ ଝିଅ ଯେଉଁମାନେ ଛାତ୍ରୀବାସରେ ରହୁଥିଲେ ପ୍ରାୟ ୧୦ କିଲୋମିଟର ଚାଲି ଚାଲି ଉମରକୋଟ ଆସି ଥାନାରେ ଅଭିଯୋଗ କରିବା ପାଇଁ ବାହାରି ଥିଲେ। ଏହିଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧୀନ ବୁର୍ଜା ପଞ୍ଚାତର ଠାରେ ।



ମା' ପେଣ୍ଡରାଣୀ ଉଚ୍ଚ ବିଦ୍ୟାଳୟ, ବୁର୍ଜାରେ ଅଧ୍ୟୟନ କରୁଥିବା ଛାତ୍ରୀମାନେ ଉକ୍ତ ଗ୍ରାମର କସ୍ତୁରବା ବାଳିକା ହଷ୍ଟେଲରେ ରହୁଥିଲେ । ତେବେ ଦୀର୍ଘ ୮ ମାସ ହେଲା ଏହି ହଷ୍ଟେଲରେ ପରସା ଯାଉଥିବା ଖାଦ୍ୟ ଏତେ ନିମ୍ନମାନର ଯେ ଭାତ ଆଉ ତରକାରୀରେ ଖାଲି ପୋକ ଦେଖା ଯାଉଥିଲା। ଏପରିକି ଏହି ସମସ୍ୟା ନେଇ ଛାତ୍ରୀମାନେ ହଷ୍ଟେଲ, ସ୍କୁଲ କର୍ତ୍ତୃପକ୍ଷ ଓ ବିଭିନ୍ନ ସମୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ଅତି ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି ସମସ୍ତେ ଆଶ୍ୱାସନ ଦେଉଥିଲେ । କିନ୍ତୁ କୌଣସି ସମାଧାନ ହେଲା ନାହିଁ। ଶେଷରେ ଆଜି ପ୍ରାୟ ୩୦ରୁ ୪୦ ଜଣ ଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଇ ଘଟଣା ସମ୍ପର୍କରେ ଅଭିଯୋଗ କରିବା ପାଇଁ ଉମରକୋଟ ଥାନା ଅଭିମୁଖେ ବାହାରିଥିଲେ। ସ୍କୁଲର କିଛି ଶିକ୍ଷକ, ଶିକ୍ଷୟିତ୍ରୀ ଘଟଣାସ୍ଥଳରେ ପହଞ୍ଚି ଉମରକୋଟ ଥାନାକୁ ନଯିବ ପାଇଁ ବାରମ୍ବାର ଅନୁରୋଧ କରିଥିଲେ କିନ୍ତୁ ଏହି ଛାତ୍ରୀମାନେ ଭୃକ୍ଷେପ ନ କରି ଦୀର୍ଘ ୧୦ କିଲୋମିଟର ବାଟ ଚାଲି ଚାଲି ଉମରକୋଟରେ ପହଞ୍ଚି ଯାଇଥିଲେ।

ଘଟଣା ବିଷୟରେ ଜାଣିବା ପରେ ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାସୁଝା କରି ସ୍କୁଲକୁ ଫେରାଇବାରେ ସଫଳ ହେଇଥିଲେ। ତେବେ ଏହି ଘଟଣାରେ ଯିଏ ବି ଦୋଷୀ ଥାଉ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କହିଥିଲେ। ତେବେ ତୁରନ୍ତ ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହେଉଛି।

# ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨ ଫୁଲନଖରା କ୍ୟାମ୍ପସ୍‌ରେ କଲ୍‌ପୋସ୍କୋପି ସଂକ୍ରାନ୍ତ କର୍ମଶାଳା

**ଭୁବନେଶ୍ୱର, ୩୦।୧ (ସଂଚାର ବ୍ୟୁରୋ):** ମହିଳାଙ୍କ କ୍ଷେତ୍ରରେ ଗର୍ଭାଶୟ କ୍ୟାନ୍ସର ଏକ ଚିନ୍ତାର ପ୍ରସଙ୍ଗ ଭାବେ ବଢ଼ିଚାଲିଥିବା ବେଳେ ଏହି ରୋଗକୁ ଚିହ୍ନଟ କରିବା ନିମନ୍ତେ କଲ୍‌ପୋସ୍କୋପି ପଦ୍ଧତି ଖୁବ୍ ଫଳପ୍ରଦ ହୋଇଥାଏ। ଏହି ପ୍ରସଙ୍ଗକୁ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨ ଫୁଲନଖରା କ୍ୟାମ୍ପସରେ ବୁଧବାର ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।



ଏହି କର୍ମଶାଳାରେ ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ପ୍ରସେନ୍‌ଜିତ ମହାନ୍ତି ଏବଂ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ତଥା ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ୧ର ପୂର୍ବତନ ଡିନ୍ ପ୍ରଫେସର (ଡାକ୍ତର) ଗଙ୍ଗାଧର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହି ପଦ୍ଧତି କିଭଳି ରୋଗ ଚିହ୍ନଟ କରିବାରେ ଉପକାରୀ ସେ ବିଷୟରେ ମତ ବ୍ୟକ୍ତ କରିଥିଲେ।

ଏହି ଅବସରରେ ସ୍ୱାଗତ ଭାଷଣ ଦେବା ପ୍ରସଙ୍ଗରେ ହସ୍ପିଟାଲ୍‌ର ସ୍ତ୍ରୀ ଓ ପ୍ରସୂତି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ତାପସୀ ପତି କହିଥିଲେ ଯେ କଲ୍‌ପୋସ୍କୋପି ଦ୍ୱାରା କ୍ୟାନ୍ସରର ସେଲ୍‌ଫ କେଉଁ ସ୍ଥାନରେ ରହିଛି ତାହା ଚିହ୍ନଟ କରି ସେହି ସ୍ଥାନରୁ ହିଁ ବାୟୋପ୍ସି କରାଯାଇଥାଏ। ପ୍ରଫେସର ଲେଙ୍କା କହିଥିଲେ ଯେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨ ତା'ର ଏକ ବର୍ଷ ପୂରଣ କରିସାରିଥିବା ବେଳେ ରୋଗୀ ସେବା କ୍ଷେତ୍ରରେ ଅନେକ ସଫଳତା ହାସଲ କରିଛି।

ଏହି ହସ୍ପିଟାଲ୍‌ରେ କ୍ୟାନ୍ସର ଚିକିତ୍ସା ନେଇ ଉତ୍କୃଷ୍ଟ ସେବା ପ୍ରଦାନ କରାଯିବାର ଯୋଜନା ରହିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମ ଶେଷରେ ପ୍ରଫେସର ସୁନୀତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନାଉଗାଁ ବ୍ଲକ କାର୍ଯ୍ୟାଳୟରେ ମଦ୍ୟପାନ ଘଟଣା

# ୧୩ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ନାଉଗାଁ, ୩୦।୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ କାର୍ଯ୍ୟାଳୟ ମଧ୍ୟରେ ଗତ ୧୭ ତାରିଖ (ଶୁକ୍ରବାର) ବିଳମ୍ବିତ ରାତିରେ କମ୍ପୁଟର ପୋଗ୍ରାମର (ସିପି) ଦେବଦତ ସାହୁ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ପ୍ରତାପ ମହାପାତ୍ର ଏବଂ ଶିଖର ପଞ୍ଚାୟତ ସରପଞ୍ଚ କବିତା ନାୟକଙ୍କ ସ୍ୱାମୀ ବୈକୁଣ୍ଠନାଥ ନାୟକ ମଦ୍ୟପାନ କରୁଥିବା ନେଇ ନାଉଗାଁ ପୋଲିସ ସୂଚନା ପାଇ ବ୍ଲକ କାର୍ଯ୍ୟାଳୟରୁ ଉଠାଇ ନେଇଥିଲା। ସେମାନେ ମଦ୍ୟପାନ କରିଥିବା ନେଇ ପରୀକ୍ଷା କରାଯିବା ପରେ ସିପି ଦେବଦତ ସାହୁଙ୍କର ୧୧୬ ଆଲକହଲ ଲେବୁଲ ରହିଥିବା ବେଳେ ସରପଞ୍ଚଙ୍କ ସ୍ୱାମୀ ନାୟକଙ୍କର ୩୨ ଅଲକହଲ ଲେବୁଲ ରହିଥିବା ଜଣାଯାଇଥିଲା। ଏପରିକି ଉକ୍ତ ଆଲକହଲ ରିପୋର୍ଟକୁ ଉପରସ୍ତ ଅଧିକାରୀଙ୍କୁ ପ୍ରଦାନ ଯାଇଥିବା ଥାନା ଭାରାପ୍ରାପ୍ତ ଅଧିକାରୀ ନିଳମଣୀ ନାୟକ ସୂଚନା ଦେଇଛନ୍ତି। ହେଲେ ଉକ୍ତ ଘଟଣାକୁ ୧୩ ଦିନ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ବ୍ଲକ କାର୍ଯ୍ୟାଳୟରେ ବିଳମ୍ବିତ ସମୟରେ କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟ କରିବାର ନିୟମ ରହିଛି। ବିଳମ୍ବିତ ରାତିରେ ବିଡିଓ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା ସମୟରେ କାହା ଅନୁମତିରେ ସରପଞ୍ଚଙ୍କ ସ୍ୱାମୀ କାର୍ଯ୍ୟାଳୟ ମଧ୍ୟରେ ରହିଥିଲେ ତାହାହିଁ ବ୍ଲକ କାର୍ଯ୍ୟାଳୟର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଣେ ବାହାର ଲୋକ ବିଳମ୍ବିତ ରାତିରେ ମଦ୍ୟପାନ କରି ବ୍ଲକ କାର୍ଯ୍ୟାଳୟରେ ରହିଥିବା ବେଳେ ବିଡିଓଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଯାହାକୁ ନେଇ ବିଡିଓଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏସମ୍ପର୍କରେ ଥାନା ଭାରାପ୍ରାପ୍ତ ଅଧିକାରୀ ନିଳମଣୀ ନାୟକଙ୍କୁ ପଚାରିବାରେ ଘଟଣା ଘଟିବାର ଦିନକ ପରେ ଉପରୀସ୍ତ ଅଧିକାରୀଙ୍କୁ ୨ଜଣଙ୍କର ଆଲକହଲ ସେବନ ରିପୋର୍ଟ ପ୍ରଦାନ କରାଯାଇଥିବା କହିଥିଲେ। ଏସମ୍ପର୍କରେ ବିଡିଓ ତପନ ମହାପାତ୍ରଙ୍କୁ ପଚାରିବାରେ ଥାନା ପକ୍ଷରୁ ତାଙ୍କୁ କୌଣସି ରିପୋର୍ଟ ଆମର ହସ୍ତଗତ ହୋଇନାହିଁ, ରିପୋର୍ଟ ଆସିବା ପରେ ଯାହା ପଦକ୍ଷେପ ନିଆଯିବ, ସେହିପରି ବିଳମ୍ବିତ ରାତିରେ ବାହାର ଲୋକ କାର୍ଯ୍ୟାଳୟ ମଧ୍ୟରେ ଥିବା ଉପରେ ଉପରୀସ୍ଥ ଅଧିକାରୀଙ୍କ ସହ କଥା ହୋଇ ଯାହା ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ଜିଲ୍ଲା ପ୍ରଶାସନ ଓ ବିଧାୟକ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ବ୍ଲକସ୍ତରୀୟ ପରିବେଶ ପ୍ରଦର୍ଶନୀ ଉଦ୍‌ଯାପିତ



**ବାଲିଅନ୍ତା, ୩୦।୧ (ସଂଚାର ବ୍ୟୁରୋ):** ଆଜି ପ୍ରତାପଶାସନ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ପରିବେଶ ସଂପର୍କିତ ସଚେତନତା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ୧୦ଟି କ୍ଲଷ୍ଟରର ୫୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସ୍ଥାନୀୟ ସମିତି ସଭ୍ୟ ଗଙ୍ଗାଧର ମାହାରି, ବ୍ଲକ ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା ଓ ଅତିରିକ୍ତ ଶିକ୍ଷା ଅଧିକାରୀ କୁନି ଦେଈ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୭ଟି ବିଭାଗରେ ୭ ଜଣ କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକୁ ମନୋନୀତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ କିନ୍ତୁ ସର୍ବୋଚ୍ଚ ନମ୍ବର ରଖିଥିବା ୩ ଜଣ କୃତୀ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୮୦୦ , ୭୦୦ ଓ ୫୦୦ ଅର୍ଥରାଶି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବନମାଳି ନାୟକ, ପ୍ରତିଭା ମଞ୍ଜରୀ ପଟ୍ଟନାୟକ ଓ ସାନ୍ତନୁ କୁମାର ରାଉତରାୟ ବିଚାରକ ଭାବେ ଯୋଗ ଦେଇଥିଲେ।

## ଅବ୍ୟବସ୍ଥାରେ ଚିର୍କା ପ୍ରାଥମିକ ବିଦ୍ୟାଳୟ

# ଦୁଇଦିନ ହେଲା ମଧ୍ୟାହ୍ନଭୋଜନ ବନ୍ଦ




**କଳାହାଣ୍ଡି, ୩୦।୧ (ସଂଚାର ବ୍ୟୁରୋ):** ଥୁଆମୂଳ ରାମପୁର ବ୍ଲକ ଅଡ୍ରି ଗ୍ରାମ ପଞ୍ଚାଯତ ଅଧୀନ ସରକାରୀ ପ୍ରାଥମିକ ବିଦ୍ୟାଳୟ ଚିର୍କା ସ୍କୁଲ ଅବ୍ୟବସ୍ଥା ଘେରରେ ରହିଛି। ସ୍କୁଲରେ ଦୁଇ ଜଣ ଶିକ୍ଷକ କାର୍ଯ୍ୟରତ ଥିବାବେଳେ ପ୍ରଧାନ ଶିକ୍ଷକଙ୍କ ବୈମାତୃକ କାର୍ଯ୍ୟକଳାପ ନେଇ ଅଭିଯୋଗ ହେଉଛି। ଯାହାଫଳରେ ଛାତ୍ରଛାତ୍ରୀଙ୍କୁ ନିୟମିତ ସ୍କୁଲରେ ମଧ୍ୟାହ୍ନ ଭୋଜନ ନ ମିଳିବା ସହ ପାଠପଢ଼ାରୁ ବଞ୍ଚିତ ରହୁଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ରହିଥିବା ବେଳେ ୩୨ ଜଣ ପିଲା ପଢୁଛନ୍ତି । କିନ୍ତୁ ଜଣେ ମାତ୍ର ଶିକ୍ଷକଙ୍କ ଭରସାରେ ପାଠପଢା ଚାଲିଛି। ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଶିକ୍ଷକ ମନମୁଖି ଭାବେ ସ୍କୁଲକୁ ଆସନ୍ତି ଓ ଇଚ୍ଛା ଅନୁସାରେ ବିଦ୍ୟାଳୟ ଅଫିସରେ ତାଲା ପକାଇ ଚାଲିଯାଆନ୍ତି ବୋଲି ଅଭିଯୋଗ ହେଉଛି। ବର୍ଷବର୍ଷ ଧରି ବିଦ୍ୟାଳୟକୁ କବଜା କରିବା ସହ ପିଲାଙ୍କ ପାଇଁ ଆସୁଥିବା ମଧ୍ୟାହ୍ନ ଭୋଜନ ଚାଉଳ ଓ ସ୍କୁଲକୁ ଆସୁଥିବା ବିଭିନ୍ନ ଅନୁଦାନ ଅର୍ଥକୁ ମିଥ୍ୟା ବିଲ୍ ଦର୍ଶାଇ ହଡ଼ପ କରୁଥିବା ଚର୍ଚ୍ଚା ହେଉଛି। ତେଣୁ ପିଲାଙ୍କ ଭବିଷ୍ୟତ ଅନ୍ଧକାର ହେଉଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ବେଳେ ବେଳେ ମଧ୍ୟାହ୍ନ ଭୋଜନ ପିଲାଙ୍କୁ ଦିଆଯାଉ ନଥିବାରୁ ଭୋକ ଉପାସରେ ଘରକୁ ଯାଆନ୍ତି। ତେବେ ଗତ ୨୭ ଓ ୨୮ ତାରିଖରେ ପିଲାଙ୍କୁ ରନ୍ଧାଖାଦ୍ୟ ଦିଆଯାଇ ନଥିବା ଛାତ୍ରଛାତ୍ରୀ କହିଛନ୍ତି । ପ୍ରଧାନ ଶିକ୍ଷକଙ୍କ ମନମୁଖି ନୀତି ଯୋଗୁଁ ଛାତ୍ରଛାତ୍ରୀ ହଇରାଣ ହେଉଛନ୍ତି। ସେହିଭଳି କାର୍ଯ୍ୟରତ ସହ ଶିକ୍ଷକ ଜଣଙ୍କୁ ମଧ୍ୟ ପ୍ରଧାନଶିକ୍ଷକ ଅଣଦେଖା କରୁଛନ୍ତି। ଘରଠାରୁ ସ୍କୁଲ ମାତ୍ର ୧ କିମି ହୋଇଥିବା ବେଳେ ପ୍ରଧାନ ଶିକ୍ଷକ ନିୟମିତ ଯାଉନାହାନ୍ତି। ସେ ବ୍ଲକର ଅନ୍ୟ ସ୍କୁଲରେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ବିରୋଧରେ ମାଳ ମାଳ ଅଭିଯୋଗ ରହିଛି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ଶିକ୍ଷା ବିଭାଗ ନିରବଦ୍ରଷ୍ଟା ସାଜିଛି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ମହାକୁମ୍ଭରେ ଶେଷ ନିଶ୍ୱାସ ତ୍ୟାଗକଲେ ହିନ୍ଦୁ ନେତା

**ଖୋର୍ଦ୍ଧା, ୩୦।୧ (ସଂଚାର ବ୍ୟୁରୋ):** ପ୍ରୟାଗରାଜ ମହାକୁମ୍ଭର ସେକ୍ଟର୍ ୮ ଶିବିର ଦାୟିତ୍ୱରେ ଥିଲେ ସ୍ୱର୍ଗତଃ ସନ୍ତୋଷ ମିଶ୍ର । ମହାକୁମ୍ଭକୁ ଯାଉଥିବା ତୀର୍ଥଯାତ୍ରୀ ମାନଙ୍କୁ ସାହାଯ୍ୟ କରୁଥିଲେ। ବିଶେଷ କରି ଅନେକ ଓଡିଆଙ୍କୁ ସହାୟତା ପ୍ରଦାନ କରୁଥିଲେ । ଏକାଧାରରେ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ,ସର୍ବଭାରତୀୟ ବ୍ରାହ୍ମଣ ମହାସଭା, ପର୍ଶୁରାମ ବାହିନୀ, ଅଖିଳ ଭାରତୀୟ ହିନ୍ଦୁ ମହାସଭା, ପ୍ରଖର ରାଷ୍ଟ୍ରବାଦୀ ତଥା ଆମ ବିଚାର ପରିବାରର ଅନ୍ୟତମ ସଦସ୍ୟ ଏବଂ ଜଣେ ସଫଳ କ୍ରିକେଟ୍ ଖେଳାଳି, କୋଚ୍ ଏବଂ କ୍ରୀଡା ଉଦଘୋଷକ ଭାବେ ବେଶ୍ ପରିଚିତ ଥିଲେ ସ୍ୱର୍ଗତଃ ମିଶ୍ର । ଭୁବନେଶ୍ୱର ଲୋକସଭା ଆସନରୁ ହିନ୍ଦୁ ମହାସଭା ଟିକେଟରେ ଦୁଇଥର ନିର୍ବାଚନ ଲଢିଥିଲେ । ସ୍ୱର୍ଗତ ମିଶ୍ରଙ୍କ ନିଜ ଜନ୍ମସ୍ଥାନ ଖୋର୍ଦ୍ଧା ନିକଟବର୍ତ୍ତୀ ବାଜପୁର। ସେ ଗ୍ରାମରେ ଅବସ୍ଥାନ କରିବା ସହିତ ଅଖିଳ ଭାରତ ହିନ୍ଦୁ ମହାସଭା ଓଡିଶା ରାଜ୍ୟର ସାଧାରଣ ସମ୍ପାଦକ ଓ ରାଷ୍ଟ୍ରୀୟ ପ୍ରଚାରକ ଭାବରେ ଦାୟିତ୍ୱ ତୁଲାଉଥିଲେ । ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।





# ଗଞ୍ଜେଇ ଜବତ: ୫ ଗିରଫ

**ବ୍ରହ୍ମପୁର, ୩୦।୧ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ଆଜି ସକାଳୁ ସକାଳୁ ଏକ ଗଞ୍ଜେଇ ଚାଲାଣ ରାକେଟକୁ ଧରିବାରେ ସଫଳ ହୋଇଛି । ଗଞ୍ଜାମ ଜିଲ୍ଲା ଖଲିକୋଟ ଅଞ୍ଚଳର ମଥୁରା ଠାରେ ଏହି ଗଞ୍ଜେଇ ଜବତ କରାଯାଇଥିଲା। ବିଶ୍ୱାସ ସୂତ୍ରରୁ ଖବର ପାଇ ଅବକାରୀ ଗୁଇନ୍ଦା ବିଭାଗ ମଥୁରା ଠାରେ ଡେରା ପକାଇ ରହିଥିଲା । ଏହି ସମୟରେ ଏକ ଧଳା କାର ଯିବା ସମୟରେ ସନ୍ଦେହରେ ଅଟକାଇ ଯାଞ୍ଚ୍ କରିଥିଲେ । ଯାଞ୍ଚ୍ ବେଳେ କାର ଭିତରୁ ବସ୍ତା ବସ୍ତା ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲା ଅବକାରୀ ଗୁଇନ୍ଦା ବିଭାଗ। ସେଠାରେ ଗଞ୍ଜେଇକୁ ଜବତ କରିବା ସମୟରେ ଏକ ବାଇକ୍‌ରେ ଏହି କାରକୁ ସୁରକ୍ଷା ଦେଇ ଯାଉଥିବା ଅଭିଯୋଗରେ ଉଭୟ ବାଇକ୍ ଏବଂ କାରର ମାଲିକଙ୍କ ସମେତ ୫ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଯାଞ୍ଚ୍ ବେଳେ ଅବକାରୀ ଗୁଇନ୍ଦା ବିଭାଗ ଗୋଟିଏ କାର, ଗୋଟିଏ ବାଇକ୍, ୫ଟି ଦାମୀ ମୋବାଇଲ କୁ ଜବତ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ନୟାଗଡ଼ରେ ଷ୍ଟ୍ରବେରୀ ଫଳାଇଲେ ଦୁଇଭାଇ



- ଡାଇବେଟିସ ରୋଗୀଙ୍କ ପାଇଁ ଅତ୍ୟନ୍ତ ଫଳପ୍ରଦ

**ନୟାଗଡ଼, ୩୦।୧ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଗୋଳଗୋଳା ଗ୍ରାମରେ ଫଳିଲା ଷ୍ଟ୍ରବେରୀ । ଯାହା ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ସଫଳ ଚାଷୀ ତାରେଶ୍ୱର ପାଣି । ଦୁଇ ଭାଇ ମିଶି ଆରମ୍ଭ କରିଛନ୍ତି ଷ୍ଟ୍ରବେରୀ ଚାଷ । ତାରେଶ୍ୱର ଫୁଲବାଣୀ ଜିଲ୍ଲାରେ ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ଭାବେ ଅବସର ନେବା ପରେ ଷ୍ଟ୍ରବେରୀ ଚାଷରେ ମନୋ ନିବେଶ କରିଥିଲେ ଏବଂ ସଫଳ ମଧ୍ୟ ହୋଇଛନ୍ତି ।

ସେ କହିବା ମୁତାବକ ବିଗତ ସରକାର ତିନି ବର୍ଷ ତଳେ ରାଜ୍ୟର କନ୍ଧମାଳ, କୋରାପୁଟ ଓ ରାୟଗଡା ଜିଲ୍ଲାରେ ପରୀକ୍ଷା ମୁଳକ ଭାବେ ଷ୍ଟ୍ରବେରୀ ଚାଷ ଆରମ୍ଭ କରାଯାଇଥିଲା ଏବଂ ସେହି ତିନି ଗୋଟି ଜିଲ୍ଲାରେ ସଫଳତା ମିଳିଥିଲା । ନୟାଗଡ଼ ଜିଲ୍ଲାକୁ ଏ ବର୍ଷ ଏକ ହେକ୍ଟରର ପରୀକ୍ଷା ମୁଳକ ଭାବେ ଚାଷ କରିବା ପାଇଁ ଉଦ୍ୟାନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ନିଜ ଗାଁ ମାଟିରେ ୨୫ ଡିସିମିଲ ଜାଗାରେ ପ୍ରାରମ୍ଭିକ ଭାବେ ଆରମ୍ଭ କରିଥିଲେ । ସେ ଫୁଲବାଣୀରେ ଚାକିରୀ କରିଥିବା ସମୟରେ ଷ୍ଟ୍ରବେରୀର ଚାଷ ପ୍ରଣାଳୀ ବାବଦରେ କିଛି ଜ୍ଞାନ ଆହରଣ କରିଥିଲେ । ଏବେ ଗ୍ରାମରେ ଦୁଇ ଭାଇ ମିଶି ୨୫ ଡିସିମିଲ ଜାଗାରେ ଷ୍ଟ୍ରବେରୀ ଚାଷ ଏବର୍ଷ ଆରମ୍ଭ କରିଛନ୍ତି । ଏକ ଲକ୍ଷ ଟଙ୍କା ବ୍ୟୟରେ ଖର୍ଚ୍ଚ କରିବାକୁ ପଡିଛି ବୋଲି ସେ କହିଛନ୍ତି ।



ବାଲିଆ ମାଟି ଓ ଥଣ୍ଡା ସ୍ଥାନରେ ଏହି ଚାଷ ଭଲ ହୁଏ । କିନ୍ତୁ ସେ ଚିକିଟା ମାଟିରେ ଚାଷ କରି ସଫଳ ପାଇଛନ୍ତି । ଭୁବନେଶ୍ୱର ଅପେକ୍ଷା ଆମେ ମାନେ କମ ମୁଲ୍ୟରେ ବିକ୍ରିବଟା କରୁଥିବା କଥା ପ୍ରକାଶ କରିଛନ୍ତି । ଉଦ୍ୟାନ ବିଭାଗର ସହଯୋଗ ସେମାନଙ୍କୁ ପ୍ରେରଣା ଦେଇଛି । ଏହି ଷ୍ଟ୍ରବେରୀରେ ପ୍ରୋଟିନ, କ୍ୟାଲସିୟମ, ଆଇରନ, ପୋଟାସିୟମ ରହିଛି । ମୁଖ୍ୟତଃ ଡାଇବେଟିସ ରୋଗୀଙ୍କ ପାଇଁ ଏହି ଫଳଟି ଅତି ଫଳପ୍ରଦ । ବର୍ତ୍ତମାନ ବିକ୍ରିବଟା ନିମନ୍ତେ ବିଭିନ୍ନ ଫଳ ଦୋକାନ, କିଛି ସରକାରୀ ଚାକିରିଆ ଓ ବଲାଙ୍ଗି ପାର୍କ ନିକଟରେ ବିକ୍ରିବଟା କରୁଛନ୍ତି । ଦୈନିକ ୮ କିଲୋରୁ ୧୦ କିଲୋ ପର୍ଯ୍ୟନ୍ତ ଷ୍ଟ୍ରବେରୀ ବାହାରୁଛି । ନୟାଗଡ଼ ଜିଲ୍ଲାରେ ଷ୍ଟ୍ରବେରୀ ଚାଷ ସଫଳ ମିଳିଥିବାରୁ କୃଷକ ମାନଙ୍କ ମଧ୍ୟରେ ଆନନ୍ଦ ଖେଳି ଯାଇଛି । ଆଗାମୀ ଦିନରେ ଏହି ଚାଷ କରି ଚାଷୀ ମାନେ ଅଧୀକ ଲାଭ ବାନ ହୋଇପାରିବେ ।

# ଫେବୃଆରୀରେ ତିନି ଦଳ ନୂଆ ସଭାପତି

ଭୁବନେଶ୍ୱର,୩୦ା୧(ତଥ୍ୟ): ବିଜୁ ଜନତା ଦଳର ପରବର୍ତ୍ତୀ ରାଜ୍ୟ ସଭାପତି ପୁଣିଥରେ ନବୀନ ପଟ୍ଟନାୟକ ହେବା ଏକପ୍ରକାର ନିଶ୍ଚିତ ଥିବାବେଳେ କଂଗ୍ରେସ ଓ ଭାରତୀୟ ଜନତା ପାର୍ଟିର ରାଜ୍ୟ ଶାଖା ସଭାପତି କିଏ ହେବେ ସେଥିଘେନି ଏ ପର୍ଯ୍ୟନ୍ତ ସ୍ପଷ୍ଟ ଚିତ୍ର ମିଳୁନାହିଁ । ୧୯୯୭ ମସିହାରେ ବିଜୁ ଜନତା ଦଳ ସୃଷ୍ଟି ହେବା ପରଠାରୁ ଏଯାବତ୍ ନବୀନ ଏହାର ପ୍ରତିଷ୍ଠାତା ସଭାପତି ରହିଆସିଛନ୍ତି । ବିଜେଡିରେ ଦ୍ୱିତୀୟ ଧାଡ଼ିର ନେତୃତ୍ୱ ସୃଷ୍ଟି କରାଯାଇନଥିବାରୁ ନବୀନଙ୍କ ଉତ୍ତରାଧିକାରୀ କିଏ ହେବେ ସେଥିଘେନି ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଥିଲେ ମଧ୍ୟ ନବୀନଙ୍କୁ ପୁଣି ସଭାପତି କରି ଦଳ ତାହାର ସାଂଗଠନିକ ଶକ୍ତି ବଢ଼ାଇବ ବୋଲି ବରିଷ୍ଠ ନେତାମାନେ ସ୍ୱୀକାର କରୁଛନ୍ତି । ଇତିମଧ୍ୟରେ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ପୂରା ଦମ୍‌ରେ ଚାଲିବା ସହିତ ନିର୍ବାଚନ ପରିଚାଳନା ପାଇଁ ରିଟର୍ଣ୍ଣିଂ ଅଫିସର ମଧ୍ୟ ନିଯୁକ୍ତି ପାଇସାରିଛନ୍ତି। ମାସେ ଦୁଇମାସ ଭିତରେ ବିଜେଡିର ନିର୍ବାଚନ ପ୍ରକ୍ରିୟା ଶେଷ ହୋଇ ପୁଣି ଦଳର ଛାମୁଆ ସଂଗଠନଗୁଡ଼ିକର ମୁଙ୍ଗୁଆଳଙ୍କ ସମେତ ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରୀୟ କର୍ମକର୍ତ୍ତାଙ୍କ ନାମ ଘୋଷଣା ହୋଇପାରେ । ବିଜେପିର କେନ୍ଦ୍ରୀୟ ସଭାପତି ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ୨୦୨୪ର ନିର୍ବାଚନ ଦୃଷ୍ଟିରୁ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା। ଇତିମଧ୍ୟରେ ଶ୍ରୀ ନଡ୍ଡା କେନ୍ଦ୍ର ମନ୍ତ୍ରିମଣ୍ଡଳରେ ପୁଣିଥରେ ସାମିଲ ହୋଇଛନ୍ତି। ସାରା ଦେଶରେ ବିଜେପିର ସଦସ୍ୟ ସଂଗ୍ରହ ଅଭିଯାନ ସହିତ ବୁଥ୍ ସ୍ତରରୁ କେନ୍ଦ୍ର ସ୍ତର ପର୍ଯ୍ୟନ୍ତ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ଓଡ଼ିଶାର ପ୍ରାୟ ୨୩ଟି ଜିଲ୍ଲାର ସଭାପତିଙ୍କ ନାମ ବିଜେପି ଘୋଷଣା କରିସାରିଛି । ଗତ ନିର୍ବାଚନ ପୂର୍ବରୁ ମନମୋହନ ସାମଲଙ୍କୁ ପୁଣିଥରେ ଦଳର ରାଜ୍ୟ ସଭାପତି କରାଯାଇଥିଲା। ଏଥର ସାଂଗଠନିକ ନିର୍ବାଚନରେ ଶ୍ରୀ ସାମଲ ତାଙ୍କ ପଦବୀ ବଜାୟ ରଖିବେ କି ତାଙ୍କୁ ଅନ୍ୟ କୌଣସି ଦାୟିତ୍ୱ ଦିଆଯାଇ ତାଙ୍କ ସ୍ଥାନରେ ନୂଆ ରାଜ୍ୟ ସଭାପତି ବଛା ହେବେ ସେଥିଘେନି ଚର୍ଚ୍ଚା ଜୋର ଧରିଛି । ତେବେ ଫେବୃଆରୀ ମାସ ଭିତରେ ବିଜେପିର ଉଭୟ ରାଜ୍ୟ ଓ କେନ୍ଦ୍ର ସଭାପତିଙ୍କ ନାମ ଘୋଷିତ ହେବା ସମ୍ଭାବନା ଅଧିକ । ଦେଶର ସର୍ବ ପୁରାତନ ରଜାନୈତିକ ଦଳ କଂଗ୍ରେସ ଓଡ଼ିଶାରେ ଅତି ଦୟନୀୟ ସ୍ଥିତିରେ ରହିଛି । ଗତ ନିର୍ବାଚନ ପରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିକୁ କେନ୍ଦ୍ର ନେତୃତ୍ୱ ଭାଙ୍ଗି ଦେଇଛନ୍ତି । ପ୍ରାୟ ୭ମାସ ଧରି ଓଡ଼ିଶାର କଂଗ୍ରେସ ସଂଗଠନ ବିନା ମୁଙ୍ଗୁଆଳରେ ଚାଲିଛି। ଓଡ଼ିଶା ପାଇଁ ଥିବା କେନ୍ଦ୍ର ପ୍ରଭାରୀଙ୍କ ଦର୍ଶନ ଏଠି ମିଳୁନାହିଁ । ୬ମାସ ଧରି ଦଳର ନେତାମାନେ ଖୁବ୍‌ଶୀଘ୍ର ରାଜ୍ୟ ସଭାପତିଙ୍କ ସମେତ ପିସିସି ପୁନର୍ଗଠନ ହେବ ବୋଲି ବାରମ୍ବାର ତାରିଖ ଦେଇ ଫତୁଆ ହେଉଛନ୍ତି । ଏବେ କୁହାଯାଉଛି ଯେ ଦିଲ୍ଲୀ ନିର୍ବାଚନ ପରେ ଫେବୃଆରୀ ମାସରେ ନୂଆ ପିସିସି ସଭାପତିଙ୍କ ନାମ ଘୋଷଣା କରାଯାଇପାରେ । ଅନ୍ୟପକ୍ଷରେ ମୁଙ୍ଗୁଆଳ ନଥାଇ ବି ରାଜ୍ୟରେ ଦଳର ଉପସ୍ଥିତି ଜାହିର କରିବା ପାଇଁ ମଝିରେ ମଝିରେ ଅବଶ୍ୟ ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ କିଛିକିଛି କାର୍ଯ୍ୟକ୍ରମ ହେଉଛି । ବିଜେପି ଓ ବିଜେଡି ସେମାନଙ୍କ ସଂଗଠନ ବଢ଼ାଇବା ପାଇଁ ଉଦ୍ୟମ ଚଳାଇଥିବା ବେଳେ କଂଗ୍ରେସ ସଂଗଠନ କିନ୍ତୁ ଛିଡ଼ିଛିଡ଼ି ଚାଲିଛି । ଏଥିଯୋଗୁ କର୍ମୀ ମହଲରେ ନୈରାଶ୍ୟଭାବ ବୃଦ୍ଧି ପାଉଥିବାବେଳେ ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ କଂଗ୍ରେସ ପାଇଁ ପ୍ରମୁଖ ଆହ୍ୱାନ ହୋଇପାରେ ବୋଲି ଦଳୀୟ ନେତାମାନେ ଆଶଙ୍କାବ୍ୟକ୍ତ କରୁଥିଲେ ମଧ୍ୟ ହାଇକମାଣ୍ଡଙ୍କ ଆଗରେ କେହି ପାଟି ଖୋଲିପାରୁ ନାହାନ୍ତି । ମୋଟାମୋଟି ଭାବେ କେବଳ କଂଗ୍ରେସ କାହିଁକି, ରାଜ୍ୟ ବିଜେପି ଓ ବିଜେଡିର ନିର୍ବାଚନ ପ୍ରକ୍ରିୟା ଫେବୃଆରୀ ମାସରେ ଶେଷ ହେବା ଏକ ପ୍ରକାର ନିଶ୍ଚିତ ।

## ରାଜ୍ୟସ୍ତରୀୟ ସହିଦ ଦିବସରେ ଜାତିର ଜନକଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୩୦ା୧(ସଂଚାର ବ୍ୟୁରୋ): ବିଂଶ ଶତାବ୍ଦୀର ଶ୍ରେଷ୍ଠ ମାନବ ସତ୍ୟର ପୂଜାରୀ ତଥା ଅହିଂସାର ପ୍ରତୀକ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସକୁ ସହିଦ ଦିବସ ଭାବେ ପାଳନ କରାଯାଉଥିବା ବେଳେ ବିଧାନସଭା ପରିସରରେ ଆଜି ପୂର୍ବାହ୍ନରେ ରାଜ୍ୟସ୍ତରୀୟ ଶହୀଦ ଦିବସ ପହାସପାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ବାଚସ୍ପତି ସୁରମା ପାଢ଼ୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ସୌଭିକ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ସେଠୀ, ଲକ୍ଷ୍ମଣ ବାଗ୍ ପ୍ରମୁଖ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଓଡ଼ିଶା ପୁଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଙ୍ଗୀତ ବାଦନ କରାଯାଇଥିଲା। ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ରର କଣ୍ଠଶିଳ୍ପୀ ଗାନ୍ଧିଜୀଙ୍କ ପ୍ରିୟ ଆଶ୍ରମ ଭଜନ 'ବୈଷ୍ଣବ ଜନତୋ...' ପରିବେଷଣ କରିଥିଲେ। ପୁଲିସ ବାହିନୀ ଦ୍ୱାରା ବୀର ସହିଦମାନଙ୍କୁ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଓଡ଼ିଶା ପୁଲିସ ପକ୍ଷରୁ ବ୍ୟାଣ୍ଡ ଦ୍ୱାରା ରାମଧୂନ ଓ ଜାତୀୟ ସଙ୍ଗୀତ ବାଦନ କରାଯାଇଥିଲା। ଏହି ଅବସରରେ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ବିଧାନସଭା ସଚିବ ଦାଶରଥୀ ଶତପଥୀ, ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିବରାମ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା




ସ୍ମରଣିକା ଉନ୍ମୋଚନ କଲେ ଭାଗବତ

ଭୁବନେଶ୍ୱର,୩୦ା୧(ସଂଚାର ବ୍ୟୁରୋ): ସ୍ଥାନୀୟ ଜୟଦେବ ଭବନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ପ୍ରମୁଖ ସଂଗଠକ ଶିବରାମ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଛି। ସଂଘ ସରସଂଘଚାଳକ ଡ. ମୋହନ ଭାଗବତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଛନ୍ତି। ଏହି ଅବସରରେ ଶ୍ରୀ ଭାଗବତ କହିଛନ୍ତି ଯେ ଶରୀର ରହିବ ନାହିଁ, କିନ୍ତୁ କୀର୍ତ୍ତି ରହିଯିବ। ସେଭଳି ବ୍ୟକ୍ତିବିଶେଷ ଥିଲେ ସ୍ୱର୍ଗତ ଶିବରାମ। ପାଦେ ପାଦେରେ ମାର୍ଗଦର୍ଶନ କରିବାର କଳା ତାଙ୍କ ପାଖରେ ଥିଲା। ସଂଘରେ ସମସ୍ତଙ୍କୁ ଗୋଟିଏ ସୂତାରେ ବାନ୍ଧି କାମ କେମିତି କରାଯାଏ, ତାହା ବେଶ୍ ଭଲ ଭାବେ ଜାଣିଥିଲେ ଶିବରାମ। ସେ ଜଣେ ସଂଘର ଲୋକ ସଂଗ୍ରହକାରୀ କାର୍ଯ୍ୟକର୍ତ୍ତା ଥିଲେ। ସେ ସଂଘର କାମକୁ ନେଇ ଜୀଇଥିଲେ। ତାଙ୍କ ଦକ୍ଷତା ସମ୍ପର୍କରେ ଜୀବିତ ଅବସ୍ଥାରେ ବିଶେଷ କିଛି ଜଣାପଡୁନଥିଲା। କିନ୍ତୁ ସେ ପ୍ରକୃତରେ ଥିଲେ ଅଲୌକିକ ବ୍ୟକ୍ତିବିଶେଷ। ତାଙ୍କୁ ଶେଷ ଦର୍ଶନ କରି ନ ପାରିବା ମୋ ଜୀବନର ସବୁଠାରୁ ବଡ଼ ଅବସୋସ ହୋଇ ରହିଛି। ତାଙ୍କୁ ସ୍ମରଣ କରି ଆଗକୁ ବଢ଼ିଲେ ହିଁ ସମାଜରେ ସେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବେ ବୋଲି ଶ୍ରୀ ଭାଗବତ କହିଛନ୍ତି। ଏହି ଅବସରରେ ଶିବରାମଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମରଣିକାକୁ ଶ୍ରୀ ଭାଗବତ ଉନ୍ମୋଚନ କରିଛନ୍ତି।

## ୩ରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

● ଆଜି ୧୧ଟାଠାରୁ ପଞ୍ଜୀକରଣ

ଭୁବନେଶ୍ୱର,୩୦ା୧(ସଂଚାର ବ୍ୟୁରୋ): ଆସନ୍ତା ୩ ତାରିଖ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନରେ ପଞ୍ଜୀକରଣ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହେବ। ଏଥିରେ ସର୍ବାଧିକ ୧ ହଜାର ଜଣ ନାମ ପଞ୍ଜୀକରଣ କରିପାରିବେ। ଏଥିପାଇଁ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଓ ବ୍ୟକ୍ତିଗତ ପରିଚୟପତ୍ର ଏବଂ ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ଉତ୍କଳ ଓଡ଼ିଶା କନ୍‌କ୍ଲେଭ୍ ଓ ପ୍ରବାସୀ ଭାରତୀୟ ସମ୍ମିଳନୀ ସକାଶେ ଗତ କିଛି ଦିନ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିଥିଲା। କିନ୍ତୁ ଆସନ୍ତା ସୋମବାରଠାରୁ ଏହା ନିୟମିତ ଭାବେ ଚାଲୁ ରହିବ।

## ଚୋରି ମାମଲାରେ ୪ ଗିରଫ

● ଟଙ୍କା, ସୁନା ,ମୋବାଇଲ, କମ୍ପ୍ୟୁଟର ଜବତ୍



ବ୍ରହ୍ମପୁର, ୩୦ା୧ (ସଂଚାର ବ୍ୟୁରୋ): ଏକ ଚୋରି ଘଟଣାରେ ବ୍ରହ୍ମପୁର ପୋଲିସକୁ ବଡ ସଫଳତା ମିଳିଛି। ଗୋଳନ୍ଥରା ଥାନା ଅନ୍ତର୍ଗତ ରାଳବ ଗ୍ରାମରେ ହୋଇଥିବା ଚୋରି ମାମଲାରେ ୪ଜଣଙ୍କୁ ପୋଲିସ୍ ଗିରଫ କରିଛି। ସେମାନଙ୍କ ନିକଟରୁ ଚୋରି ହୋଇଥିବା ୧ଲକ୍ଷ ୪୦ ହଜାର ନଗଦ ଟଙ୍କା,୫୬ଗ୍ରାମର ବିଭିନ୍ନ ସୁନା ଅଳଙ୍କାର ସମେତ ଘରର ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ରାଳବ ରୋଡରେ ରହୁଥିବା ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ ନିଜ ଘରୁ ଚୋରି ହୋଇଥିବା ନେଇ ଡିସେମ୍ବର ମାସ ୧୯ ତାରିଖରେ ଗୋଳନ୍ଥରା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ କରି ପୋଲିସ ଦିଗପହଣ୍ଡି ଥାନା ଅନ୍ତର୍ଗତ ଭିଷ୍ଣୁଗିରୀ ର ଇଞ୍ଜିନିୟରିଂ ଛାତ୍ର ସିଲୁ ନାୟକ, ବିକାଶ ବିଷୋୟୀ,ପାଟପୁର ଥାନା ଅନ୍ତର୍ଗତ ବିଛାପଟ ଗ୍ରାମର କାଳିଆ ବେହେରାଙ୍କ ସମେତ ଚୋରି ସାମଗ୍ରୀ ରଖିବା ଅଭିଯୋଗରେ ବୋରସିଂ ଗ୍ରାମର ଶରତ କୁମାର ନାୟକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବ୍ରହ୍ମପୁର ଏସ.ପି ଡ଼ା ସର୍ବଣା ବିବେକ ଏମ୍ ସୂଚନା ପ୍ରଦାନ କରିଛନ୍ତି।

## ହଷ୍ଟେଲରୁ ୧୫ ଛାତ୍ର ଫେରାର ଘଟଣା: ପ୍ରଧାନଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କଲେ ବିଇଓ




ବଣାଇଁ,୩୦ା୧(ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ମହୁଲପଦା ଥାନା ଅନ୍ତର୍ଗତ ସିହିଡିଆ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଥିବା ଛାତ୍ରାବାସରୁ ଗତ ୨୮ ତାରିଖ ରାତିରେ ୧୫ ଜଣ ଛାତ୍ର ଏକାସାଙ୍ଗରେ ଫେରାର ହୋଇଯାଇଥିବା ଘଟଣାରେ ଗୁରୁବାର ବଣାଇଁ ବିଇଓ ସୁନୀଲ ମୁଣ୍ଡ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦ୍ରୌପଦୀ ସାହୁଙ୍କୁ ନିଲମ୍ବନ ଆଦେଶ ଦେଇଛନ୍ତି। ଛାତ୍ର ମିଳିବା ପରେ କାରଣ ସ୍ପଷ୍ଟ ହୋଇଥିଲା। ସମ୍ପୃକ୍ତ ବିଦ୍ୟାଳୟରେ ଥିବା ଏକ ଆଦିବାସୀ ଛାତ୍ରାବାସରେ ସମୁଦାୟ ୩୭ ଜଣ ଛାତ୍ର ରହୁଥିଲେ। ସେମାନଙ୍କ ମଧ୍ୟରୁ ତୃତୀୟ-ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ୧୫ଜଣ କୋମଳମତି ଛାତ୍ର ସେଦିନ ରାତି ଫେରାର ହୋଇଯାଇଥିଲେ। ପରେ ପାଟ୍ରୋଲିଂ କରୁଥିବା ବାରକୋଟ ପୋଲିସ ଦ୍ୱାରା ଫେରାର ଛାତ୍ର ଉଦ୍ଧାର ହେବା ପରେ ପୋଲିସ ବିଦ୍ୟାଳୟର ଶିକ୍ଷକ ଜିମାରେ ପିଲାମାନଙ୍କୁ ଛାଡିଥିଲେ। ଗତକାଲି ଖବର ପ୍ରଚାରିତ ହେବା ପରେ ସୁନ୍ଦରଗଡ଼ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନଙ୍କ ତଦନ୍ତ ନିର୍ଦ୍ଦେଶ ପାଇ ବଣାଇଁ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁରାମ ମହାନ୍ତ ତଦନ୍ତ କରିଥିଲେ। ତଦନ୍ତ ପରେ ସମ୍ପୃକ୍ତ ବିଦ୍ୟାଳୟ ଛାତ୍ରାବାସରେ ରହୁଥିବା ରୋଷେୟା ତଥା ପରିଚାରକ ଅମିତ କୁମାର ପାହୁଲେଙ୍କ ବ୍ୟବହାର ଭଲ ଲାଗୁ ନ ଥିଲା ତେଣୁ ପଳେଇ ଯାଇଥିଲେ ବୋଲି ସେ ସ୍ପଷ୍ଟ କରିଥିଲେ। ଅପରପକ୍ଷେ ସମ୍ପୃକ୍ତ ବିଦ୍ୟାଳୟଟି ଗଣଶିକ୍ଷା ବିଭାଗର ହୋଇଥିଲେ ମଧ୍ୟ ଛାତ୍ରାବାସଟି ଆଦିବାସୀ ଉନ୍ନୟନ ବିଭାଗର ହୋଇଥିବାରୁ ତାଙ୍କ ବିଭାଗକୁ ତଦନ୍ତ ରିପୋର୍ଟ ଦେଲା ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଥିଲେ। ଆଜି ଶିକ୍ଷା ବିଭାଗ ପକ୍ଷରୁ ବଣାଇଁ ବିଇଓ ସୁନୀଲ ମୁଣ୍ଡ ସମ୍ପୃକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦ୍ରୌପଦୀ ସାହୁଙ୍କୁ କାର୍ଯ୍ୟରେ ଅବହେଳା ଦର୍ଶାଇ ନିଲମ୍ବନ କରାଯାଇଛି।

ଓଡ଼ିଶାରେ ନିବେଶ ପାଇଁ ଗୁଜରାଟର ମେଗା ଫୁଡ୍ ପାର୍କ ଆଗ୍ରହୀ

## ଏଫ୍‌ପିୟୁ ଓ ଶୀତଳଭଣ୍ଡାର ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା

ଭୁବନେଶ୍ୱର,୩୦ା୧(ସଂଚାର ବ୍ୟୁରୋ): ଗତକାଲି 'ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍' ସଫଳତାର ସହ ଶେଷ ହେବା ପରେ ବି ରାଜ୍ୟକୁ ନିବେଶକଙ୍କ ସୁଅ ଛୁଟିବାରେ ଲାଗିଛି। ଆଶାନୁପାତରେ ପାଖାପାଖି ୩ ଗୁଣ ପୁଞ୍ଜି ନିବେଶ ପାଇଁ ଚୁକ୍ତିନାମା ହୋଇଥିବା ବେଳେ ଆଜି ଗୁଜରାଟର ଏକ କମ୍ପାନୀ ରାଜ୍ୟରେ ନିବେଶ ପାଇଁ ଆଗ୍ରହୀ ଥିବା ବେଳେ ଏନେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ସହ ଆଲୋଚନା କରିଛି। ଗୁଜରାଟର ଫଣିଧର ଗ୍ରୁପ ଓଡ଼ିଶାରେ ଶୀତଳଭଣ୍ଡାର ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ (ଏଫ୍‌ପିୟୁ) ପ୍ରତିଷ୍ଠା ପାଇଁ ଆଗ୍ରହ ଦେଖାଇଛି। ଏହି ପରିପ୍ରେକ୍ଷୀରେ ଗ୍ରୁପର ଚେୟାରମ୍ୟାନ କୃଣାଳ ପଟେଲ ଓ ପ୍ରେସିଡେଣ୍ଟ ଡ. ବିଭୁ ପ୍ରସାଦ ସ୍ୱାଇଁ ଉପମୁଖ୍ୟମନ୍ତ୍ରୀଙ୍କ ସହ ବିଶଦ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ଉପମୁଖ୍ୟମନ୍ତ୍ରୀ କୃଷିଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଓଡ଼ିଶା ସରକାର ନିବେଶକ ଅନୁକୂଳ ନୀତି ନିର୍ଦ୍ଧାରିତ କରିଛନ୍ତି। ଏତଦବ୍ୟତୀତ ବିଭିନ୍ନ ଯୋଜନା ମାଧ୍ୟମରେ ସବସିଡି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଦିଆଯାଉଥିବା ସୁବିଧାର ଫାଇଦା ମଧ୍ୟ ଏହି କମ୍ପାନୀ ପାଇପାରିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ଫଣିଧର ଗ୍ରୁପ ଗୁଜରାଟର ଏକ ଜଣାଶୁଣା କୃଷି ଉଦ୍ୟୋଗ ଓ ମେହେସାନାଠାରେ ଏହାର ଏକ ମେଗା ଫୁଡ୍ ପାର୍କ ରହିଛି। ଆଗାମୀ ଦିନରେ ଏହି ଗ୍ରୁପ୍ ଓଡ଼ିଶାରେ ମଧ୍ୟ ଏଭଳି ଏକ ମେଗା ଫୁଡ୍ ପାର୍କ ଖୋଲିବା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛି। ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀଙ୍କ ସହ ସମ୍ପୃକ୍ତ କମ୍ପାନୀର ଚେୟାରମ୍ୟାନ ଓ ପ୍ରେସିଡେଣ୍ଟ ଓଡ଼ିଶାର ବିଭିନ୍ନ ଯୋଜନା ଓ ପ୍ରଣାଳୀ ବାବଦରେ ଆଲୋଚନା କରିସାରିଛନ୍ତି। ଏହି ସାକ୍ଷାତାଲୋଚନାରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ୍ ପୱନ କଲ୍ୟାଣ ମଧ୍ୟ ଉପସ୍ଥିତ ଥିଲେ।



## ୨ରେ ପାଳନ ହେବ ସରସ୍ୱତୀ ପୂଜା

● ସକାଳ ୯.୨୩ ସୁଦ୍ଧା ପ୍ରକୃଷ୍ଟ ସମୟ



ଭୁବନେଶ୍ୱର,୩୦ା୧(ସଂଚାର ବ୍ୟୁରୋ): ଚଳିତ ସପ୍ତାହ ଶେଷରେ ସରସ୍ୱତୀ ପୂଜା ପଡୁଥିଲେ ହେଁ ଏହା କେଉଁଦିନ ପାଳନ ହେବ, ଏହାକୁ ନେଇ ଯଥେଷ୍ଟ ଦ୍ୱନ୍ଦ୍ୱ ଉପୁଜିଥିଲା। କିନ୍ତୁ ଆଜି ଏହି ଦ୍ୱନ୍ଦ୍ୱ ଦୂର କରିଛନ୍ତି ଶ୍ରୀମନ୍ଦିର ନୀତି ପ୍ରଶାସକ। ତାଙ୍କ କହିବାନୁସାରେ, ଆସନ୍ତା ୨ କି ୩ ତାରିଖରେ ସରସ୍ୱତୀ ପୂଜା ପାଳନ କରାଯିବା ନେଇ ଯେଉଁ ଦ୍ୱନ୍ଦ୍ୱ ଥିଲା, ତାହା ଏବେ ଦୂର ହୋଇଛି। କାରଣ ଆସନ୍ତା ୨ ତାରିଖରେ ସରସ୍ୱତୀ ପୂଜା ପାଳନ ହେବା ବିଧେୟ। ଅଧିକନ୍ତୁ ଉକ୍ତ ଦିନ ପୂର୍ବାହ୍ନ ୯ଟା ୨୩ ମିନିଟ୍ ମଧ୍ୟରେ ଏହି ପୂଜା ପାଳନ କରାଯିବାର ପ୍ରକୃଷ୍ଟ ସମୟ। ଏନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ କହିଛନ୍ତି ଯେ ଫେବୃଆରୀ ୨ ତାରିଖରେ ସରସ୍ୱତୀ ପୂଜା ପାଳିତ ହେବ ଓ ଉକ୍ତ ଦିନ ରଥ କାଠ ଅନୁକୂଳ କରାଯିବ। ସେହିପରି ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ନରେଶ ଦାଶ କହିଛନ୍ତି ଯେ ୨ ତାରିଖରେ ସରସ୍ୱତୀ ପୂଜା ପାଳନ ହେବ। ଏଥିରେ କୌଣସି ଦ୍ୱିମତ ନାହିଁ। ଶାସ୍ତ୍ର ଅନୁସାରେ 'ଉଦୟା ବ୍ୟାପିନି, ପୂର୍ବାହ୍ନ କାଳ ଏବ କର୍ମ କାଳ'। ଅର୍ଥାତ ସରସ୍ୱତୀ ପୂଜା ପୂର୍ବାହ୍ନ କାଳରେ କରିବା ବିଧେୟ। ୨ ତାରିଖ ଦିନ ଚତୁର୍ଥୀ ତିଥି ସକାଳ ୯ଟା ୨୩ ମିନିଟ୍ ପର୍ଯ୍ୟନ୍ତ ରହୁଛି, ତା'ପରେ ପଞ୍ଚମୀ ତିଥି ପ୍ରବେଶ କରିବ। ଏଥିପାଇଁ ପୂର୍ବାହ୍ନ ସମୟରେ ମା' ସରସ୍ୱତୀଙ୍କୁ ପୂଜା କରିବାର ପ୍ରକୃଷ୍ଟ ସମୟ। ଏହି ଦିନ ମା' ସରସ୍ୱତୀଙ୍କୁ ପୂଜା କରାଗଲେ ସିଦ୍ଧି ପ୍ରାପ୍ତି ସମ୍ଭାବନା ରହିଛି ବୋଲି ପଣ୍ଡିତ ଦାଶ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଆସନ୍ତା ୩ ତାରିଖରେ ୧ ଦଣ୍ଡ ୧୮ ଲିତା ଅର୍ଥାତ୍ ୬ଟା ୫୬ ମିନିଟ ପର୍ଯ୍ୟନ୍ତ ରହୁଛି ଶ୍ରୀପଞ୍ଚମୀ। ତା'ପରେ ଷଷ୍ଠୀ ତିଥି ଆସୁଛି। ମାଘ ମାସରେ ପଞ୍ଚମୀ ତିଥିରେ ସରସ୍ୱତୀ ପୂଜା କରିବାର ବିଧି ରହିଛି। ତେଣୁ ୩ ତାରିଖରେ ପୂଜା ହେବାର ସମ୍ଭାବନା ଆଦୌ ନାହିଁ ବୋଲି ପଣ୍ଡିତ ଦାଶ କହିଛନ୍ତି। ସୂଚନାଯୋଗ୍ୟ ଯେ କେଉଁଦିନ ସରସ୍ୱତୀ ପୂଜା ପାଳନ ହେବ, ସେନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। କେତେକ ପାଞ୍ଜି ୨ ତାରିଖରେ ପଞ୍ଚମୀ ପଡୁଥିବା ଲେଖିଥିବାବେଳେ ଆଉ କେତେକ ପାଞ୍ଜିରେ ୩ ତାରିଖ ସୋମବାର ସକାଳେ ପଞ୍ଚମୀ ଥିବାରୁ ଉକ୍ତଦିନ ସରସ୍ୱତୀ ପୂଜା ହେବ ବୋଲି ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ଭକ୍ତମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଥିଲା। କିନ୍ତୁ ଏବେ ଏହି ଦ୍ୱନ୍ଦ୍ୱରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

## ଆସନ୍ତା ଶନିବାର ମହାପ୍ରଭୁଙ୍କ ଦୁର୍ଲ୍ଲଭ ପଦ୍ମବେଶ

ପୁରୀ,୩୦ା୧(ସଂଚାର ବ୍ୟୁରୋ): ଆସନ୍ତା ଶନିବାର ମହାପ୍ରଭୁଙ୍କ ଦୁର୍ଲ୍ଲଭ ପଦ୍ମବେଶ। ପଦ୍ମବେଶରେ ସଜ୍ଜିତ ହେବେ ଶ୍ରୀଜୀଉ । ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ପଦ୍ମ ଫୁଲରେ ବିଭୁଷିତ ହେବେ ଚତୁର୍ଦ୍ଧାମୂର୍ତ୍ତୀ । ବଡଛତା ମଠ ତରଫରୁ ଏହି ବେଶ ପ୍ରସ୍ତୁତି କରାଯାଇଥାଏ। ମହାପ୍ରଭୁଙ୍କର ପଦ୍ମ ବେଶ ପାଇଁ ଶେଷ ସ୍ପର୍ଶ ଦେଉଛନ୍ତି କାରିଗର। ଆସନ୍ତା ଶନିବାର ମହାପ୍ରଭୁଙ୍କ ଦୁର୍ଲ୍ଲଭ ପଦ୍ମବେଶ। ଏଥର କଳାଘୋଡ଼ ସହ ପଦ୍ମଫୁଲରେ ସଜ୍ଜିତ ହେବେ କାଳିଆ ସାଆନ୍ତ, ବଡ଼ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ମାଆ ସୁଭଦ୍ରା । ଏଥିପାଇଁ ଜୋରସୋରରେ ଚାଲିଛି ପ୍ରସ୍ତୁତି କାମ। କାରିଗରମାନେ ବଡ଼ଛତା ମଠ ପକ୍ଷରୁ ପ୍ରଦତ୍ତ ବେଶ ସାମଗ୍ରୀରେ ଏକ ମାସ ଧରି ଶୁଦ୍ଧପୁତ ଭାବେ ପଦ୍ମବେଶ ପ୍ରସ୍ତୁତିରେ ଲାଗିଛନ୍ତି ।

## ୧୦ ଲକ୍ଷ ନିଯୁକ୍ତି ଦେଇଛି ଖଦି ବିପ୍ଳବ: ଭର୍ତ୍ତୃହରି

କଟକ,୩୦ା୧(ସଂଚାର ବ୍ୟୁରୋ): ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଖଦି ଓ ଗ୍ରାମୋଦ୍ୟୋଗ କମିଶନ (କେଭିଆଇସି)ଙ୍କ ପକ୍ଷରୁ ଗ୍ରାମୋଦ୍ୟୋଗ ବିକାଶ ଯୋଜନା (ଜିଭିୱାଇ) ଅନ୍ତର୍ଗତ ସ୍ଥାନୀୟ ଜବାହରଲାଲ ଇନଡୋର ଷ୍ଟାଡିୟମରେ ହିତାଧିକାରୀମାନଙ୍କୁ ଯନ୍ତ୍ରାଂଶ ଓ ଟୁଲକିଟ ବଣ୍ଟନ କରାଯାଇଛି। ଏଥିସହ ଗତକାଲି ସ୍ଥାନୀୟ ଖ୍ରୀଷ୍ଟିଆନ ପଡ଼ିଆରେ ରାଜ୍ୟସ୍ତରୀୟ ଖଦି ଓ ପିଏମଇଜିପି ପ୍ରଦର୍ଶନୀ ଉଦଘାଟିତ ହୋଇଛି। କାର୍ଯ୍ୟକ୍ରମରେ କେଭିଆଇସି ଅଧ୍ୟକ୍ଷ ମନୋଜ କୁମାର, ସ୍ଥାନୀୟ



ସାଂସଦ ଭର୍ତ୍ତୃହରି ମହତାବ, କେଭିଆଇସି ପୂର୍ବାଞ୍ଚଳ ସଦସ୍ୟ ମନୋଜ କୁମାର ସିଂ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ, ଭୁବନେଶ୍ୱର ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଚିବ ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟସ୍ତରୀୟ ଖଦି ଓ ପିଏମଇଜିପିର ମିଳିତ ପ୍ରଦର୍ଶନୀରେ ୫୦ଟି ଲେଖାଏଁ ଖଦି ଓ ପିଏମଇଜିପି ଷ୍ଟଲ ପଡ଼ିଛି। ଏଥିରେ ଖଦି ଅନୁଷ୍ଠାନର ବିଭିନ୍ନ ଉତ୍ପାଦ, ଗ୍ରାମ୍ୟ ଶିଳ୍ପ ୟୁନିଟ, ପିଏମଇଜିପି, ଆରଇଜିପି, ଏସଏଫୟୁଆରଟି ଯୋଜନାର ବିଭିନ୍ନ ୟୁନିଟ୍ ନିଜର ଉତ୍ପାଦ ବିକ୍ରି କରୁଛନ୍ତି। ହସ୍ତତନ୍ତ, ଖଦିବୁଣା, ମାଟିପାତ୍ର ତିଆରି, ହାତ ତିଆରି କାଗଜ ଶିଳ୍ପ ପରି ବିଭିନ୍ନ ଉତ୍ପାଦ ମଧ୍ୟ ପ୍ରଦର୍ଶିତ ହେଉଛି। ସାଧାରଣ ଜନତା ପାଇଁ ଏହି ପ୍ରଦର୍ଶନୀ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ପ୍ରଦର୍ଶନୀରେ ଖଦି ଓ ଗ୍ରାମୋଦ୍ୟୋଗ ଉତ୍ପାଦ ପ୍ରଦର୍ଶନ ସହ ସ୍ଥାନୀୟ କାରିଗରମାନଙ୍କ ପାଇଁ ଉପଯୁକ୍ତ ବଜାର ସୃଷ୍ଟି କରିବାର ଲକ୍ଷ୍ୟ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ ଓ ଭୋକାଲ ଫର ଲୋକାଲ ମିଶନକୁ ସାକାର କରିବା ପାଇଁ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଥିବା କୁହାଯାଇଛି।ଉଦ୍‌ଘାଟନୀ ଉତ୍ସବରେ କେଭିଆଇସି ଅଧ୍ୟକ୍ଷ ଶ୍ରୀ କୁମାର ୧୩୬ଟି ଇଲେକ୍ଟ୍ରିକ ମାଟିର ଚକା, ୫୦ଟି ମହୁ ବାକ୍ସ, ୪୦ଟି ତାଳଗୁଡ଼ ପ୍ରସ୍ତୁତି ମେସିନ, ୮ଟି କାଗଜ ଥାଳି ପ୍ରସ୍ତୁତି ମେସିନ, ଗୋଟିଏ ମସଲା ପ୍ରସ୍ତୁତି ୟୁନିଟ, ଗୋଟିଏ ହାଇଡ୍ରା ମେସିନ, ଗୋଟିଏ ସବାଇ ଘାସ ମେସିନ ବିତରଣ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଓଡ଼ିଶାର ପ୍ରତି କାରିଗରଙ୍କୁ ଆତ୍ମନିର୍ଭର କରିବା ପାଇଁ କେଭିଆଇସି ଲକ୍ଷ୍ୟ ରଖିଛି। ନିଜ କାମକୁ ସରଳ ଓ ସହଜ କରିବା ସହ ଆତ୍ମନିର୍ଭର

**ରାଜ୍ୟସ୍ତରୀୟ ଖଦି-ପିଏମଇଜିପି ପ୍ରଦର୍ଶନୀରେ ଟୁଲକିଟ ଓ ଯନ୍ତ୍ରାଂଶ ବିତରଣ**

ଭାରତ ସୃଷ୍ଟି ଦିଗରେ ଏହି ଯନ୍ତ୍ରପାତି ବିଶେଷ ସହାୟକ ହେବ ବୋଲି କୁହାଯାଇଛି। ସେହିପରି ଖ୍ରୀଷ୍ଟିଆନ ପଡ଼ିଆରେ ଅନୁଷ୍ଠିତ ପ୍ରଦର୍ଶନୀରେ ଯୋଗଦେବା ଅବସରରେ ସାଂସଦ ଶ୍ରୀ ମହତାବ କହିଛନ୍ତି ଯେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶକୁ ଖଦି ପ୍ରତିଫଳିତ କରୁଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଖଦି ଓ ଗ୍ରାମୋଦ୍ୟୋଗକୁ ଅଭୂତପୂର୍ବ ସଫଳତା ମିଳିଛି। ଆତ୍ମନିର୍ଭର ଭାରତ ଅଭିଯାନରେ ପାଦେ ଆଗକୁ ଯାଇ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବା ପାଇଁ ଏହି ପ୍ରଦର୍ଶନୀ ଯଥେଷ୍ଟ ଖୋରାକ ଯୋଗାଇବ। ଖଦି ବିପ୍ଳବ ଯୋଗୁଁ ଗତ ଦଶ ବର୍ଷ ଭିତରେ ୧୦.୧୭ ଲକ୍ଷ ଲୋକଙ୍କୁ ନିଯୁକ୍ତି ମିଳିବା ସହ ପ୍ରାୟ ୧.୫୫ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ସମ୍ଭବପର ହୋଇପାରିଥିବା ଶ୍ରୀ ମହତାବ କହିଛନ୍ତି। ସେହିପରି ଶ୍ରୀ କୁମାର କହିଛନ୍ତି ଯେ ଓଡ଼ିଶାରେ ପ୍ରାୟ ୮୮ଟି ଖଦି ଅନୁଷ୍ଠାନ କାର୍ଯ୍ୟ କରୁଥିବା ବେଳେ ଗତ ୫ ବର୍ଷ ଭିତରେ ୮୬.୫୮ କୋଟି ଟଙ୍କାର ଉତ୍ପାଦ ପ୍ରସ୍ତୁତ କରାଯାଇ ୯୪.୪୦ କୋଟି ଟଙ୍କାର ବ୍ୟବସାୟ ହୋଇଛି। ଫଳରେ ପ୍ରାୟ ୨୨୬୭ ବୁଣାକାର ନିଯୁକ୍ତି ସୁଯୋଗ ପାଇଛନ୍ତି। ଏହାଛଡା ପିଏମଇଜିପି ଅଧୀନରେ ଗତ ୫ ବର୍ଷ ଭିତରେ ୧୭୦୫୦ ନୂଆ ଶିଳ୍ପ ଗଢ଼ିଉଠିଛି, ଯାହା ୧ ଲକ୍ଷ ୪୩ ହଜାର ୧୦୯ ଚାକିରି ସୁଯୋଗ ସୃଷ୍ଟି ହୋଇପାରିଛି। ଏମଡିଟିସି, କେଭିଆଇସି ଭୁବନେଶ୍ୱର ମାଧ୍ୟମରେ ୨୪୪୪ ଜଣ କାରିଗରଙ୍କୁ ଅଧିକ କୁଶଳୀ କରାଯାଇପାରିଛି। ଖଦି ବିକାଶ ଯୋଜନା ଓ ଏସଏଫୟୁଆରଟିଆଇ ଯୋଜନା ଅଧୀନରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

## ହାଇୱା ପଛରେ ପିଟିହେଲା ବାଇକ: ୨ ମୃତ, ଜଣେ ଗୁରୁତର

ଆନନ୍ଦପୁର,୩୦ା୧(ସଂଚାର ବ୍ୟୁରୋ): ଘଷିପୁରା ଥାନା ଅନ୍ତର୍ଗତ ୨୦ ନଂ ଜାତୀୟ ରାଜପଥରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ସ୍ଥାନୀୟ ବିଜି ମୋଟର୍ସ ନିକଟରେ ଏକ ହାଇୱାକୁ ବାଇକ ପଛପଟୁ ଧକ୍କା ଦେବା ଫଳରେ ଏପରି ଅଘଟଣ ଘଟିଛି। ଗୁରୁତର ଭାବେ ଆହତ ବ୍ୟକ୍ତିଙ୍କୁ ଆନନ୍ଦପୁର ଡାକ୍ତରଖାନା ଭର୍ତ୍ତି କରାଯାଇଛି। ତେବେ ତାଙ୍କ ପରିଚୟ ମିଳିପାରି ନଥିବା ବେଳେ ମୃତକଦ୍ୱୟ ନନ୍ଦୁଆଁ ଗାଁର ଶିବମ୍ ଦେହୁରୀ ଓ ସିପୁନ୍ ଖଟୁଆ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ବାଇକରେ ୩ ଜଣ କୌଣସି କାମରେ ୨୦ ନଂ ଜାତୀୟ ରାଜପଥରେ ଯାଉଥିଲେ। ଏହି ସମୟରେ ବିଜି ମୋଟର ନିକଟରେ ସାମ୍ନାରେ ଯାଉଥିବା ହାଇୱାକୁ ବାମପଟକୁ କାଟି ଚାଲିଯିବା ସକାଶେ ଉଦ୍ୟମ କରିବା ସମୟରେ ଚାଳକ ଜଣଙ୍କ ନିୟନ୍ତ୍ରଣ ହରାଇବା ଫଳରେ ବାଇକ୍‌ଟି ହାଇୱା ପଛରେ ପିଟି ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା ଓ ଜଣେ ଗୁରୁତର ଭାବେ ଆହତ ହୋଇଥିଲେ। ଖବର ପାଇ ଘଷିପୁରା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ବନ୍ଧୁକ ଦେଖାଇ ଆରଆଇଙ୍କଠାରୁ ଲୁଟ୍

କରଞ୍ଜିଆ,୩୦ା୧(ସଂଚାର ବ୍ୟୁରୋ): ଦିନ ଦ୍ୱିପ୍ରହରରେ ଅଫିସ୍ ଭିତରେ ପ୍ରବେଶ କରି ବନ୍ଧୁକ ଦେଖାଇବା ଓ ରାଜସ୍ୱ ନିରୀକ୍ଷକ (ଆରଆଇ)ଙ୍କଠାରୁ ଲୁଟ୍ ହେବା ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଦୁଇ ଜଣ ଦୁର୍ବୃତ୍ତ ବନ୍ଧୁକ ମୂନରେ ସୁନା ଚେନ୍ ସହ ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି। କରଞ୍ଜିଆ ଥାନା ପାଟବିଲ ଆରଆଇଙ୍କ କାର୍ଯ୍ୟାଳୟରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଲୁଟ୍‌ର ଶିକାର ହୋଇଥିବା ପାଟବିଲ ଆରଆଇ ନିରୂପମା ନାଏକ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନାନୁସାରେ, ଆଜି ଅପରାହ୍ନ ପ୍ରାୟ ୨ଟା ସମୟରେ ଅଚାନକ ଦୁଇ ଜଣ ବ୍ୟକ୍ତି ଏକ ବାଇକ୍ ଯୋଗେ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେମାନେ ଯାଗାବାଡ଼ି ବିଷୟରେ ଆରଆଇଙ୍କ ସହ କଥା ହୋଇଥିଲେ। କିନ୍ତୁ ପରେ ସୁଯୋଗ ଦେଖି ସେମାନେ ପକେଟ୍‌ରୁ ବନ୍ଧୁକ ବାହାର କରି ଆରଆଇଙ୍କୁ ଡରାଇ ତାଙ୍କଠାରୁ ସୁନା ଚେନ, କାନଫୁଲ ଓ ଟଙ୍କା ଲୁଟ୍ କରି ଚମ୍ପଟ୍ ମାରିଛନ୍ତି। ଖବର ପାଇ କରଞ୍ଜିଆ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ ଜାରି ରଖିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଦୁର୍ବୃତ୍ତମାନଙ୍କ ସମ୍ପର୍କରେ ପୁଲିସ୍ କିଛି ବି ସୁରାକ୍ ପାଇପାରିନାହିଁ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୬ ହଜାର ୧୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୩ ହଜାର ୦୨୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୬, ୧୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୩ ,୦୨୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୬,୧୦୦ ଟଙ୍କା ଓ ୮୩,୦୨୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୬, ୨୫୦ ଟଙ୍କା ଓ ୮୩, ୧୭୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୬,୧୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୩, ୦୨୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୬,୧୦୦ ଟଙ୍କା ଓ ୮୩,୦୨୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୮,୫୦୦ ହଜାର ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୧ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

### ସରକାରଙ୍କ ବଡ଼ ଘୋଷଣା

## ବଜେଟ୍‌ରେ କର୍ମଚାରୀଙ୍କ ଇପିଏଫ୍‌ଓ ପେନସନ ବଢ଼ିବ

ନୂଆଦିଲ୍ଲୀ, ୩୦।୧: ୟୁନିଅନ ବଜେଟ ୨୦୨୫ରେ, ସରକାର କର୍ମଚାରୀଙ୍କ ପାଇଁ ଏକ ବଡ ପଦକ୍ଷେପ ନେଇପାରନ୍ତି ବୋଲି ବେଶ ଚର୍ଚ୍ଚା ହେଉଛି। ଶୁଣିବାକୁ ମିଳୁଛି ଯେ ଏଥର ବଜେଟରେ ସରକାର ଇଇପିଏଫ୍‌ଓ ପେନଶନ ବୃଦ୍ଧି କରିପାରନ୍ତି। ଇପିଏଫ୍‌ଓର ସର୍ବନିମ୍ନ ପେନଶନ ୧୦୦୦ ରୁ ୭୫୦୦ ଟଙ୍କାକୁ ବୃଦ୍ଧି ହେବାର ସମ୍ଭାବନା ରହିଛି। ବିଶେଷଜ୍ଞମାନେ କହୁଛନ୍ତି କି, ଏହି ବୃଦ୍ଧି ଆବଶ୍ୟକ ଯାହାଦ୍ୱାରା ପେନଶନଧାରୀମାନେ ଆର୍ଥିକ ଆରାମ ଏବଂ ସାମାଜିକ ସମାନତା ପାଇପାରିବେ। କେନ୍ଦ୍ର ସରକାର ଫେବୃଆରୀ ୧ରେ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏଥର ବଜେଟରେ କର୍ମଚାରୀଙ୍କ ପାଇଁ ଏକ ବଡ଼ ଖବର ଦେଇପାରନ୍ତି ବୋଲି କୁହାଯାଉଛି। କର୍ମଚାରୀ ପ୍ରୋଭିଡେଣ୍ଟ ଫଣ୍ଡ ଅର୍ଗାନାଇଜେସନ (ଇପିଏଫ୍‌ଓ)ରେ ପେନସନ ବୃଦ୍ଧି ହେବାର ସମ୍ଭାବନା ଅଛି ବୋଲି କୁହାଯାଉଛି। ଆଗାମୀ ୟୁନିୟନ ବଜେଟରେ ଇପିଏଫ୍‌ଓ ସର୍ବନିମ୍ନ ପେନସନକୁ ୧୦୦୦ ରୁ ୭୫୦୦ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ଆଶା କରାଯାଉଛି। ଏହି ଚାହିଦା ଦୀର୍ଘ ସମୟ ଧରି ବିଚାରାଧୀନ ଅଛି। ତେବେ ଚର୍ଚ୍ଚା ହେଉଥିଲା କି, ମାସିକ ୧୦୦୦ ଟଙ୍କା ପେନଶନ ଅନୁପଯୁକ୍ତ ବୋଲି କୁହାଯାଇଥିଲା, ବିଶେଷକରି ଯେଉଁମାନେ ୪୦ ବର୍ଷ କାମ

# ବଜାରକୁ ଆସିବ ବଜାଜର ଫ୍ଲାଗସିପ୍ ଡୋମିନାର ୪୦୦ ବାଇକ

ନୂଆଦିଲ୍ଲୀ, ୩୦।୧: ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ବଜାଜ ଅଟୋ ଏବେ ଏହାର ପଲସର ରେଞ୍ଜକୁ ଅପଡେଟ୍ କରିବା ପରେ, ଫ୍ଲାଗସିପ୍ ଡୋମିନାର ୪୦୦ ବାଇକ୍କୁ ମଧ ଅପଡେଟ୍ କରିବାକୁ ଯାଉଛି। ନୂତନ ଡୋମିନାର ୪୦୦ ପରୀକ୍ଷଣ ସମୟରେ ଅନେକ ଥର ଦେଖାଯାଇଛି। ନୂତନ ଡୋମିନାର ୪୦୦ ରେ ରାଇଡିଂ ମୋଡ୍ ସହିତ ରାଇଡ-ବାଇ-ୱାୟାର ଥ୍ରୋଟଲ୍ ସିଷ୍ଟମ୍ ମଧ ମିଳିବ ବୋଲି ଆଶା କରାଯାଉଛି। ଏଥର ନୂତନ ଡୋମିନାର ବହୁତ ଶକ୍ତିଶାଳୀ ହେବ ବୋଲି ବିଶ୍ୱାସ କରାଯାଉଛି। ନୂତନ ଡୋମିନାର ୪୦୦ ରେ ୩୭୩cc, ସିଙ୍ଗଲ୍-ସିଲିଣ୍ଡର, ଲିକ୍ୱିଡ୍-କୁଲ୍ଡ ଇଞ୍ଜିନ୍ ମିଳିବ, ଯାହା ୪୦ବିଏଚପି ପାୱାର ଏବଂ ୩୫ଏନଏମ ଟର୍କ ଉତ୍ପାଦନ କରିବ। ଏହି ଇଞ୍ଜିନରେ ୬-ସ୍ପିଡ୍ ଗିଅରବକ୍ସ ରହିବ। ଇଞ୍ଜିନଟି ଅଧିକ ଶକ୍ତିଶାଳୀ ହେବ ଏବଂ ସହରରୁ ରାଜପଥ ପର୍ଯ୍ୟନ୍ତ ଭଲ କାର୍ଯ୍ୟ କରିପାରିବ। ବର୍ତ୍ତମାନର ମଡେଲର ମୂଲ୍ୟ ୨.୩୨ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ରହିଛି କିନ୍ତୁ ନୂତନ ମଡେଲର ମୂଲ୍ୟ ଅଧିକ ହେବ। କମ୍ପାନୀ ଏହି ବାଇକ୍ ମାଧମରେ ଯୁବପିଢ଼ିଙ୍କୁ ଟାର୍ଗେଟ କରିବ। ନୂତନ ବାଜାଜ୍ ଡୋମିନାରର ମୁଖ୍ୟ କ୍ଲଷ୍ଟରରେ ଏବେ ଟେଲଲାଇଟ୍ ଅଛି, ଯେତେବେଳେ ଇନ୍ଧନ ଟାଙ୍କିରେ ଥିବା ଦ୍ୱିତୀୟ କ୍ଲଷ୍ଟରକୁ ହଟାଇ ଦିଆଯାଇଛି। ଏହା ବଦଳରେ, ଏବେ ସ୍ମାର୍ଟଫୋନ୍ କିମ୍ବା ଅନ୍ୟାନ୍ୟ ଗ୍ୟାଜେଟ୍ ଚାର୍ଜ କରିବା ପାଇଁ ଏକ ୟୁଏସବି ପୋର୍ଟ ଅଛି। ଏହା ବ୍ୟତୀତ, ଏହି ନୂତନ ବାଇକ୍‌ରେ ଏକ ନୂତନ ଇନ୍ଷ୍ଟ୍ରୁମେଣ୍ଟ କ୍ଲଷ୍ଟର ଉପଲବ୍ଧ ହେବ, ଯାହା ବ୍ଲୁଟୁଥ୍ ସଂଯୋଗ ଏବଂ ଟର୍ନ-ବାଇ-ଟର୍ନ ନାଭିଗେସନ୍‌କୁ ସମର୍ଥନ କରେ। ବାଇକ୍‌ର ଓଜନ ୧୮୮-୨୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଯାଇପାରେ। ସୁରକ୍ଷା ପାଇଁ, ବାଇକ୍‌ର ଉଭୟ ଟାୟାରରେ ଡିସ୍କ ବ୍ରେକ୍ ଦିଆଯାଇପାରେ ।



### ଭାରତୀୟ ରେଳବାଇ ଆଣିଲା ନୂଆ ସୁବିଧା

## ଟଙ୍କା ନ ଦେଇ ବି ବୁକ୍ କରିପାରିବେ ଟ୍ରେନ୍ ଟିକେଟ୍

ନୂଆଦିଲ୍ଲୀ,୩୦।୧: ଭାରତୀୟ ରେଳବାଇ ଦ୍ୱାରା ନିକଟରେ ଏକ ନୂତନ ସୁବିଧା ଆରମ୍ଭ କରାଯାଇଛି। ଏହି ସୁବିଧାକୁ 'ବୁକ୍ ନାଓ ପେ ଲାଟର୍(ଏବେ ବୁକ କରନ୍ତୁ ପରେ ଦିଅନ୍ତୁ)' ନାମ ଦିଆଯାଇଛି। ଏହି ଗୋଟିଏ ବୈଶିଷ୍ଟ୍ୟ ସାହାଯ୍ୟରେ, ଆପଣ ପ୍ରଥମେ ଟ୍ରେନ୍ ଟିକେଟ୍ ବୁକ କରିପାରିବେ ଏବଂ ପରେ ଟିକେଟ ପାଇଁ ଦେୟ ଦେଇପାରିବେ। ଲମ୍ବ ଦୃଷ୍ଟିରୁ ଭାରତୀୟ ରେଳ ନେଟୱାର୍କ ବିଶ୍ୱର ଚତୁର୍ଥ ବୃହତ ରେଳ ନେଟୱାର୍କ। ପ୍ରତିଦିନ ଯାତ୍ରା କରୁଥିବା ଯାତ୍ରୀଙ୍କ ସଂଖ୍ୟା ଦୃଷ୍ଟିରୁ ଏହା ବିଶ୍ୱରେ ପ୍ରଥମ ସ୍ଥାନରେ ଅଛି। ପ୍ରତିଦିନ କୋଟି କୋଟି ଲୋକ ଭାରତୀୟ ରେଳ ଟ୍ରେନରେ ଯାତ୍ରା କରନ୍ତି। ଅନେକ ସମୟରେ ଟିକେଟ୍ ବୁକ କରିବା ସମୟରେ ପେମେଣ୍ଟ ଯୋଗୁ ଟିକେଟ ବୁକ୍ କରିବାରେ ବିଳମ୍ବ ହୋଇଥାଏ ଏବଂ କେତେବେଳେ ପେମେଣ୍ଟ ଅଟକିଗଲେ ମଧ ଟିକେଟ୍ ବୁକ୍ ହୋଇପାରି ନ ଥାଏ। ଏବେ ରେଳବାଇ ଦ୍ୱାରା 'ବୁକ୍ ନାଓ ପେ' ଲାଟର୍' ସୁବିଧା ଆରମ୍ଭ କରାଯାଇଛି। ଏହି ସୁବିଧା ବ୍ୟବହାର କରି ଯାତ୍ରୀମାନେ ସହଜରେ ପ୍ରଥମେ ଟିକେଟ ବୁକ୍ କରିପାରିବେ ଏବଂ ପରେ ଟିକେଟ ବୁକିଂ ପାଇଁ ଦେୟ ଦେଇପାରିବେ, ଯାହା ଦାରା ପେମେଣ୍ଟ ଯୋଗୁ ଟିକେଟ ବୁକ୍ ନ ହେବାର ସମସ୍ୟା ହ୍ରାସ ପାଇବ।

ମନେରଖନ୍ତୁ ଯେ ଆପଣ ଏହି ସୁବିଧା କେବଳ ଅନଲାଇନ୍ ମାଧମରେ ପାଇପାରିବେ। ଆପଣ ଆଇଆରସିଟିସି ଆପ୍ ଏବଂ ୱେବସାଇଟ୍ ମାଧମରେ ଭାରତୀୟ ରେଳବାଇର 'Book Now Pay Later' ସୁବିଧା ସହଜରେ ପାଇପାରିବେ। ଇ-କମର୍ସ ପ୍ଲାଟଫର୍ମ ପରି, ଆପଣଙ୍କୁ ଟ୍ରେନ୍ ଟିକେଟ ପେମେଣ୍ଟ ପୃଷ୍ଠାରେ ହିଁ ଏହି ସୁବିଧାର ବିକଳ୍ପ ମିଳିବ। ଏହି ବିକଳ୍ପ ସାହାଯ୍ୟରେ, ଆପଣ ଟିକେଟ ବୁକ୍ କରିପାରିବେ ଏବଂ କିଛି ସମୟ ପରେ ଆରାମରେ ପେମେଣ୍ଟ କରିପାରିବେ। ଆପଣଙ୍କୁ କେବଳ ୧୪ ଦିନ ମଧରେ ଟିକେଟ ପାଇଁ ଦେୟ ଦେବାକୁ ପଡିବ, ନଚେତ ଆପଣଙ୍କୁ ସେବା ଶୁଳ୍କ ପାଇଁ ୩.୫% ଅତିରିକ୍ତ ଜରିମାନା ଦେବାକୁ ପଡିବ।




## ୟୁପିଆଇ ଆପ୍ ଟ୍ରାଞ୍ଜାକ୍ସନ୍ ଆଇଡିରେ ସ୍ପେଶାଲ୍ କ୍ୟାରେକ୍ଟର ମନା

### ୧ରୁ ନୂଆ ନିୟମ

ନୂଆଦିଲ୍ଲୀ,୩୦।୧: ଯଦି ଆପଣ ୟୁପିଆଇ ପେମେଣ୍ଟ ୟୁଜ କରୁଛନ୍ତି ଏହି ଖବର ଆପଣଙ୍କ ଲାଗି ଜରୁରୀ। କାରଣ ଆସନ୍ତା ଫେବୃଆରୀ ୧ ତାରିଖରୁ କୌଣସି ୟୁପିଆଇ ଆପ୍ ଟ୍ରାଞ୍ଜାକ୍ସନ ଆଇଡି ଜେନେରେଟ କରିବା ଲାଗି ସ୍ପେଶାଲ କ୍ୟାରେକ୍ଟର ବ୍ୟବହାର କରିପାରିବେ ନାହିଁ। ଯଦି କେହି ଆପ୍ ଟ୍ରାଞ୍ଜାକ୍ସନ ଆଇଡିରେ ସ୍ପେଶାଲ କ୍ୟାରେକ୍ଟର ୟୁଜ କରନ୍ତି ତେବେ ସେଣ୍ଟ୍ରାଲ ସିଷ୍ଟମ ସହି ପେମେଣ୍ଟକୁ କ୍ୟାନସଲ କରିଦେବ। ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ) ଏହି ଗାଇଡଲାଇନ ବିଜନେସ୍ ୟୁଜରଙ୍କ ପାଇଁ ଜାରି କରିଥିଲେ, ହେଲେ ଏହାର ପ୍ରଭାବ ଏବେ ସାଧାରଣ ଗ୍ରାହକଙ୍କ ଉପରେ ମଧ୍ୟ ପଡିବ। ୟୁପିଆଇ ଟ୍ରାଞ୍ଜାକ୍ସନ ଆଇଡି ଜେନେରେଟ କରିବା ପାଇଁ ଥିବା ପ୍ରୋସେସକୁ ଏନପିସିଆଇ ଷ୍ଟାଣ୍ଡାର୍ଡ କରିବାକୁ ଚାହୁଁଛନ୍ତି। ଏଥି ପାଇଁ ଏନପିସିଆଇ ସବୁ କମ୍ପାନୀଙ୍କ ଟ୍ରାଞ୍ଜାକ୍ସନ ଆଇଡିରେ କେବଳ ଆଲଫା ନ୍ୟୁମେରିକ କ୍ୟାରେକ୍ଟର ଯୋଡିବାକୁ ଆଦେଶ ଦେଇଛନ୍ତି। ଏହି ଆଦେଶ ଫେବୃଆରୀ ୧ ତାରିଖରୁ ଲାଗୁ ହୋଇଯିବ। ଏହାର ଅର୍ଥ ଯଦି କୌଣସି ଆପ୍ ଏହି ଆଦେଶକୁ ପାଳନ ନ କରେ ତେବେ ୟୁପିଆଇ ମାଧ୍ୟମରେ ପେମେଣ୍ଟ କରିପାରିବେ ନାହିଁ। ଆଦେଶ ପାଳନ କରିବାର ଦାୟିତ୍ୱ ଏପ୍ ଉପରେ ନ୍ୟସ୍ତ କରାଯାଇଛି। ଏନପିସିଆଇ ପୂର୍ବରୁ ମଧ୍ୟ ଏହି ପ୍ରୋସେସକୁ ଷ୍ଟାଣ୍ଡାର୍ଡ କରିବା ପାଇଁ ଆଦେଶ ଜାରି କରିଥିଲେ। ଗତବର୍ଷ ମାର୍ଚ୍ଚମାସରେ ଆସିଥିବା ଆଦେଶରେ ଟ୍ରାଞ୍ଜାକ୍ସନ ଆଇଡିକୁ ୩୫ କ୍ୟାରେକ୍ଟରରେ ସୀମିତ ରଖିବାକୁ କୁହାଯାଇଥିଲା। ଏହା ପୂର୍ବରୁ ଟ୍ରାଞ୍ଜାକ୍ସନ ଆଇଡିରେ ୪ରୁ ଆରମ୍ଭ କରି ୩୫ କ୍ୟାରେକ୍ଟର ପର୍ଯ୍ୟନ୍ତ ରହୁଥିଲା। ଏହାକୁ ନଜରରେ ରଖି ୩୫ କ୍ୟାରେକ୍ଟରର ଆଇଡି ଜେନେରେଟ କରିବାକୁ କୁହାଯାଇଥିଲା। ଦେଶର ମୋଟ ଡିଜିଟାଲ ପେମେଣ୍ଟରେ ୟୁପିଆଇର ଭାଗିଦାରୀ ୫ ବର୍ଷରେ ଦୁଇଗୁଣା ବଢ଼ି ୮୩ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ୨୦୧୯ରେ ମୋଟ ପେମେଣ୍ଟରେ ଏହାର ଭାଗିଦାରୀ ୩୪ପ୍ରତିଶତ ଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଙ୍କ ଏକ ରିପୋର୍ଟରୁ ଏହି ସୂଚନା ମିଳିଛି। ଏହାର ବିପରୀତ ଏନଇଏଫଟି, ଆରଟିଜିଏସ୍, ଆଇଏମପିଏସ୍, କ୍ରେଡିଟ ଓ ଡେବିଟ କାର୍ଡ ମାଧ୍ୟମରେ ହେଉଥିବା ଟ୍ରାଞ୍ଜାକ୍ସନ ହ୍ରାସ ହୋଇ ମୋଟ ଡିଜିଟାଲ ପେମେଣ୍ଟର ୧୭ ପ୍ରତିଶତ ହୋଇଯାଇଛି। ୨୦୧୯ରେ ଏହିସବୁ ମାଧ୍ୟମର ଭାଗିଦାରୀ ୬୬ ପ୍ରତିଶତ ଥିଲା।

# କମୁଛି ଓଲା ସ୍କୁଟରର ବିକ୍ରି



ନୂଆଦିଲ୍ଲୀ, ୩୦।୧: ଓଲା ଏସ୧ ଇଲେକ୍ଟ୍ରିକ୍ ସ୍କୁଟରର ବିକ୍ରୟ ଏବେ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। କମ୍ପାନୀ ଗ୍ରାହକଙ୍କ ଆଶା ପୂରଣ କରିପାରୁନାହିଁ; ଗ୍ରାହକମାନେ ନିମ୍ନମାନର ଉତ୍ପାଦ ଏବଂ ନିମ୍ନମାନର ସେବା ପାଇଁ ନିରାଶ ହେଉଛନ୍ତି। ଏବେ ବଜାରରେ ଭଲ ବିକଳ୍ପ ଆସିବା ଆରମ୍ଭ ହୋଇଛି ଏବଂ ଗ୍ରାହକମାନେ ଅନ୍ୟ ଇଲେକ୍ଟ୍ରିକ୍ ସ୍କୁଟର ଆଡ଼କୁ ମୁହାଁଇଛନ୍ତି। ଓଲା ଏସ୧ ଇଲେକ୍ଟ୍ରିକ୍ ସ୍କୁଟରର ବିକ୍ରୟରେ ଏକ ବଡ଼ ହ୍ରାସ ଘଟିଛି। ଗତ ମାସରେ ୧୩,୭୭୧ ୟୁନିଟ୍ ବିକ୍ରି ହୋଇଥିଲା ବେଳେ ୨୦୨୩ ବର୍ଷର ସମାନ ସମୟ ମଧରେ ଏହି ସଂଖ୍ୟା ୩୦,୪୭୦ ୟୁନିଟ୍ ବିକ୍ରି ହୋଇଥିଲା। ଏଥର ଓଲା ଏସ୧ ର ୧୬,୬୯୯ ୟୁନିଟ୍ କମ୍ ବିକ୍ରି ହୋଇଛି। ଏବେ ଜାଣିବା ବିକ୍ରୟ ଦୃଷ୍ଟିରୁ ଟିଭିଏସ ଏବଂ ବଜାଜ କିପରି ପ୍ରଦର୍ଶନ କରିଛନ୍ତି। ଗତ ମାସରେ ବଜାଜ ଚେତକ ଇଲେକ୍ଟ୍ରିକ୍ ସ୍କୁଟର ୧୩,୦୦୮ ୟୁନିଟ୍ ବିକ୍ରି ହୋଇଥିଲା, ଏଥର ଚେତକର ବିକ୍ରୟରେ ୬୧.୬୯% ବୃଦ୍ଧି ଘଟିଛି, କେବଳ ଏତିକି ନୁହେଁ, ଟିଭିଏସ ଆଇକ୍ୟୁବର ବିକ୍ରୟରେ ମଧ ୭୮.୦୯% ବୃଦ୍ଧି ଘଟିଛି, ଗତ ମାସରେ କମ୍ପାନୀ ୨୦,୦୦୩ ୟୁନିଟ୍ ଆଇକ୍ୟୁବ ବିକ୍ରି କରିଥିଲା, ଯେତେବେଳେ ୨୦୨୩ ମସିହାରେ ଏହି ସମୟ ମଧରେ ଏହି ସଂଖ୍ୟା ୧୧,୨୩୨ ୟୁନିଟ୍ ଥିଲା। ଡିସେମ୍ବର ୨୦୨୪ରେ, ବଜାଜ୍ ଟିଭିଏସ ଏବଂ ଓଲାକୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଓଲା ଇଲେକ୍ଟ୍ରିକ୍ ଯେଉଁଭଳି ଭାବରେ ସ୍କୁଟରରେ ନିମ୍ନମାନର ଗୁଣବତ୍ତା ଏବଂ ନିମ୍ନମାନର ସେବା ପ୍ରଦାନ କରୁଛି। ଏହାର ବିକ୍ରୟକୁ ଉନ୍ନତ କରିବା ପାଇଁ, କମ୍ପାନୀ ଏହି ବର୍ଷ କିଛି ନୂତନ ମଡେଲ ଲଞ୍ଚ କରିବାର ଆବଶ୍ୟକତା ରହିଛି ।

# ଆକ୍ଟିଭା ବିକ୍ରି ହ୍ରାସ ପରେ ଚିନ୍ତାରେ ହୋଣ୍ଡା



ନୂଆଦିଲ୍ଲୀ ୩୦।୧: ଦେଶରେ ସ୍କୁଟର ସେଗମେଣ୍ଟ ବର୍ତ୍ତମାନ ବହୁତ ବଡ ହୋଇଯାଇଛି। ଯଦିଓ କମ୍ପାନୀଗୁଡିକ ବର୍ଷର ଶେଷ ମାସରେ ଭଲ ବିକ୍ରୟ ଆଶା କରନ୍ତି, କିନ୍ତୁ ଏଥର ମାମଲା ବିପରୀତ ହୋଇଗଲା। ଗତ ବର୍ଷ ନଭେମ୍ବରରେ ସ୍କୁଟର ବିକ୍ରି ଭଲ ଥିଲା, କିନ୍ତୁ ଗତ ମାସରେ ସ୍କୁଟର ବିକ୍ରି ହ୍ରାସ ପାଇଥିଲା। ଏଥିରେ ହୋଣ୍ଡା ସର୍ବାଧିକ କ୍ଷତି ସହିଛି। ଆସନ୍ତୁ ଜାଣିବା ଆକ୍ଟିଭା, ଜୁପିଟର ଏବଂ ଆକ୍ସେସର ବିକ୍ରୟକୁ ନେଇ ଆକଳନ କଣ କହୁଛି। ହୋଣ୍ଡା ଆକ୍ଟିଭା ଗତ ମାସରେ (ଡିସେମ୍ବର ୨୦୨୪) ୧,୨୦,୯୮୧ ୟୁନିଟ୍ ବିକ୍ରି କରିଥିଲା। ନଭେମ୍ବର ୨୦୨୪ରେ କମ୍ପାନୀ ଏହି ସ୍କୁଟରର ୨,୦୬,୮୪୪ ୟୁନିଟ୍ ବିକ୍ରି କରିଥିବାବେଳେ ଏଥର ଆକ୍ଟିଭା ୮୫,୮୬୩ ୟୁନିଟ୍ କମ୍ ବିକ୍ରି କରିଛି। ଏବେ ଏତେ ବଡ଼ ହ୍ରାସ ପଛର କାରଣ କ'ଣ? ବର୍ତ୍ତମାନ ସୁଦ୍ଧା କମ୍ପାନୀ ପକ୍ଷରୁ କୌଣସି ସୂଚନା ମିଳିନାହିଁ। ସେହିପରି ଟିଭିଏସ ଜୁପିଟର ଗତ ମାସରେ (ଡିସେମ୍ବର ୨୦୨୪)ରେ ୮୮୬୬୮ ୟୁନିଟ୍ ବିକ୍ରି କରିଥିବାବେଳେ ନଭେମ୍ବର ୨୦୨୪ରେ କମ୍ପାନୀ ଏହି ସ୍କୁଟରର ୯୯,୭୧୦ ୟୁନିଟ୍ ବିକ୍ରି କରିଥିଲା। ଏଭଳି ପରିସ୍ଥିତିରେ, ଏଥର ଜୁପିଟର ୧୧୦୪୨ ୟୁନିଟ୍ କମ୍ ବିକ୍ରି ହୋଇଥିଲା। ସୁଜୁକି ଆକ୍ସେସ୍ ୧୨୫ ସ୍କୁଟର ଗତ ମାସରେ (ଡିସେମ୍ବର ୨୦୨୪) ୫୨୧୮୦ ୟୁନିଟ୍ ବିକ୍ରି କରିଥିଲା। ନଭେମ୍ବର ୨୦୨୪ରେ, କମ୍ପାନୀ ଏହି ସ୍କୁଟରର ୫୪,୧୧୮ ୟୁନିଟ୍ ବିକ୍ରି କରିଥିଲା, ଏଥର ୧୯୩୮ ୟୁନିଟ୍ ଆକ୍ସେସ୍ ୧୨୫ କମ୍ ବିକ୍ରି ହୋଇଥିଲା ।




### ଶନିବାର ଖୋଲା ରହିବ ବଜାର

## ବଜେଟ୍ ଦିନ ମାକ୍ସରେ ସ୍ପେଶାଲ୍ ଟ୍ରେଡିଂ

ନୂଆଦିଲ୍ଲୀ, ୩୦।୧: ଫେବ୍ରୁଆରୀ ୧ ଶନିବାର ଏମ୍‌ସିଏକ୍ସରେ କାରବାର ହେବ। ମଲ୍ଟି କମୋଡିଟି ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ ବୁଧବାର ଘୋଷଣା କରିଛି ଯେ ଏମସିଏକ୍ସରେ ବଜେଟ୍ ଦିନ କାରବାର ହେବ। ଫେବ୍ରୁଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଉପସ୍ଥାପନ କରିବେ। ବଜେଟ୍ ଦିନ ସେୟାର ବଜାର ଖୋଲା ରହିବ। ଅର୍ଥାତ୍, ଶନିବାର ଦିନ ଷ୍ଟକ୍ ମାର୍କେଟରେ କାରବାର ହେବ। ଏମସିଏକ୍ସ କହିଛି ଯେ ଶନିବାର ଫେବ୍ରୁଆରୀ ୧ରେ ସ୍ପେଶାଲ୍ ଲାଇଭ୍ ଟ୍ରେଡିଂ ସେସନ୍ ଆୟୋଜନ କରାଯିବ। ଭାରତୀୟ ସେୟାର ବଜାର ସାଧାରାଣତଃ ଶନିବାର ଏବଂ ରବିବାର ଦିନ ବନ୍ଦ ରହିଥାଏ। ତେବେ ଚଳିତ ଥର ଫେବ୍ରୁଆରୀ ୧ ଶନିବାର ଅର୍ଥମନ୍ତ୍ରୀ ସାଧାରଣ ବଜେଟ୍ ଉପସ୍ଥାପନ କରିବେ। ଏହାକୁ ଦେଖି ଭାରତୀୟ ସେୟାର ବଜାର ଖୋଲା ରହିବ। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ଏବଂ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ରେ କାରବାର ହେବ।

### ଷ୍ଟେଟ୍ ବିଜନେସ୍ ଆୱାର୍ଡ-୨୦୨୫

## ୨୫ ଯୁବ ସଫଳ ଉଦ୍ୟୋଗୀ ସମ୍ମାନିତ

ଭୁବନେଶ୍ୱର,୩୦।୧ (ସଂଚାର ବ୍ୟୁରୋ): ନିର୍ବାଣ ଫାଉଣ୍ଡେସନ ଟ୍ରଷ୍ଟ ଏବଂ ଭରତ ମୋସନ ଇଭେଣ୍ଟସ ପକ୍ଷରୁ ଦ୍ୱିତୀୟ ଷ୍ଟେଟ ବିଜିନେସ୍ ଆୱାର୍ଡ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ୨୫ ଜଣ ସଫଳ ଯୁବ ଉଦ୍ୟୋଗୀଙ୍କୁ ନିର୍ବାଣ ଫାଉଣ୍ଡେସନ ପକ୍ଷରୁ ସମ୍ମାନିତ କରାଯାଇଛି। ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ବିଧାୟକ ସୁରେଶ ରାଉତରାୟ, ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ସମ୍ମାନିତ




ଅତିଥି ଭାବେ ମେଘା ବିଲ୍ଡରର ମ୍ୟାନେଜିଂ ଡାଇରେକ୍ଟର ସୂର୍ଯ୍ୟକାନ୍ତ ବେହେରା, ଆପୋଲୋ ଟ୍ରି ହୋଟେଲ୍‌ର ମ୍ୟାନେଜିଂ ଡାଇରେକ୍ଟର ଡଃ ଶୁଭାଶିଷ ଦାସ, ଭାରତ ଫୁଏଲ୍‌ର ମ୍ୟାନେଜିଂ ଡାଇରେକ୍ଟର ସଞ୍ଜୟ ଜେନା, ବୁସ୍ରା ଖାଁ ପାରାଦ୍ୱୀପ ପରିବହନ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ବୁସ୍ରା ଖାଁ ଯୋଗଦେଇଥିଲେ। ପର୍ବ ଆରମ୍ଭରେ ଅତିଥିମାନଙ୍କୁ ଭରତ ପ୍ରଧାନ ସ୍ୱାଗତ କରିଥିଲେ। ଓଡ଼ିଶାର ପ୍ରତିଷ୍ଠିତ ଯୁବ ଉଦ୍ୟୋଗୀ କିପରି ଆହୁରି ପାଦେ ଆଗେଇବେ, ସେଥିପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ନିର୍ବାଣ ଫାଉଣ୍ଡେସନ ବିଜିନେସ୍ ଆୱାର୍ଡ ସହ ଅନେକ ସାମାଜିକ ଉପଯୋଗୀ କ୍ଷେତ୍ରରେ କାର୍ଯ୍ୟ କରିଆସିଛି। ଗରିବ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ପ୍ରତି ଆଗ୍ରହ ବଢ଼ାଇବା ପାଇଁ ବହି, ଖାତା, କଲମ, ପେନସିଲ ଇତ୍ୟାଦି ପ୍ରଦାନ କରାଯାଇଥିଲା। ୩୦ଟି ଜିଲ୍ଲାର ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଯୋଗାଇବା ପାଇଁ ନିର୍ବାଣ ଫାଉଣ୍ଡେସନ ପ୍ରଚେଷ୍ଟା କରିବ। ଏହି କାର୍ଯ୍ୟକ୍ରମକୁ ଆରଜେ, ଭିଜେ କେପି ପରିଚାଳନା କରିଥିଲେ। ଏହି ଅବସରରେ ବିଜନେସ୍ କ୍ଷେତ୍ରରେ କ'ଣସବୁ ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି, ସେ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶେଷରେ ଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଆଦାନୀ ଏଣ୍ଟରପ୍ରାଇଜେସ୍‌କୁ ବଡ଼ ଝଟକା



# ୧୨% ହ୍ରାସ ପାଇଛି କମ୍ପାନୀର ଶେୟାର

ନୂଆଦିଲ୍ଲୀ,୩୦।୧: ଆଦାନୀ ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ଆଦାନୀ ଏଣ୍ଟରପ୍ରାଇଜସ୍ ଗୁରୁବାର ୩୦ ଜାନୁଆରୀରେ ଚାଲୁ ଆର୍ଥିକ ବର୍ଷ ପାଇଁ ଡିସେମ୍ବରର ଫଳାଫଳ ଜାରି କରିଛି। ଡିସେମ୍ବର ୨୦୨୪ରେ ଶେଷ ତୃତୀୟ ତ୍ରୟମାସିକରେ କମ୍ପାନୀର ଲାଭ ପ୍ରାୟ ଶେଷ ହୋଇଯାଇଛି। ଆଦାନୀ ଏଣ୍ଟରପ୍ରାଇଜେସ୍‌କୁ ଡିସେମ୍ବର ତ୍ରୟମାସିକରେ ୫୮ କୋଟି ନେଟ୍ ପ୍ରଫିଟ୍ ହୋଇଛି। ଗତ ବର୍ଷ ଏହି ତ୍ରୟମାସିକରେ କମ୍ପାନୀର ନେଟ୍ ପ୍ରଫିଟ୍ ୧,୮୮୮ କୋଟି ଥିଲା। ଅର୍ଥାତ ବାର୍ଷିକ ଆଧାରରେ କମ୍ପାନୀର ପ୍ରଫିଟ୍‌ରେ ୯୭% ହ୍ରାସ ଘଟିଛି। ସେଭଳି ଡିସେମ୍ବର ତ୍ରୟମାସିକରେ କମ୍ପାନୀର ରେଭିନ୍ୟୁ ୯ ପ୍ରତିଶତ ହ୍ରାସ ପାଇ ୨୨,୮୪୮ କୋଟି ଟଙ୍କା ହୋଇଯାଇଛି। ଗତ ବର୍ଷ ଏହି ତ୍ରୟମାସିକରେ ଏହା ୨୫,୦୫୦ କୋଟି ଟଙ୍କା ଥିଲା। କମ୍ପାନୀ ୩ଲ୦୭୧ କୋଟିର ଇବିଆଇଟିଡିଏ ରେକର୍ଡ କରିଛି, ଯାହାକି ବାର୍ଷିକ ଆଧାରରେ ୫% କମ୍। ଗତ ଆର୍ଥିକ ବର୍ଷର ଡିସେମ୍ବର ତ୍ରୟମାସିକରେ ଏହା ୩,୨୨୭ କୋଟି ଟଙ୍କା ଥିଲା। ତୃତୀୟ ତ୍ରୟମାସିକରେ ଅନ୍ୟ ଆୟ ବାର୍ଷିକ ଆଧାରରେ ୩୩% ବଢ଼ି ୬୫୨ କୋଟି ହୋଇଯାଇଛି, ଯାହାକି ଗତ ବର୍ଷର ସମାନ ଅବଧିରେ ୪୯୦ କୋଟି ଥିଲା। ଏହା ଭିତରେ ମୋଟ ଖର୍ଚ୍ଚରେ ପ୍ରତ୍ୟେକ ବର୍ଷ ୧% ମାମୁଲି ହ୍ରାସ ଘଟିଛି, ଯାହାକି ଅକ୍ଟୋବର-ଡିସେମ୍ବର ତ୍ରୟମାସିକରେ ୨୨,୯୨୫ କୋଟି ଟଙ୍କାରେ ଆସିଯାଇଛି, ସେଭଳି ଗତ ଆର୍ଥିକ ବର୍ଷରେ ଏହି ସମୟରେ ଏହା ୨୩,୧୮୦ କୋଟି ଥିଲା। ଆଦାନୀ ଏଣ୍ଟରପ୍ରାଇଜେସ୍‌ର ଷ୍ଟକ୍ ଆଜି ଗୁରୁବାର ୫% ହ୍ରାସ ପାଇ ନିଜର ନିମ୍ନ ସ୍ତର ୨୨୦୨ ରେ ଆସିଯାଇଛି। ଆଦାନୀ ଗ୍ରୁପ୍ର ସେୟାର ଗତ ୧ ବର୍ଷରେ ୨୫% ଓ ଜାନୁଆରୀ ୨୦୨୫ ରେ ଏପର୍ଯ୍ୟନ୍ତ ୧୨ %ରୁ ଅଧିକ ହ୍ରାସ ପାଇଛି। ସେଭଳି ଷ୍ଟକ୍ ଏବେ ଜୁନ୍ ୨୦୨୪ ରେ ନିଜର ୫୨ ସପ୍ତାହର ଉଚ୍ଚତମ ସ୍ତର ୩,୭୪୩.୦୦ ରୁ ୪୧% ଦୂର ରହିଛି। ଏହା ଭିତରେ ଏହା ନଭେମ୍ବର ୨୦୨୪ ରେ ରେକର୍ଡ କରିଥିବା ନିଜର ୫୨ ସପ୍ତାହର ନିମ୍ନତମ ସ୍ତର ୨,୦୩୦ ରୁ ୮.୫% ବଢ଼ି ଯାଇଛି।

# ବିଶ୍ୱଶାନ୍ତି ଓ ଭାଇଚାରା ପାଇଁ ସାଇକେଲ ଶୋଭାଯାତ୍ରା



**ସାଲେପୁର, ୩୦।୧ (ସଂଚାର ବ୍ୟୁରୋ):** ରାଇସୁଙ୍ଗୁଡା ସ୍ଥିତ କୁସୁମ୍ବି ଅହମଦୀୟା ମୁସଲିମ ସଂଗଠନ ପକ୍ଷରୁ ବିଶ୍ୱଶାନ୍ତି ଓ ବିଶ୍ୱ ଭାଇଚାରା ତଥା ତୃତୀୟ ବିଶ୍ୱଯୁଦ୍ଧ ନହେବା ପାଇଁ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରା ସାମୂହିକ ନିରବ ପ୍ରାର୍ଥନା ସହ ଆରମ୍ଭ କରା ଯାଇଥିଲା । ଏହି ଶୋଭାଯାତ୍ରା କୁସୁମ୍ବିରୁ ଆରମ୍ଭ ହୋଇ କେନ୍ଦୁ ପାଟଣା, ସିମିଳପଡା, ସାଲେପୁର ଏବଂ କୁଦିଆ ରାସ୍ତା ଦେଇ ଫେରିଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଇମ ଅନସାର ସେକ ଅବଦୁଲ ଓ୍ୱାସେ, ସମ୍ମାନିତ ଅତିଥି ଭାବେ ଯୁବ ସଂଗଠନର ସଭାପତି ମୁଖତାର ଅହମଦ ଏବଂ ମୌଲାନା ମକସୁଦ ଅଲ୍ଲି ଖାଁ ଯୋଗ ଦେଇଥିଲେ । ଏହି ଶୋଭାଯାତ୍ରାର ଆଭିମୁଖ୍ୟ ହେଲା ବିଶ୍ୱରେ ସ୍ଥାୟୀ ଶାନ୍ତି ସ୍ଥାପନା କରିବା, ବିଶ୍ୱ ଭାଇଚାରା ପ୍ରତିଷ୍ଠା କରିବା ଏବଂ ବିଶ୍ୱ ଯୁଦ୍ଧ ଜନିତ ଭୟାବହ ଧ୍ୱଂସଲିଳାରୁ ମାନବ ସମାଜକୁ ବର୍ତ୍ତାବା ପାଇଁ ଜନ ସଚେତନ ସୃଷ୍ଟି କରିବା ।

# ଜିଲ୍ଲା କଂଗ୍ରେସ ପାଳିଲା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ



**ଜଗତସିଂହପୁର, ୩୦।୧ (ସଂଚାର ବ୍ୟୁରୋ):** ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମହାପରାୟଣ ଦିବସ ପାଳନ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପ୍ରସନ୍ନ କୁମର ସାମନ୍ତରାୟ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ଛାତ୍ର ନେତା କୃଷ୍ଣଚନ୍ଦ୍ର ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ମହେଶ୍ୱର ବିଶ୍ୱାଳ, ଆର୍ତ୍ତତ୍ରାଣ ଖଟେଇ, ରବିନ୍ଦ୍ର କୁମାର ସାହୁ, ରମେଶ ବିଶ୍ୱାଳ,ପଂଚାନନ ପାଇଲ ପ୍ରମୁଖ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା।

# କଟାପାଲି ଗ୍ରାମରେ ରକ୍ତଦାନ ଶିବିର, ୩୮ ୟୁନିଟ ରକ୍ତ ସଂଗୃହୀତ



**ବରଗଡ଼, ୩୦।୧ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମରେ ନିଷ୍ଠା ପରିବାରର ରେଡ ଡ୍ରପ ମାରାଥନର ତିରିସ (୩୦) ଦିନରେ ନଳିନୀ ଓ ପଓ୍ୱନ କୁମାର ଷଡ଼ଙ୍ଗୀଙ୍କ ୨୦ତମ ବିବାହ ବାର୍ଷିକୀ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ପଓ୍ୱନ ଷଡ଼ଙ୍ଗୀଙ୍କ ମା' ଉର୍ମିଳା ଷଡ଼ଙ୍ଗୀ ଅତିଥି ଭାବରେ ଯୋଗଦେଇ ଫିତା କାଟି ଶୁଭାରମ୍ଭ କରିଥିଲେ। ନିଜ ବିବାହ ବାର୍ଷିକୀ ରେ ନିଜେ ପଓ୍ୱନ ଷଡଙ୍ଗୀ ଓ ତାଙ୍କ ପତ୍ନୀ ନଳିନୀ ଷଡଙ୍ଗୀ ମଧ୍ୟ ରକ୍ତ ଦାନ କରି ଅନ୍ୟ ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥଲେ।ଏହି ଶିବିର ରୁ ସର୍ବମୋଟ ୩୮ ୟୁନିଟ ରକ୍ତ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ନିଜ ବିବାହ ବାର୍ଷିକୀ ଅବସରରେ ରକ୍ତ ଦାନ ଶିବିର ଆୟୋଜନ କରି ସମାଜ ପାଇଁ ଭିନ୍ନ ଏକ ଉଦାହରଣ ସୃଷ୍ଟି କରିଛନ୍ତି ଷଡ଼ଙ୍ଗୀ ପରିବାର। ଏହି ଶିବିରକୁ ଷଡଙ୍ଗୀ ପରିବାର ଓ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟାମାନେ ସୁପରିଚାଳନା କରିଥିଲେ।

## ସୁନ୍ଦରଗଡ଼ ଜର୍ଣ୍ଣାଲିଷ୍ଟ ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ

**ସୁନ୍ଦରଗଡ, ୩୦।୧ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜର୍ଣ୍ଣାଲିଷ୍ଟ ଆସୋସିଏସନର ସଦସ୍ୟ ମାନଙ୍କୁ ନେଇ ପୋଡ଼ାଜଲଙ୍ଗା ଠାରେ ବରିଷ୍ଠ ସାମ୍ବାଦିକ ହରିହର ଦାସ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂତନ ସଦସ୍ୟମାନଙ୍କୁ ଗ୍ରହଣ କରି କର୍ମକର୍ତ୍ତା ଗଠନ କରାଯାଇଥିଲା।



ସର୍ବସମ୍ମତି କ୍ରମେ ଆସୋସିଏସନର ନୂତନ ସଭାପତି ଭାବେ ଦେବବ୍ରତ ଜେନା, ଉପ ସଭାପତି ହୋରାଚାନ୍ଦ ଦେହୁରିଆ ଓ ଅଶୋକ ଷଡଙ୍ଗୀ, ସମ୍ପାଦକ ପପୁ ପ୍ରସାଦ ସିଂ, ସହ ସମ୍ପାଦକ ସୁଧୀର ଦାସ ଓ ସରୋଜ ସିଂ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ରଣା, କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର କୁମାର ଭିତ୍ରିଆ, ସୁଶାନ୍ତ କୁମାର ଷଡଙ୍ଗୀ, ଅନନ୍ତ ପଟେଲ ଓ ହୃଦାନନ୍ଦ ବାରିକ ମନୋନୀତ ହୋଇଛନ୍ତି। ଉପଦେଷ୍ଟା କମିଟିରେ ବରିଷ୍ଠ ସାମ୍ବାଦିକ ହରିହର ଦାସ ମହାପାତ୍ର, ସୁଧାକର ପାଣ୍ଡେ, ଜୟକୃଷ୍ଣ ସେଟ୍, କ୍ଷେତ୍ରବାସୀ ପଣ୍ଡା, ଆଲୋକ ଜେନା ଓ ପ୍ରଶାନ୍ତ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଚିତ୍ତ ରଞ୍ଜନ ନାଗ, ସରୋଜ ନାଗ, ଲବଣୀ ଧର ପୃଷେଟ, ମନୋରଂଜନ ପୃଷେଟ, ରବି ତନ୍ତୀ, ଦେବାଶିଷ ସାହୁ, କାଲୋ ସିଂ, ସଞ୍ଜୀବ ପତି, ନବୀନ ସେଟ୍ , ସୁରେନ୍ଦ୍ର ରୋହିଦାସ, ତୁଷାରକାନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଶାସନ ଦୁଆରେ ବ୍ରହ୍ମପୁର ବିଜେଡି କଳି



**ଜିଲ୍ଲାପାଳଙ୍କୁ ଭେଟିଲେ ମେୟର ଓ ସମର୍ଥିତ କର୍ପୋରେଟର**

**ପିଏସଓ ଯୋଗାଇଦେବାକୁ ଏସପିଙ୍କ ସହ ମେୟରଙ୍କ ଆଲୋଚନା**

**ବ୍ରହ୍ମପୁର, ୩୦।୧ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ମହାନଗର ନିଗମର ସାଧାରଣ ପରିଷଦ ବୈଠକରେ କମିଶନର ଏବଂ ଉପସ୍ଥିତ ଅଧିକାରୀଙ୍କ ପ୍ରତି କିଛି କର୍ପୋରେଟରଙ୍କ ଦୁର୍ବ୍ୟବହାର କରିବା ଘଟଣାକୁ ନେଇ ଖୋଦ ମେୟର ଏବଂ ତାଙ୍କ ସମର୍ଥିତ କର୍ପୋରେଟର ଗୋଷ୍ଠୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଗୁରବାର ବିଏମସି ମେୟର ଏବଂ ଟିମ୍ ଗଞ୍ଜାମ ଜିଲ୍ଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇବା ସହ ବିଶୃଙ୍ଖଳିତ ଆଚରଣ କରିଥିବା ଜନପ୍ରତିନିଧିଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସେହିପରି ବ୍ରହ୍ମପୁର ମେୟରଙ୍କ ପିଏସଓଙ୍କୁ ପୂର୍ବରୁ ପ୍ରତ୍ୟାହୃତ କରିଦିଆଯାଇଥିବା ବେଳେ ଏବେ ଅସୁରକ୍ଷିତ ମନେ କରି ପିଏସଓ ଯୋଗାଇଦେବାକୁ ବ୍ରହ୍ମପୁର ଏସପିଙ୍କ ସହ ମେୟର ଆଲୋଚନା କରିଛନ୍ତି।

ଘଟଣା ଅନୁଯାୟୀ, ବୁଧବାର କାଉନସିଲ୍ ବୈଠକ ସମୟରେ ଜଣେ ସ୍ୱାଧୀନ କର୍ପୋରେଟର ଅନ୍ୟ କିଛି ବିଜେଡି କର୍ପୋରେଟରଙ୍କ ସହ ମିଶି ବିଭିନ୍ନ ପ୍ରସଙ୍ଗ ନେଇ ପାଟି ତୁଣ୍ଡ କରିଥିଲେ। ଷ୍ଟାଣ୍ଡିଂ କମିଟି ପୁର୍ନଗଠନ ସହ ଅନ୍ୟ ସମସ୍ୟାକୁ ନେଇ କମିଶନର ଓ ମେୟରଙ୍କ ସହ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ମୁହାଁମୁହିଁ ଏବଂ କଥା କଟାକଟି ହୋଇଥିଲା। ଏପରିକି ଜଣେ କର୍ପୋରେଟର କମିଶନରଙ୍କୁ ସିଧା ବୈଠକରୁ ଚାଲିଯିବାକୁ କହୁଥିବା ବି ଦେଖିବାକୁ ମିଳିଥିଲା। ବୈଠକ ମଝିରୁ କମିଶନର ଉଠି ପଳାଇଥିଲେ। ଘଟଣା ଉଗ୍ରରୂପ ନେବା ପରେ ମେୟର ନିଜେ ଅସନ୍ତୁଷ୍ଟ କର୍ପୋରେଟର ମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ବି ପରିସ୍ଥିତି ଶାନ୍ତ ପଡିନଥିଲା। ସେମାନେ ବିଏମସି ମୁଖ୍ୟ ଫାଟକ ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣା ଦେବା ସହ ଫାଟକ ବନ୍ଦ କରି କମିଶନର ଗୋ ବ୍ୟାକ୍ ର ନାରା ଦେଇଥିଲେ। ଧରଣା ସ୍ଥଳରେ ମେୟର ବୁଝାସୁଝା କରିବା ପରେ ବି କୌଣସି ସୁଫଳ ମିଳିନଥିଲା। ଶେଷରେ ପୋଲିସ୍ ସହାୟତାରେ ଅନ୍ୟ ଏକ ଦ୍ୱାର ଦେଇ ଉଭୟ କମିଶନର ଓ ମେୟରଙ୍କ ସମେତ ସମର୍ଥିତ କର୍ପୋରେଟରଗଣ ବାହାରକୁ ବାହାରିଥିଲେ। ତେବେ ଅସଦ ବ୍ୟବହାର ନେଇ କମିଶନର ନିଜେ ଟାଉନ ଥାନାରେ ଏତଲା ଦେଇଥିବା ଜଣାପଡିଛି।

ଘଟଣାକୁ ନେଇ ଆଲୋଚନା କିନ୍ତୁ ଭିନ୍ନ ହେଉଛି। ଚର୍ଚ୍ଚା ଅନୁସାରେ, ବିଜୁ ଜନତା ଦଳରେ ଗୋଷ୍ଠୀ କନ୍ଦଳ ଥମିବା ବଦଳରେ ବଢ଼ି ବଢ଼ି ଚାଲିଛି। ବୁଧବାର ଆୟୋଜିତ କାଉନସିଲ୍ ବୈଠକରେ ଏହି କନ୍ଦଳ ଉଗ୍ରରୂପ ଧାରଣ କରିଥିଲା। ମୌକା ଦେଖି ଛକା ମାରିବା ଷ୍ଟାଇଲ୍‌ରେ ଜଣେ ସ୍ଥାନୀୟ ହେବିଓ୍ୱେଟ୍ ବିଜେଡି ନେତାଙ୍କ ଇଶାରାରେ କର୍ପୋରେଟର ମାନେ କୁଆଡେ ଜାଣିଶୁଣି ବିବାଦ ସୃଷ୍ଟି କରିଥିଲେ। କୁହାଯାଉଛି, ମେୟର ଯଦିଓ ଶଙ୍ଖ ଦଳର ବ୍ୟାନରରେ ଜିତିଛନ୍ତି, କିନ୍ତୁ ଆଉ ଏକ ଦଳୀୟ ହେବିଓ୍ୱେଟ୍ ନେତାଙ୍କ ଗୋଷ୍ଠୀ ତାଙ୍କ କାର୍ଯ୍ୟଶୈଳୀକୁ ସହଜରେ ଗ୍ରହଣ କରିପାରୁନାହାଁନ୍ତି। ଏପଟେ ବିଏମସି କମିଶନର ଏହି ଦଳୀୟ ବିବାଦରେ କୁଆଡେ ବଳି ପଡୁଛନ୍ତି। କାରଣ ପୂର୍ବରୁ ବିଏମସିର ଷ୍ଟାଣ୍ଡିଂ କମିଟି ଗଠନ ଚୟନ ପ୍ରକ୍ରିୟାରେ ହୋଇଥିବା ବେଳେ କୌଣସି କର୍ପୋରେଟରଙ୍କ ସ୍ୱର କି ଶବ୍ଦ ନଥିଲା। ତେବେ ଗତ ସାଧାରଣ ନିର୍ବାଚନରେ ବିଜେଡି ବଡ ପରାଜୟର ସାମ୍ନା କରିବା ପରେ ସ୍ଥାନୀୟ ଶଙ୍ଖ ଶିବିରରେ ଗୋଷ୍ଠୀ ବିବାଦ ମୁଣ୍ଡ ଟେକିଥିଲା। ଜଣେ ପୂର୍ବତନ ବିଧାୟକଙ୍କ ସମର୍ଥିତ କର୍ପୋରେଟର ଗୋଷ୍ଠୀ ମେୟର ଏବଂ କମିଶନରଙ୍କ କାର୍ଯ୍ୟକୁ ସହ୍ୟ କରିପାରିନଥିଲେ। କୌଣସି କାର୍ଯ୍ୟରେ ସେମାନଙ୍କୁ ସହଯୋଗ କରୁନଥିବା ଅଭିଯୋଗ କରି ଆସୁଥିଲେ। ଯାହା ପରେ ବିବାଦ ବଢ଼ି ବଢ଼ି ଚାଲିଥିଲା। ଯାହାର ପ୍ରତିଫଳନ ଏବେ କାଉନସିଲ୍ ବୈଠକରେ ମଧ୍ୟ ଦେଖିବାକୁ ମିଳିଥିବା ଆଲୋଚନା ହେଉଛି। ଏକ ଅସମର୍ଥୀତ ସୂତ୍ର କହୁଛି, ବ୍ରହ୍ମପୁର ବିଜେଡି ଏବେ ଦୁଇ ଫାଳ ହୋଇ ରହିଛି। ଯାହାର ପ୍ରଭାବ କାଉନସିଲ୍ ବୈଠକରେ ଦେଖିବାକୁ ମିଳିଛି। କମିଶନରଙ୍କ କାନ୍ଧରେ ବନ୍ଧୁକ ରଖି ମେୟରଙ୍କୁ କୁଆଡେ ଟାର୍ଗେଟ କରାଯାଉଛି।

ଅନ୍ୟପଟେ ଏଭଳି ଘଟଣା ସାମ୍ନାକୁ ଆସିବା ପରେ ସାଧାରଣରେ ଏହାକୁ ନିନ୍ଦା କରାଯାଇଛି। ଘର କଳି ଘରେ ସମାଧାନ କରି ସହରର ବିକାଶ ପାଇଁ ଜନ ପ୍ରତିନିଧି ମାନେ କାର୍ଯ୍ୟ କରିବାକୁ ବ୍ରହ୍ମପୁରବାସୀ ନିଓ୍ୱେଦନ କରିଛନ୍ତି। ଏବଂ ଦଳର କନ୍ଦଳକୁ ଦଳୀୟ ଫୋରମରେ ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

### ଏରସମା ପଞ୍ଚାୟତ ସମିତିର ୭ମ ବୈଠକ ଶେଷ

# ବ୍ଲକ କ୍ୟାମ୍ପସରେ ବିଧାୟକ-ସାଂସଦ ସମର୍ଥକ ମୁହାଁମୁହିଁ



**ଏରସମା, ୩୦।୧ (ସଂଚାର ବ୍ୟୁରୋ):** ଦୀର୍ଘ ୪ମାସ ପରେ ଏରସମା ପଞ୍ଚାୟତ ସମିତିର ୭ମ ଅଧିବେଶନ ସୁରୁଖୁରୁରେ ସମାପ୍ତ ହୋଇଥିବା ବେଳେ ଗୃହ ବାହାରେ ବିଜେଡି ବିଧାୟକ ସାରଦା ଜେନା ଓ ବିଜେପି ସାଂସଦ ବିଭୂ ତରାଇଙ୍କ ସମର୍ଥକ ମାନେ ଏକ ରକମ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଥିଲା। ଅଧିବେଶନ ଆରମ୍ଭରୁ ବିଧାୟକ ଶ୍ରୀ ଜେନା ବୈଠକରେ ଉପସ୍ଥିତ ଥିବା ସମୟରେ ସାଂସଦ ଶ୍ରୀ ତରାଇ ଟିକିଏ ବିଳମ୍ବରେ ବୈଠକରେ ଭାଗ ନେଇଥିଲେ। ସାଂସଦ ବିଭୂପ୍ରସାଦ ତରାଇ ବ୍ଲକ କ୍ୟାମ୍ପସରେ ପହଁଚିବା କ୍ଷଣି ବିଜେପିର ମଣ୍ଡଳ ସଭାପତି ଅମରେନ୍ଦ୍ର ଦଳାଇ ଓ ଜିଲ୍ଲା ୱିଜେପି କୋଷାଧ୍ୟକ୍ଷ ନିର୍ଲିପ୍ତ ଜେନା , ଜଟାଧାରୀ ସ୍ୱାଇଁଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ ବିଜେପି କର୍ମୀ ଦଳୀୟ ନାରାବାଜି ଦେଇ ସାଂସଦଙ୍କୁ ପଞ୍ଚାୟତ ସମିତି ଗୃହ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଗୃହ ବାହାରେ ରୁଣ୍ଡ ହୋଇଥିବା ଶତାଧିକ ବିଜେଡି କର୍ମୀ ବିଧାୟକ ସାରଦା ଜେନା ଜିନ୍ଦାବାଦ, ବିଜେଡି ଜିନ୍ଦାବାଦ ଧ୍ୱନି ଦେଇଥିଲେ। ଉଭୟ ପକ୍ଷର ନାରାବାଜିରେ ବ୍ଲକ କ୍ୟାମ୍ପସ ପ୍ରକମ୍ପିତ ହୋଇଥିବା ବେଳେ କିଛି ସମୟ ପାଇଁ ଦୁଇ ଗୋଷ୍ଠୀ ମୁହାଁମୁହିଁ ସ୍ଥିତିକୁ ଆସିଯାଇଥିବା ଦେଖିବାକୁ ମିଳିଥିଲା।

ଖବରପାଇ ଏରସମା ଥାନାର ଭାରପ୍ରାପ୍ତ ଅଧିକାରୀ ନିରଞ୍ଜନ ଦାସ ସଦଳବଳେ ବ୍ଲକ କାର୍ଯ୍ୟାଳୟରେ ପହଁଚି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ। ଅନ୍ୟପକ୍ଷରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତିର ୭ମ ଅଧିବେଶନ ବେଶ୍ ସରଗରମ ହୋଇଥିଲା। ବିଶେଷ କରି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ମନ୍ଥରତା ଓ ନିମ୍ନମାନର କାର୍ଯ୍ୟ ନେଇ ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ ଏବଂ ଅନ୍ୟ ପିଆରଆଇ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଏରସମା ବ୍ଲକର ଆମ୍ବିକି ପଞ୍ଚାୟତର ପରମାନନ୍ଦ ଡିହାଁ, ସରବନ୍ତ ଜଗନ୍ନାଥ ଧାମ ଓ ଶିଆଳୀ ବେଳାଭୂମିକୁ ପର୍ଯ୍ୟଟନ ବିଭାଗ ମାଧ୍ୟମରେ ବିକଶିତ କରିବା ପାଇଁ ବିଧାୟକ ସାରଦା ପ୍ରସନ୍ନ ଜେନା ପଞ୍ଚାୟତ ସମିତି ଜରିଆରେ ପ୍ରସ୍ତାବ ରଖିଥିଲେ। ଏହି ବୈଠକରେ ସାଂସଦ ବିଭୂପ୍ରସାଦ ତରାଇ ପିଆରଆଇ ମେମ୍ବରଙ୍କ ଦାବିକୁ ଯଥାର୍ଥ ବୋଲି ଦର୍ଶାଇ ଅଭିଯୋଗ ସଂପର୍କରେ ଯଥାଶିଘ୍ର ପଦକ୍ଷେପ ନେବାକୁ ସରକାରୀ ପଦାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଜିଲ୍ଲା ପରିଷଦ ସଭ୍ୟ ପିତବାସ ଗୋଛାୟତ, ରାଣୀଟୁଡୁ, ପିନାକୀ ଦାସ, ଉପାଧ୍ୟକ୍ଷ ବିକାଶ ପରିଡ଼ାଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଲାଇନ ଡିପାର୍ଟ ମେଣ୍ଟର ଅଫିସର ଉପସ୍ଥିତ ଥିଲେ।

# ରାସ୍ତା କଡ଼ରୁ ହଟୁନି କାଠଗଣ୍ଡି ବୋଝେଇ ଟ୍ରକ




**ବନ ବିଭାଗ ଖୋଲୁନାହିଁ ମୁହଁ**

**ଜୟପୁର, ୩୦।୧ (ସଂଚାର ବ୍ୟୁରୋ):** ବୈପାରୀଗୁଡା ୩୨୬ନମ୍ବର ଜାତୀୟ ରାଜପଥ କଡ଼ ବୈପାରୀଗୁଡା ପେଟ୍ରୋଲ ପମ୍ପ ସମ୍ମୁଖରେ ରହିଛି ପାଲଘୋଡା ଏକ ଟ୍ରକ ଓ ଟ୍ରକ ଭିତରେ ରହିଛି କାଠ ଗଣ୍ଡି। ଗତ ୨୮ ତାରିଖ ମଙ୍ଗଳବାର ଦିନ ଠାରୁ ଆଜି ପର୍ଯ୍ୟନ୍ତ ପଡିରହିଛି। ଗାଡି ପାଖରେ କେହି ନାହାନ୍ତି। କିନ୍ତୁ ଯାହା ଶୁଣିବାକୁ ମିଳୁଛି ବନ ବିଭାଗ କର୍ମଚାରୀ ଗାଡିର କାଗଜପତ୍ର ନେଇଛନ୍ତି। ଆଜିକୁ ତିନିଦିନ ହେବ ଗାଡିଟି ପଡିରହିଛି। ବନ ବିଭାଗ ମଧ୍ୟ ପ୍ରତିକ୍ରିୟା ଦେଉନାହାନ୍ତି। ବନାଞ୍ଚଳ ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ସୁଦ୍ଧା ଯୋଗାଯୋଗ ସମ୍ଭବ ହୋଇପାରୁନାହିଁ। ଆନ୍ଧ୍ରପ୍ରଦେଶ ନମ୍ବର ଥିବା ଏହି ଗାଡିରେ ଯାଉଥିବା ଏହି କାଠ ଗଣ୍ଡି କେଉଁଠିକୁ ଯାଉଛି, ଚୋରା ଚାଲାଣ ହେଉଛି ନା କାଗଜ ପତ୍ର ଠିକ ଅଛି, ବନ ବିଭାଗ ତିନି ଦିନ ହେଲା ଘଟଣାକୁ ନେଇ ମୁହଁ ଖୋଲୁନାହାନ୍ତି। ଯଦି କାଗଜପତ୍ର ଠିକ ଅଛି ତାହା ହେଲେ ଗାଡି କାହିଁକି ଛଡା ଯାଉନି। ଯଦି ଭୁଲ ଅଛି ବନ ବିଭାଗ କାର୍ଯ୍ୟାଳୟକୁ କାହିଁକି ଅଣାଯାଉନାହିଁ। ସବୁ ରହିଛି ଅନ୍ଧାରରେ। ସତ୍ୟା ଲୁଚାଇବାକୁ ଉଦ୍ୟମ ହେଉଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ବନ ବିଭାଗ କେବେ ଘଟଣା ସମ୍ପର୍କରେ ମୁହଁ ଖୋଲିବ ଦେଖିବାକୁ ବାକି ରହିଲା।

## ଅର୍ଦ୍ଧନିର୍ମିତ ଅଙ୍ଗନବାଡି କେନ୍ଦ୍ରକୁ ନେଇ ଅଭିଯୋଗ



**ଖପ୍ରାଖୋଲ, ୩୦।୧ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ କର୍ଲାକୁଟୁନା ଗାଁରେ ଅଙ୍ଗନବାଡି କେନ୍ଦ୍ର ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ଯାହାକୁ ନେଇ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ହେଲା ତାଙ୍କ ଗ୍ରାମରେ ଦୀର୍ଘ ୫ ବର୍ଷ ପୂର୍ବେ ଅଙ୍ଗନବାଡି କେନ୍ଦ୍ର ଆରମ୍ଭ ହୋଇଥିଲା ଓ ନିଜସ୍ୱ ଗୃହ ନିର୍ମାଣ କରାଗଲା ସେହି ଗୃହ ବିପଦ ପୂର୍ଣ ହେବାରୁ ଅନ୍ୟ ଜାଗାରେ ନୂତନ ଗୃହ ନିର୍ମାଣ କରାଯାଇଛି ହେଲେ ଅଧାପନ୍ତରିଆ ଅବସ୍ଥାରେ ପଡିରହିଥିବା ଯୋଗୁ ଶିଶୁମାନେ ଯାଯାବର ଭାବେ କାହାର ବାରଣ୍ଡାରେ ତ କେତେବେଳେ ଗଛ ତଳେ ପଢୁଛନ୍ତି । ଏହି ଗ୍ରାମ ଦୁଇଟି ୱାଡ ବିଶିଷ୍ଟ ଓ ୫୦ ଜଣ ଶିଶୁ ପଢୁଛନ୍ତି ସେମାନେ କିପରି ଭାବେ ପାଠ ପଢିବେ ବୋଲି ପ୍ରଶ୍ନ କରିବା ସହ ଶିଘ୍ର ଅର୍ଦ୍ଧନିର୍ମିତ ଅଙ୍ଗନବାଡି କୋଠା ତିଆରି ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନି ଦେଇଛନ୍ତି । ଏନେଇ ଗ୍ରାମବାସୀଙ୍କ ତରଫରୁ ଜିଲ୍ଲପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ । କିନ୍ତୁ କୌଣସି କାମ ଆଗକୁ ବଢ଼ି ପାରିଲା ନାହଁ । ଖପ୍ରାଖୋଲ ବିଡିଓଙ୍କୁ ମଧ୍ୟ ଅସୁବିଧା ବିଷୟରେ ଜଣାଇଛନ୍ତି ତଥାପି ବର୍ଷ ବର୍ଷ ବିତିଗଲାଣି ସମସ୍ୟା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

### ସାଲେପୁର ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ

# ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ




**ସାଲେପୁର, ୩୦।୧ (ସଂଚାର ବ୍ୟୁରୋ):** ସାଲେପୁର ଆଦର୍ଶ ବିଦ୍ୟାଳୟ ରାଘବପୁରର ତୃତୀୟ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନେ ମଧୁବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହେଲେ ସମାଜରେ ଜଣେ ଜଣେ ଭଲ ମଣିଷ ହୋଇପାରିବେ ବୋଲି ପ୍ରକାଶ କରିଥିଲେ।

ମୁଖ୍ୟବକ୍ତା ଭାବେ ସାଲେପୁର ଫାର୍ମାସୀ କଲେଜର ଅଧ୍ୟକ୍ଷ ଡଃ ପ୍ରବୀର କୁମାର ସିହ୍ନାମହାପାତ୍ର, ବିଶିଷ୍ଟ ଅତିଥି ଭାବେ ଯୁବ ସମାଜସେବୀ ହରିବନ୍ଧୁ ଶତପଥି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସାଲେପୁର ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଯଶୋବନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସାଲେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଖଗେଶ୍ୱର ପାତ୍ର, ତହସିଲଦାର ଜୟନ୍ତ କୁମାର ଜୟସିଂ, ଚେୟାରମ୍ୟାନ୍ ରାମଚନ୍ଦ୍ର ଭୋଇ, ସରପଞ୍ଚ ପବିତ୍ର କୁମାର ସାମଲ, ସମିତିସଭ୍ୟା ଗୌତମୀ ମଲ୍ଲିକ, ବାରଙ୍ଗ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକ, କଟକ ସଦର୍ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ପଟେଲ, କୁଲେଇଲୋ ଆଠଗଡ଼ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ରଶ୍ମିରଞ୍ଜନ ବେହୁରା, ସାମ୍ବାଦିକ ଶାରଦା ପଣ୍ଡା ଯୋଗଦେଇଥିଲେ।

ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ଅତିଥିମାନେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଓଡ଼ିଆ ଶିକ୍ଷକ ଡଃ ସନ୍ତୋଷ କୁମାର ନାୟକ, ଲକ୍ଷ୍ମୀଧର ଦାସ, ଜଗନ୍ନାଥ ପଣ୍ଡା, ରିହାନା ଅକତାର, ସ୍ୱର୍ଣ୍ଣପ୍ରଭା ନନ୍ଦ, ଅସୀମା ଘୋଷ, ବିଶ୍ୱବିଜୟୀ ବିବେକାନନ୍ଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ କଳା ଶିକ୍ଷକ ପ୍ରତାପ କୁମାର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ରାସନକାର୍ଡ ହାତେଇଛନ୍ତି ସରକାରୀ ଚାକିରିଆ: ପ୍ରଥମ ପର୍ଯ୍ୟାୟରେ ୨୬ ଚିହ୍ନଟ

**କାକଟପୁର/ଅସ୍ତରଙ୍ଗ, ୩୦।୧ (ସଂଚାର ବ୍ୟୁରୋ):** ଭାରତ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଦ୍ୱାରା ଦେଶର ଗରିବ ପରିବାର ଓ ଅସହାୟ ବ୍ୟକ୍ତିଙ୍କୁ ଆହାର ଯୋଗାଇବା ପାଇଁ ରାସନକାର୍ଡ ମାଧ୍ୟମରେ ମାସକୁ ପାଞ୍ଚ କେଜି ଚାଉଳ ସହିତ ଅନ୍ୟ ସୁବିଧା ମଧ୍ୟ ମିଳୁଛି। ମାତ୍ର ପୂର୍ବ ସରକାରଙ୍କ ଉଦାସିନତା ଏବଂ ଖାଦ୍ୟ ଯୋଗାଣ ବିଭାଗର ଖାମ ଖିଆଲି ନୀତି ଯୋଗୁଁ ରାଜ୍ୟରେ ତୃଣମୂଳ ସ୍ତରରେ ଏହି ଯୋଜନା ସୁଫଳ ପ୍ରକୃତ ଯୋଗ୍ୟ ହିତାଧିକାରୀ ପାଇ ପାରୁନାହାନ୍ତି। ଅନେକ ବିଭାଗରେ ସରକାରୀ ନିଯୁକ୍ତି ପାଇଥିବା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୨୬ଟି କାର୍ଡ ହାତେଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଜଣାପଡିଛି। ତେବେ ଢୋଲ ଭିତରେ ମୂଷା ଭଳି ଆହୁରି ଅନେକ ଅଯୋଗ୍ୟ ହିତାଧିକାରୀ ଯେପରିକି ବଡ଼ ବଡ଼ ବ୍ୟବସାୟୀ, ଚାରି ଚକିଆ ଯାନ ମାଲିକ, ବଡ଼ ବଡ଼ କୋଠା ମାଲିକ ଓ କରଦାତା ଆଦି କାର୍ଡ ହାତେଇଛନ୍ତି।

ଅନ୍ୟପଟେ ଏବେ ବି ବହୁ ଅସହାୟ, ଭିନ୍ନକ୍ଷମ



ଏବଂ ଗରିବ ପରିବାର ଏହି ରାସନ କାର୍ଡ ସୁବିଧାରୁ ବଂଚିତ ଅଛନ୍ତି। ପ୍ରାଥମିକ ପର୍ଯ୍ୟାୟ ରେ ବର୍ତମାନ ଏଚଆରଏମ୍ଏସ ପୋର୍ଟାଲରୁ ତଥ୍ୟ ସଂଗ୍ରହ କରି ସରକାର ଇକେଓ୍ୱାଇସି ତଥ୍ୟ ଆଧାରରେ ସରକାରୀ ଚାକିରୀ ଥାଇ ରାସନ ହାତେଇଥିବା ପରିବାର ଉପରେ ଯାଞ୍ଚ ପାଇ ୬୦ଜଣ ମଧ୍ୟରୁ ୨୬ ଟି ପରିବାର କାର୍ଡ କଟିଛି। ସେମାନଙ୍କ ମଧ୍ୟରୁ ଶିକ୍ଷକ, ନର୍ସିଂ କର୍ମଚାରୀ,

**ଶିକ୍ଷକ, କିରାଣୀ ସହ ଅନେକ ଗିଳିଛନ୍ତି ଗରିବଙ୍କ ଚାଉଳ**

ବନ କର୍ମଚାରୀ ଓ ପୋଲିସ କର୍ମଚାରୀ ରହିଛନ୍ତି। ଯାହା ଫଳରେ ୨୬ଟି କାର୍ଡ ଯାଞ୍ଚ କଟା ଯାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ମାତ୍ର ୯୦. ୬୫ପ୍ରତିଶତ ଯାଞ୍ଚ କରାଇଛନ୍ତି। ବ୍ଲକର ୧୫ଗୋଟି ପଂଚାୟତରେ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୬୮ହଜାର ୯ଶହ ୮୭ଜଣ ହିତାଧିକାରୀ ରାସନ କାର୍ଡରେ ଅନ୍ତର୍ଭୁକ୍ତ ହୋଇ ରାସନ ସାମଗ୍ରୀ ପାଉଛନ୍ତି, ସେଥିମଧ୍ୟରୁ ୬୨ହଜାର ୫ଶହ ୩୪ଜଣ ଇକେଓ୍ୱାଇସି ଅପଡେଟ କରିଛନ୍ତି। ଆଉ ୬ହଜାର ୪ଶହ ୫୩ଜଣ ହିତାଧିକାରୀ ଅପଡେଟ କରିନାହାନ୍ତି। ଜାନୁୟାରୀ ୩୧ ଶେଷ ତାରିଖ ଥିବାରୁ ଏତେ ସଂଖ୍ୟକ ହିତାଧିକାରୀ କାହିଁକି ଇ-କେଓ୍ୱାଇସି କରୁ ନାହାନ୍ତି ? ସବୁ ସ୍ତରରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। କିଛି ଅଯୋଗ୍ୟ ହିତାଧିକାରୀ ତାଲିକାରେ ରହିଥିବା ଆଲୋଚନା ହେଉଛି। ଅପେକ୍ଷା ଇ -କେଓ୍ୱାଇସି ଶେଷ ତାରିଖ ସରିବା ପରେ ଜଣା ପଡିବ କେତେ ଜଣ ହାତେଇ ଖାଉଥିଲେ ଗରିବ ଚାଉଳ, ଏଥିରେ କେତେ ସରକାରୀ ଚାକିରିଆ ?

# ବ୍ରାଉନସୁଗର ଜବତ: ଜଣେ ଗିରଫ

**ନୟାଗଡ଼, ୩୦।୧ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଚାନ୍ଦପୁର ପୁଲିସକୁ ମିଳିଛି ବଡ଼ ସଫଳତା । ଜଣେ ବ୍ରାଉନସୁଗାର ବେପାରୀକୁ ଗିରଫ କରିଛି । ସୁଚନାନୁସାରେ ଚାନ୍ଦପୁର ଥାନାର ସବ୍‌ଇନିସ୍‌ପେକ୍ଟର ଶ୍ରଦ୍ଧା ନାୟକଙ୍କ ନେତୃତ୍ୱରେ ପୁଲିସ ଟିମ୍ ଚାନ୍ଦପୁର ଅଞ୍ଚଳର ମଧୁବନ ଅଞ୍ଚଳରେ ପେଟ୍ରୋଲିଂ କରୁଥିଲେ । କନ୍ଧ ନୟାଗଡ଼



ଗ୍ରାମର ଦୁର୍ଯ୍ୟୋଧନ ବେହେରାଙ୍କ ପୁଅ ଗଣେଷ ବେହେରାଙ୍କ ଠାରୁ ୨୨ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲେ । ଯାହାର ମୁଲ୍ୟ ଅଢ଼େଇ ଲକ୍ଷ ଟଙ୍କା ହେବ । ସେ ବ୍ରାଉନ ସୁଗାର ଧରି ବିଭିନ୍ନ ସ୍ଥାନରେ ବେପାର କରୁଥିଲେ । ଚାନ୍ଦପୁର ଥାନା ପୁଲିସ ପକ୍ଷରୁ କେସ ନଂ - ୮/୨୦୨୫ ରେ ମାମଲା ରୁଜୁ କରାଯାଇ ଗଣେଷ ବେହେରାଙ୍କୁ କୋର୍ଟ ଫରୱାର୍ଡ କରାଯାଇଛି । ଚାନ୍ଦପୁର ଆଇଆଇସି ଦିଲ୍ଲୀପ କୁମାର ସ୍ୱାଇଁ ସୁଚନା ଦେଇଥିବା ବେଳେ ଏସଆଇ ଶ୍ରଦ୍ଧା ନାୟକ ଉପସ୍ଥିତ ଥିଲେ।